CMYK

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- Vol.- 46, Issue No. 37
- Friday, 8 May 2026
- ଶୁକ୍ରବାର, ୮ ମଇ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ଓଡ଼ିଶାର ଭିତ୍ତିଭୂମି ସୁଦୃଢ଼ ପାଇଁ କେନ୍ଦ୍ର ସରକାରଙ୍କ ବଡ଼ ପଦକ୍ଷେପ

# ୧୦ ସଡକ ପ୍ରକଳ୍ପ ପାଇଁ ୭୬୯ କୋଟି ମଞ୍ଜୁର

- ★ ଦଳଗାଁ-ତିଲିଆ ଏବଂ ଚାରପାଲି ଡଙ୍ଗାଘାଟ ରାସ୍ତା ସହ ରାମପେଲା ଆପ୍ରୋଚ୍ ବ୍ରିଜ ନିର୍ମାଣ
- ★ ବ୍ରହ୍ମପୁର ଟାଟା ବେଞ୍ଜ ଛକରୁ ଏମକେସିଜି ପର୍ଯ୍ୟନ୍ତ ଫ୍ଲାଇଓଭର
- ★ ସେମିଳିଗୁଡା-ହାଣ୍ଡିପୁଟ ରାସ୍ତା ଉନ୍ନତିକରଣ
- ★ ଉମରକୋଟ୍-ଚନ୍ଦାହାଣ୍ଡି-ମାଲଗାଁ ରାସ୍ତା ପ୍ରଶସ୍ତିକରଣ
- ★ ଅଡବା-ପାଣିଗଣ୍ଡା ରାସ୍ତା ପ୍ରଶସ୍ତିକରଣ କରାଯିବ



ଭୁବନେଶ୍ୱର,୭।୫: ରାଜ୍ୟର ସାମଗ୍ରିକ ବିକାଶ ଓ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ସଡ଼କ ଓ ଭିତ୍ତିଭୂମି ପାଣ୍ଠି ଯୋଜନା ଅଧୀନରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ୧୦ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ନିମନ୍ତେ ୭୬୯ କୋଟିରୁ ଅଧିକ ଟଙ୍କା ମଞ୍ଜୁର କରାଯାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସଡକ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ ଜଣାଇଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ବିଶେଷ କରି ରାଜ୍ୟର ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ୨୦୨୬-୨୭ ବର୍ଷ ପାଇଁ କେନ୍ଦ୍ରୀୟ ସଡକ ଓ ଭିତ୍ତିଭୂମି ପାଣ୍ଠି ଦ୍ୱାରା ଅନୁମୋଦନ ହୋଇଥିବା ଏହି ସବୁ ପ୍ରକଳ୍ପ ଗୁଡିକ ମଧ୍ୟରେ ୫୨.୬୯ କୋଟିରୁ ଅଧିକ ଟଙ୍କାରେ ଝାରସୁଗୁଡା ଜିଲ୍ଲାର ଦଳଗାଁ-ତିଲିଆ ଏବଂ ଚାରପାଲି ଡଙ୍ଗାଘାଟ ରାସ୍ତା ସହ ରାମପେଲା ଆପ୍ରୋଚ୍ ବ୍ରିଜ ନିର୍ମାଣ କରାଯିବ। ୧୪୬ କୋଟିରୁ ଅଧିକ ଟଙ୍କାରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଟାଟା ବେଞ୍ଜ ଛକରୁ ଏମକେସିଜି ପର୍ଯ୍ୟନ୍ତ ଫ୍ଲାଇଓଭର, ୧୬୮.୨୬ କୋଟିରୁ ଅଧିକ ଟଙ୍କାରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଗିରିରୋଡ ଛକରୁ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଫ୍ଲାଇଓଭର କରାଯିବ। ସେହିପରି ୩୮.୪୬ କୋଟିରୁ ଅଧିକ ଟଙ୍କାରେ କୋରାପୁଟ୍ ଜିଲ୍ଲା ସେମିଳିଗୁଡା-ହାଣ୍ଡିପୁଟ ରାସ୍ତା ଉନ୍ନତିକରଣ, ୧୫.୨୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ କୋରାପୁଟ୍ ଜିଲ୍ଲା ଲମ୍‌ତାପୁଟ୍-ମାଛକୁଣ୍ଡ ରାସ୍ତା ଉନ୍ନତିକରଣ, ୩୨.୬୨ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ନବରଙ୍ଗପୁର ଜିଲ୍ଲା ଉମରକୋଟ୍-ଚନ୍ଦାହାଣ୍ଡି-ମାଲଗାଁ ରାସ୍ତା ପ୍ରଶସ୍ତିକରଣ, ୪୫.୫୨ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଗଜପତି ଜିଲ୍ଲା ଅଡବା-ପାଣିଗଣ୍ଡା ରାସ୍ତା ପ୍ରଶସ୍ତିକରଣ କରାଯିବ। ୨୪.୮୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଗଜପତି ଜିଲ୍ଲା ରାମଗିରି-ଜିରାଙ୍ଗ-ନାରାୟଣପୁର ରାସ୍ତା ସୁଦୃଢୀକରଣ, ୬୧.୧୧ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ନୂଆପଡା ଜିଲ୍ଲା ଖରିଆର୍ ରୋଡ୍-ଆମୋଦୀ-ବେଲଟୁକୁରି ରାସ୍ତା ପ୍ରଶସ୍ତିକରଣ ଏବଂ ୧୮୪.୯୭ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର-ବାଟଗ୍ରାମ-ଚନ୍ଦନେଶ୍ୱର ରାସ୍ତା ଉନ୍ନତିକରଣ କାର୍ଯ୍ୟ କରାଯିବ। ଉପାନ୍ତରୁ ନେଇ ଉପକୂଳ ଜିଲ୍ଲା ପର୍ଯ୍ୟନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ସଡକ ପ୍ରକଳ୍ପ ଗୁଡିକ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିବା ସହିତ ସ୍ଥାନୀୟ ଅର୍ଥନୀତିକୁ ସମୃଦ୍ଧ କରିବାରେ ବେଶ୍ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଏକ୍ସରେ ଜଣାଇଛନ୍ତି।

# ପଶ୍ଚିମବଙ୍ଗ ବିଧାନସଭା ଭାଙ୍ଗିଲେ ରାଜ୍ୟପାଳ

## ୯ରେ ନୂଆ ସରକାରଙ୍କ ଶପଥ ଗ୍ରହଣ

କୋଲକାତା,୭।୪: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପରାଜୟ ପରେ ମଧ୍ୟ ମମତା ବାନାର୍ଜୀ ଇସ୍ତଫା ଦେବାକୁ ମନା କରିବାରୁ, ରାଜ୍ୟପାଳ ସାମ୍ବିଧାନିକ ପ୍ରକ୍ରିୟା ଅନୁଯାୟୀ ମନ୍ତ୍ରିମଣ୍ଡଳକୁ ବରଖାସ୍ତ କରିଛନ୍ତି। ନୂଆ ବିଧାନସଭା ଗଠନ ପ୍ରକ୍ରିୟା ଶେଷ ହୋଇଥିବାରୁ ପୁରୁଣା ବିଧାନସଭାକୁ ଭଙ୍ଗ କରାଯାଇଛି। ମେ ୪ରେ ନିର୍ବାଚନୀ ଫଳାଫଳରେ କେବଳ ଟିଏମସି ପରାଜୟ ଭୋଗିନାହିଁ ବରଂ ମମତା ବାନାର୍ଜୀ ଭବାନୀପୁରରୁ ନିଜ ସିଟ୍ ବି ବଞ୍ଚାଇ ପାରି ନାହାନ୍ତି। ୧୫ ବର୍ଷ ପର୍ଯ୍ୟନ୍ତ ଶାସନରେ ଥିବା ମମତା ବାନାର୍ଜୀଙ୍କ ଅଭେଦ୍ୟ ଦୁର୍ଗକୁ ଭେଦ କରି ବିଜେପି ୨୦୭ ସିଟ୍ ଜିତି ଐତିହାସିକ ବିଜୟ ହାସଲ କରିଛି। ଲୋକଭବନ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ରାଜ୍ୟପାଳ ଆରଏନ ରବି ପଶ୍ଚିମବଙ୍ଗ ରାଜ୍ୟ ବିଧାନସଭାର କାର୍ଯ୍ୟକାଳ ପୂରା ହେବା ପରେ ମେ ୭ରେ ବିଧାନସଭା ଭଙ୍ଗ କରିଛନ୍ତି। ବର୍ତ୍ତମାନର ବିଧାନସଭା ୨୦୨୧ ମେରେ ଗଠନ ହୋଇଥିଲା ଏବଂ ମମତା ତୃତୀୟ ଥର ରାଜ୍ୟରେ କ୍ଷମତାସୀନ ହୋଇଥିଲେ। ତେବେ ୨୦୨୬ ମେ ୪ରେ ନିର୍ବାଚନ ଫଳାଫଳ ପ୍ରକାଶ ପରେ ବର୍ତ୍ତମାନର ବିଧାନସଭାର କାର୍ଯ୍ୟକାଳ ଆନୁଷ୍ଠାନିକ ଭାବେ ସମାପ୍ତ ହେଉଛି। ମମତା ବାନାର୍ଜୀ କହିଥିଲେ ଯେ, ସେ ଲୋକଭବନ ଯିବେ ନାହିଁ କି ଇସ୍ତଫା ଦେବେ ନାହିଁ। ତାଙ୍କୁ ଯଦି ବରଖାସ୍ତ କରିବାର ଅଛି ତେବେ କରି ପାରନ୍ତି। ଏହି ନିର୍ବାଚନ ଫଳାଫଳକୁ ଜନାଦେଶ ନୁହେଁ ବରଂ ଏକ 'ଷଡ଼ଯନ୍ତ୍ର' ବୋଲି କହିଛନ୍ତି। ପ୍ରାୟ ୧୦୦ଟି ସିଟରେ ଜନାଦେଶକୁ ଲୁଟ୍ କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ମେ ୯ ତାରିଖରେ କୋଲକାତାର ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡରେ ବିଜେପିର ପ୍ରଥମ ସରକାର ଶପଥ ଗ୍ରହଣ କରିବେ। ଏହି ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ସମେତ ବହୁ ବିଶିଷ୍ଟ ନେତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।



## କାଳବୈଶାଖୀ: ବାଉଁଶବୁଦା ପଡ଼ି ଶାଶୁ-ବୋହୂ ମୃତ

ଭଞ୍ଜନଗର,୭।୫: କାଳବୈଶାଖୀ ବର୍ଷା ପବନରେ ଗଲା ୨ ଜୀବନ । ବର୍ଷା ପବନ ଯୋଗୁଁ ବାଉଁଶକୁମ୍ଭ ତଳେ ଚାପି ହୋଇଥିଲେ ଦୁଇ ମହିଳା ତଥା ଶାଶୁ ଓ ବୋହୂ । ଭଞ୍ଜନଗର ଥାନା ଅନ୍ତର୍ଗତ ମୁଦୁଲିପଲ୍ଲୀ ଗାଁ ନିକଟର ଏଭଳି ଘଟଣା ଦେଖିବାକୁ ମିଳିଛି । ବର୍ଷା ଯୋଗୁଁ ଉଭୟ ସେଠାରେ ଆଶ୍ରୟ ନେଇଥିଲେ । ହଠାତ୍ ବାଉଁଶକୁମ୍ଭଟି ଉପୁଡ଼ି ଯିବାରୁ ଦୁଇ ମହିଳାଙ୍କ ଉପରେ ପଡ଼ିଯାଇଥିଲା । ମୃତ ଦୁଇ ମହିଳା ଶାଶୁ ଶୈଳ ବିଷୋୟୀ ଏବଂ ବୋହୂ ସନ୍ତୋଷିନୀ ବିଷୋୟୀ । ଖବର ପାଇ ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କରି ସେମାନଙ୍କୁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆବଶ୍ୟକ ସହଯୋଗ ନ କଲେ ଅନ୍ତରୀଣ ସୁରକ୍ଷା ପ୍ରତ୍ୟାହାର: ହାଇକୋର୍ଟ

କଟକ,୭।୫: ଚୌଦ୍ୱାର ସର୍କଲ ଜେଲ ଅଧିକ୍ଷକଙ୍କୁ ହାଇକୋର୍ଟଙ୍କ ଝଟକା ଲାଗିଛି। ଆବଶ୍ୟକ ସହଯୋଗ ନ କଲେ ପୁଲିସକୁ ଡକ୍ୟୁମେଣ୍ଟ ନ ଦେଲେ ମାର୍ଚ୍ଚ ୨୩ ତାରିଖରେ ଦିଆଯାଇଥିବା ଅନ୍ତରୀଣ ସୁରକ୍ଷା ପ୍ରତ୍ୟାହୃତ ହେବ ବୋଲି ଗତ ୪ ତାରିଖରେ ସ୍ପଷ୍ଟ କୁହାଯାଇଛି। ହାଇକୋର୍ଟ ଗତ ମାର୍ଚ୍ଚ ୩୦ତାରିଖର ଆଦେଶ ଅନୁଯାୟୀ ରାଜ୍ୟ କୁ କେସ୍ ଡାଏରୀ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏହା ଗତ ଶୁଣାଣି ସୁଦ୍ଧା ଗ୍ରହଣ କରାଯାଇଛି। ଶୁଣାଣି ସମୟରେ ଡକ୍ଟର ବିନୋଦ କୁମାର ମିଶ୍ର ତାଙ୍କ ସହଯୋଗୀଙ୍କ ସହିତ ସୂଚନାଦାତାଙ୍କ ପାଇଁ ହାଜର ହୋଇ ଓକିଲାତିନାମା ଦାଖଲ କରିଥିଲେ ଓ ତାହା ଅଦାଲତ ଗ୍ରହଣ କରିଥିଲେ । ଡକ୍ଟର ମିଶ୍ର ଚୌଦ୍ୱାରର କାରାଗାର ଡିଆଇଜିଙ୍କ ଏକ ତଦନ୍ତ ରିପୋର୍ଟ ଦାଖଲ କରିଥିଲେ । ସର୍କଲ୍ ଜେଲ୍ ଦ୍ୱାରା ପରିଚାଳିତ ଇନ-ଆଉଟ୍ ରେଜିଷ୍ଟରରେ ହେରଫେର ହୋଇଥିବା ଡିଆଇଜି ତାଙ୍କ ରିପୋର୍ଟରେ ପ୍ରକାଶ କରିଛନ୍ତି। ଅଭିଯୋଗ କରାଯାଇଛି ଯେ ଆବେଦନକାରୀଙ୍କ ନିର୍ଦ୍ଦେଶରେ ଏପରି ହେରଫେର କରାଯାଇଛି। ଯାହାର ଫଳସ୍ୱରୂପ ସୂଚନାଦାତା ପୂର୍ବତନ ଜେଲର ମିଥ୍ୟା ଭାବରେ ଫସିଛନ୍ତି ଏବଂ ବର୍ତ୍ତମାନ ସେ ବିଭାଗୀୟ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେଉଛନ୍ତି ।

## ଜନଗଣନାକୁ ନେଇ ଓଡ଼ିଶା-ଆନ୍ଧ୍ର ସୀମାରେ ତାତି

ରାୟଗଡ଼,୭।୫: ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅଧୀନରେ ଥିବା ସୀମାନ୍ତ ଗଙ୍ଗାବାଡ଼ ପଞ୍ଚାୟତ ଏବେ ଆନ୍ଧ୍ର ଓ ଓଡ଼ିଶା ପ୍ରଶାସନ ମଧ୍ୟରେ ଏକ ଶକ୍ତି ପ୍ରଦର୍ଶନର କେନ୍ଦ୍ରବିନ୍ଦୁ ପାଲଟିଛି। ଓଡ଼ିଶା ସରକାରଙ୍କ ଦ୍ୱାରା ଜନଗଣନା କାର୍ଯ୍ୟ ଜାରି ରହିଥିବା ବେଳେ ଆନ୍ଧ୍ର ପ୍ରଶାସନର ଅନୁପ୍ରବେଶ ଏବଂ 'ଦାଦାଗିରି' ସୀମାନ୍ତ ଗାଁଗୁଡ଼ିକରେ ତୀବ୍ର ଚାପା ଉତ୍ତେଜନା ସୃଷ୍ଟି କରିଛି। ପ୍ରକାଶ ଯେ, ଗଙ୍ଗାବାଡ଼ ପଞ୍ଚାୟତର ମାଣିକପାଟଣା ଓ ଗୁଡ଼ିଖୁଡ଼ି ଭଳି ଗାଁରେ ଓଡ଼ିଶା ପ୍ରଶାସନ ପକ୍ଷରୁ ଜନଗଣନା ପାଇଁ ଘର ନମ୍ବର ଲେଖାଯାଇଥିଲା। ମାତ୍ର କିଛି ସ୍ଥାନୀୟ ଲୋକଙ୍କ ସୂଚନା ପାଇ ଆନ୍ଧ୍ର କର୍ମଚାରୀମାନେ ସୀମା ପାର ହୋଇ ଆସି ଓଡ଼ିଶାର ନମ୍ବର ଉପରେ ରଙ୍ଗ ମାରି ନିଜର ନମ୍ବର ଲେଖିଦେଇଥିବା ଅଭିଯୋଗ ହୋଇଛି।

# ଯୁବକଙ୍କୁ ପିଟି ପିଟି ହତ୍ୟା: ୪ ଗିରଫ

## ବାଲିଅନ୍ତା ଥାନାରେ ଉତ୍ତେଜନା




ଭୁବନେଶ୍ୱର, ୭।୫ : ରାଜଧାନୀ ଉପକଣ୍ଠରେ ବର୍ବରକାଣ୍ଡ । ଜଣେ ଯୁବକଙ୍କୁ ପିଟିପିଟି ମାରି ଦେଲେ ଲୋକେ । ଲୋକଙ୍କ ମାଡ଼ରେ ଓଲଟପୁର ଥାନା ମଉଜପୁର ଗାଁର ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପୁଲିସ ୪ ଜଣଙ୍କୁ ଗିରଫ କରିଛି । ଏଥିସହ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ଏହି ଘଟଣା ପରେ ବାଲିଅନ୍ତା ଥାନା ପରିସରରେ ଉତ୍ତେଜନା ଦେଖାଦେଇଛି। ସୌମ୍ୟଙ୍କ ସମ୍ପର୍କୀୟ ବାଲିଅନ୍ତା ଥାନା ଘେରାଉ କରିଛନ୍ତି । ଏପରିକି ଥାନାରେ ପୁଲିସ-ସୌମ୍ୟଙ୍କ ସମ୍ପର୍କୀୟ ମୁହାଁମୁହିଁ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ବାଲିଅନ୍ତା ଥାନା ଅଞ୍ଚଳର ୨ଜଣ ଯୁବତୀ ଏକ ସ୍କୁଟିରେ ଭିଙ୍ଗାରପୁର ଯାଉଥିଲେ। ଏହି ସମୟରେ ସୌମ୍ୟ ରଞ୍ଜନ ଏବଂ ତାଙ୍କର ଜଣେ ସହଯୋଗୀ ଓମ ପ୍ରକାଶ ଏକ ବାଇକରେ ଆସି ୨ ଯୁବତୀଙ୍କୁ ଆକ୍ରମଣ ସହ ଅସଦାଚାରଣ କରିଥିଲେ। ଯୁବତୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଦୁଇ ଯୁବକଙ୍କୁ କାବୁକରି ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ ଦୁଇ ଜଣ ଗୁରୁତର ଆହତ ହୋଇଥିଲେ। ଘଟଣା ସ୍ଥଳରେ ବାଲିଅନ୍ତା ପୋଲିସ ପହଞ୍ଚି ୨ଯୁବକଙ୍କୁ ଉଦ୍ଧାର କରି ମେଡିକାଲ୍ ପଠାଇଥିଲେ । କ୍ୟାପିଟାଲ୍ ହସ୍ପିଟାଲରେ ଡାକ୍ତର ସୌମ୍ୟଙ୍କୁ ମୃତ ଘୋଷଣା କରିଛନ୍ତି । ଭୁବନେଶ୍ୱର ଡିସିପି ଜଗମୋହନ ମୀନାସେ ଆହୁରି କହିଛନ୍ତି, ବର୍ତ୍ତମାନଘଟଣାର ତଦନ୍ତ ଚାଲିଛି । ଏହି ଘଟଣାରେ ତିନୋଟି ପକ୍ଷ ଅଛନ୍ତି । ଦୁଇଟି ଝିଅ ଯେଉଁମାନେ ସ୍କୁଟିରେ ଥିଲେ। ଦୁଇ ଜଣ ପୁଅ ଯିଏ ବାଇକରେ ଥିଲେ ଏବଂ ସ୍ଥାନୀୟ ଲୋକ। ମୃତକଙ୍କ ସହିତ ଥିବା ଯୁବକଙ୍କୁ ରଖି ପଚାରଉଚରା କରୁଛୁ। ଭିଡିଓ ଜରିଆରେ ଆକ୍ରମଣକାରୀଙ୍କୁ ଚିହ୍ନଟ କରାଯାଉଛି। ସୌମ୍ୟ ରଞ୍ଜନ ଜିଆରପିରେ କାର୍ଯ୍ୟରତ ଥିଲେ । ଏନେଇ ଜିଆରପିର ଉଚ୍ଚ ପଦାଧିକାରୀଙ୍କୁ ଅବଗତକରାଯାଇଛି।

### କଠୋର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୫: ଭୁବନେଶ୍ୱରର ବାଲିଅନ୍ତା ଅଞ୍ଚଳରେ ଜଣେ ଯୁବକଙ୍କୁ ହତ୍ୟା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଏଭଳି ମବ୍ ଲିଞ୍ଚିଙ୍ଗ୍ ବା ଭିଡ଼ ହତ୍ୟା ଘଟଣାର ଯେପରି ପୁନରାବୃତ୍ତି ନ ହୁଏ, ସେଥିପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମଧ୍ୟ ଆସନ୍ତାକାଲି ବାଲିଅନ୍ତା ଯିବେ। ସମ୍ପୃକ୍ତ ମହିଳାମାନଙ୍କ ସହିତ ଆଲୋଚନା କରି ସତ୍ୟାସତ୍ୟର ଅନୁସନ୍ଧାନ କରିବେ। ଏହି ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ୱାଇ.ବି ଖୁରାନିଆଙ୍କ ସହିତ କଥା ହୋଇ ଘଟଣାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ସହିତ ଦୋଷୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ଭିଡ଼ ହତ୍ୟା ଘଟଣାର ଯେପରି ପୁନରାବୃତ୍ତି ନହୁଏ, ସେଥିପ୍ରତି ପୋଲିସ ପ୍ରଶାସନ ଓ ପୋଲିସ ବାହିନୀ ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ଅସଲି ହାତରେ ନକଲି ପୋଲିସ

## ଏସଆଇ ପରିଚୟ ଦେଇ ଠକୁଥିଲେ ବାପା-ପୁଅ



ଭୁବନେଶ୍ୱର,୭।୫: ନକଲି ହାତରେ ଧରାପଡ଼ିଲେ ଅସଲି । ନକଲି ଏସଆଇ ପୋଲିସ ଅଫିସର ପରିଚୟ ପଡ଼ିଲା ମହଙ୍ଗା । କମିଶନରେଟ୍ ପୋଲିସ ହାତରେ ଧରାପଡ଼ିଲେ ନକଲି ପୋଲିସ ଅମିତ କୁମାର ଓଝା । ଖବର ଅନୁଯାୟୀ, ନିଜକୁ ପୋଲିସ ଅଫିସରର ପରିଚୟ ଦେଇ ଲୋକଙ୍କଠାରୁ ଟଙ୍କା ଠକୁଥିଲେ । ଖେଳ ଟିକେଟ୍ ଦେବା ନାଁରେ ଲୋକଙ୍କୁ ଭୁଆଁ ବୁଲାଇ ଟଙ୍କା ଲୁଟୁଥିବାର ଅଭିଯୋଗ ହୋଇଥିଲା । ଯଦି ଟଙ୍କା ଫେରସ୍ତ ମାଗିବେ, ତେବେ ପୋଲିସ ପରିଚୟ ଦେଇ ଲୋକଙ୍କ ଧମକ ଚମକ ଦେଉଥିଲେ । ଠକ ଅମିତ ସମସ୍ତ ଠକେଇ ଟଙ୍କାକୁ ବାପା ଅଶୋକ ଓଝାଙ୍କ ଆକାଉଣ୍ଟକୁ ପଠାଉଥିଲେ । ଏପିରିକି ଲୋକଙ୍କୁ ଠକିବା ପାଇଁ ଅଭିଯୁକ୍ତ ଏକାଧିକ ମୋବାଇଲର ବ୍ୟବହାର ମଧ୍ୟ କରୁଥିଲେ । ଏୟାରଫିଲ୍ଡ ଥାନାରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ କରିଥିଲା ପୋଲିସ । ଦୀର୍ଘ ଦିନର ଖୋଳତାଡ଼ ପରେ ପୋଲିସ ଶେଷରେ ଠକ ବାପା-ପୁଅଙ୍କୁ ଗିରଫ କରିଛି । ଗିରଫ ପରେ ସେମାନଙ୍କୁ ଜେରା ମଧ୍ୟ କରିଛି ପୋଲିସ । ଏହି ଜେରା ସମୟରେ ପୋଲିସକୁ ଅନେକ ତଥ୍ୟ ମିଳିଥିବା ସୂଚନା ମିଳିଛି । କିପରି ଲୁଟ୍ କରୁଥିଲେ, କିପରି ଠକେଇ କରୁଥିଲେ । ଏନେଇ ଅନେକ ତଥ୍ୟ ପୋଲିସର ହସ୍ତଗତ ହୋଇଛି।

## ତିନିଦିନିଆ ଗୁଜୁରାଟ ଗସ୍ତରୁ ଫେରିଲେ ମୁଖ୍ୟମନ୍ତ୍ରୀ

# ଓଡିଶାରେ ୪୮ ହଜାର କୋଟିର ହେବ ପୁଞ୍ଜି ନିବେଶ

- ■ ପ୍ରକଳ୍ପ ହେଲେ ସୃଷ୍ଟି ହେବ ପ୍ରାୟ ୬୮ ହଜାର ନିଯୁକ୍ତି
- ■ ଗୁଜରାଟରେ ୩ ଦିନିଆ ରୋଡ ସୋ' କଲେ ମୁଖ୍ୟମନ୍ତ୍ରୀ
- ■ ନିବେଶ ପାଇଁ ଶିଳ୍ପପତିଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୭।୫ : ଗୁଜୁରାଟରୁ ଆସିଲା ବଡ ପୁଞ୍ଜିନିବେଶ ପ୍ରସ୍ତାବ । ଓଡିଶାରେ ୪୮ ହଜାର କୋଟିର ନିବେଶ ପ୍ରତିଶ୍ରୁତି ମିଳିଛି। ପ୍ରକଳ୍ପ ହେଲେ ସୃଷ୍ଟି ହେବ ପାୟ ୬୮ ହଜାର ନିଯୁକ୍ତି। ଗୁଜୁରାଟରେ ନିବେଶକଙ୍କ ସମ୍ମିଳନୀରେ ୪୮,୩୩୦ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡିଶା ଫେରିଛନ୍ତି। ଭାରତର ଶିଳ୍ପ ଅଭିବୃଦ୍ଧିର ନେତୃତ୍ୱ ପୂର୍ବରୁ ପଶ୍ଚିମ ଭାରତ ନେଇସାରିଛି। ବର୍ତ୍ତମାନ ବିକଶିତ ଭାରତ ପାଇଁ ପୂର୍ବ ଭାରତକୁ ପଦକ୍ଷେପ ନେବାକୁ ପଡିବ । ଓଡ଼ିଶା ସେହି ପରିବର୍ତ୍ତନର ନେତୃତ୍ୱ ନେବାକୁ ପ୍ରସ୍ତୁତ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁଜରାଟର ଭଦୋଦରାରେ ଓଡ଼ିଶା ନିବେଶକଙ୍କ ସମ୍ମିଳନୀ ରୋଡ ସୋ'ରେ ଏହା କହିଛନ୍ତି। ପୂର୍ବୋଦୟର ଦୃଷ୍ଟିକୋଣ ଅନୁଯାୟୀ ଓଡ଼ିଶାକୁ ପୂର୍ବ ଭାରତର ଅଭିବୃଦ୍ଧି ଇଞ୍ଜିନ ଭାବରେ ସ୍ଥାନିତ କରି ମୁଖ୍ୟମନ୍ତ୍ରୀ ଗୁଜରାଟର ପ୍ରମୁଖ ଶିଳ୍ପପତିଙ୍କୁ ଓଡ଼ିଶାରେ ନିବେଶ କରିବାକୁ ଆମନ୍ତ୍ରଣ କରିଥିଲେ। ଓଡ଼ିଶାକୁ ଭାରତର ଦ୍ରୁତତମ ବର୍ଦ୍ଧିତ ବାଣିଜ୍ୟ କରିଡରର ପ୍ରବେଶ ପଥ ବୋଲି ଅଭିହିତ କରି ସେ ପାରାଦୀପ, ଧାମରା ଏବଂ ଗୋପାଳପୁର ପ୍ରମୁଖ ବନ୍ଦର ମାଧ୍ୟମରେ ପୂର୍ବ ଏସିଆ, ଦକ୍ଷିଣ-ପୂର୍ବ ଏସିଆ ଏବଂ ଇଣ୍ଡୋ-ପ୍ରଶାନ୍ତ ମହାସାଗରୀୟ ବଜାର ସହିତ ଶିଳ୍ପଗୁଡ଼ିକୁ ସଂଯୋଗ କରିବାରେ ରାଜ୍ୟର ରଣନୈତିକ ସୁବିଧା ଉପରେ ଆଲୋକପାତ କରିଥିଲେ। ଓଡ଼ିଶାର ଶିଳ୍ପ ଇକୋସିଷ୍ଟମ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ କଞ୍ଚାମାଲ ଉପଲବ୍ଧତା, ଆଧୁନିକ ଭିତ୍ତିଭୂମି, ବନ୍ଦର-ନେତୃତ୍ୱାଧୀନ ଲଜିଷ୍ଟିକ୍ସ, ନୀତି ସ୍ଥିରତା ଏବଂ ଦ୍ରୁତ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ବ୍ୟବସ୍ଥାର ଏକ ଦୃଢ଼ ମିଶ୍ରଣ ପ୍ରଦାନ କରେ। ଓଡ଼ିଶା ଏକ ସମ୍ବଳ-ଭିତ୍ତିକ ଅର୍ଥନୀତିରୁ ଏକ ମୂଲ୍ୟଯୁକ୍ତ ଉତ୍ପାଦନ ଏବଂ ଉନ୍ନତ ଶିଳ୍ପ ହବ୍‌ରେ ସ୍ଥିର ଭାବରେ ପରିବର୍ତ୍ତନ ହେଉଛି ବୋଲି କହିଥିଲେ। ନିବେଶକଙ୍କ ସୁବିଧା ଉପରେ ସରକାରଙ୍କ ଧ୍ୟାନକୁ ଦୋହରାଇ ମୁଖ୍ୟମନ୍ତ୍ରୀ ଓଡ଼ିଶାର ସିଙ୍ଗଲ୍-ୱିଣ୍ଡୋ କ୍ଲିୟରାନ୍ସ ମେକାନିଜିମ୍ ଏବଂ ହ୍ୟାଣ୍ଡହୋଲ୍ଡିଂ ସପୋର୍ଟ ସିଷ୍ଟମ୍ ମାଧ୍ୟମରେ ଶିଳ୍ପଗୁଡ଼ିକୁ ସକ୍ରିୟ ସମର୍ଥନ ପ୍ରଦାନ କରିବାର ଆଶ୍ୱାସନା ଦେଇଛନ୍ତି। ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ପୂର୍ବୋଦୟର ଦୃଷ୍ଟିକୋଣ ଅନୁଯାୟୀ ଓଡ଼ିଶା ପୂର୍ବ ଭାରତ ପାଇଁ ଏକ ପ୍ରାକୃତିକ ଶିଳ୍ପ ସମ୍ପ୍ରସାରଣ କେନ୍ଦ୍ର ଭାବେ ଉଭା ହେଉଛି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ନିର୍ମାଣ ପାଇଁ ରାଜ୍ୟର ଦୃଢ଼ ଭିତ୍ତିଭୂମି, ବନ୍ଦର ଲଜିଷ୍ଟିକ୍ସ, ସ୍ଥିର ଶିଳ୍ପ ନୀତି, ଦକ୍ଷ କର୍ମଚାରୀ ଏବଂ ରୋଡମ୍ୟାପ୍ ଉପରେ ଆଲୋକପାତ କରିଥିଲେ । ନିବେଶକଙ୍କ ସମ୍ମିଳନୀରେ ୧୩୨ରୁ ଅଧିକ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ୪ଟି ରାଉଣ୍ଡ ଟେବୁଲ ବୈଠକ ହୋଇଥିଲା। ଅହମ୍ମଦାବାଦ ଏବଂ ଭଦୋଦରାରେ ୨ଟି ନିବେଶ ପ୍ରୋତ୍ସାହନ ରୋଡ ସୋ' ହୋଇଥିଲା। ଭଦୋଦରାରେ ଅନୁଷ୍ଠିତ ଓଡ଼ିଶା ନିବେଶକଙ୍କ ସାକ୍ଷାତ ରୋଡ ସୋ'ରେ ୨୦୦ରୁ ଅଧିକ ଶିଳ୍ପପତି, ବ୍ୟବସାୟିକ ସଂଗଠନ ଏବଂ ଆନୁଷ୍ଠାନିକ ଅଂଶୀଦାର ମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ଗୁଜରାଟରୁ ଓଡ଼ିଶାକୁ ୪୮,୩୩୦ କୋଟି ନିବେଶ ସମ୍ଭାବନା ମିଳିଛି। ଏହି ସବୁ ପ୍ରକଳ୍ପ ହେଲେ ୬୭,୮୩୮ରୁ ଅଧିକ ନିଯୁକ୍ତି ସୃଷ୍ଟି ସୁଯୋଗ ମିଳିବ।

CMYK

# ଖାଲି ପାଦରେ ମନ୍ଦିରରେ ପ୍ରବେଶ କରିବା କାହିଁକି ଗୁରୁତ୍ୱପୂର୍ଣ୍ଣ





ହିନ୍ଦୁ ଧର୍ମରେ ରହିଛି ଅନେକ ପରମ୍ପରା ଏବଂ ପ୍ରଥା । ବୈଦିକ ଯୁଗରୁ ଆରମ୍ଭ ହୋଇଥିବା ଅନେକ ପ୍ରଥା ଆଜି ମଧ୍ୟ ଭାରତରେ ପ୍ରଚଳିତ ହେଉଛି । ଯେମିତିକି ମନ୍ଦିରରେ ଖାଲି ପାଦରେ ପ୍ରବେଶ କରିବା ଏକ ହିନ୍ଦୁ ପ୍ରଥା । ତଥାପି, ଜାପାନୀମାନଙ୍କ ସମେତ ଅନ୍ୟ ଧର୍ମର ଲୋକମାନେ ମଧ୍ୟ କୌଣସି ପବିତ୍ର ସ୍ଥାନରେ ପ୍ରବେଶ କରିବା ପୂର୍ବରୁ ସେମାନଙ୍କର ଜୋତା କିମ୍ବା ଚପଲ କାଢ଼ି ଦିଅନ୍ତି । ଏହାର କାରଣ ହେଉଛି ମନ୍ଦିରଗୁଡ଼ିକ ପବିତ୍ର ସ୍ଥାନ ବୋଲି କୁହାଯାଏ । ତେଣୁ ଭକ୍ତମାନେ ସେମାନଙ୍କର ପବିତ୍ରତା ବଜାୟ ରଖିବା ଉଚିତ । ଏହା ବିଶ୍ୱାସ କରାଯାଏ ଯେ ଜୋତା ବିନା ମନ୍ଦିରରେ ପ୍ରବେଶ କରିବା ଦ୍ୱାରା ଆପଣ ଭଗବାନଙ୍କ ସହିତ ସହଜରେ ସଂଯୋଗ ସ୍ଥାପନ କରିପାରିବେ । ଏହା ମଧ୍ୟ ଦେବତାଙ୍କଠାରୁ ଆଶୀର୍ବାଦ ପାଇବାର ଏକ ଉପାୟ । ପୌରାଣିକ କଥା ଅନୁଯାୟୀ, ଚମଡ଼ା ଜୋତା ପିନ୍ଧି ମନ୍ଦିରରେ ପ୍ରବେଶ କରିବା ଦେବତାମାନଙ୍କୁ ଅସମ୍ମାନ କରିବା ସହିତ ସମାନ । ତେଣୁ, ଏହାକୁ ସର୍ବଦା ଏଡାଇବା ଉଚିତ । ଏହି କାରଣରୁ ମନ୍ଦିରରେ ପ୍ରବେଶ କରିବା ସମୟରେ ଲୋକମାନଙ୍କୁ ଚମଡ଼ା ବେଲ୍ଟ ଏବଂ ପର୍ସ କାଢ଼ିବାକୁ କୁହାଯାଏ । ଅଧିକାଂଶ ମନ୍ଦିରର ଚଟାଣରେ ହଳଦୀ, ଚନ୍ଦନ ଏବଂ ସିନ୍ଦୁରର ଲେପ ଦିଆଯାଇଥାଏ । ଆୟୁର୍ବେଦ ଅନୁସାରେ, ଏଗୁଡ଼ିକ ସ୍ୱାସ୍ଥ୍ୟ ବର୍ଦ୍ଧକ ଗୁଣର ଉତ୍ସ । ଯେତେବେଳେ ଆପଣ ମନ୍ଦିର ଚଟାଣରେ ଜୋତା ବିନା ପ୍ରବେଶ କରନ୍ତି, ସେତେବେଳେ ଆପଣ ଏହି ଉପାଦାନଗୁଡ଼ିକର ଲାଭ ପାଇପାରିବେ । ବିଶ୍ୱାସ ଅନୁସାରେ, ମନ୍ଦିର ଏପରି ଏକ ସ୍ଥାନ ଯାହା ମାନସିକ ଶାନ୍ତି ପ୍ରଦାନ କରେ । ତେଣୁ ଯେତେବେଳେ ଆପଣ ମନ୍ଦିରରେ ଖାଲି ପାଦରେ ପ୍ରବେଶ କରନ୍ତି, ସେତେବେଳେ ଆପଣଙ୍କ ପାଦ ଦେଇ ସକାରାତ୍ମକ ଶକ୍ତି ଆପଣଙ୍କ ଶରୀରରେ ପ୍ରବେଶ କରେ । ଏହା ଆପଣଙ୍କ ମନକୁ ଶାନ୍ତ ରଖିବାରେ ସାହାଯ୍ୟ କରେ । ଖାଲି ପାଦରେ ମନ୍ଦିରରେ ପ୍ରବେଶ କରିବାର କିଛି ମହତ୍ତ୍ୱ ହେଉଛି ଯେ ଏହା ଏକ ଅତ୍ୟନ୍ତ ପ୍ରାସଙ୍ଗିକ ହିନ୍ଦୁ ପରମ୍ପରା । ମନ୍ଦିରକୁ ଏକ ଅତ୍ୟନ୍ତ ପବିତ୍ର ସ୍ଥାନ ଭାବରେ ବିବେଚନା କରାଯାଏ । ସେଠାରେ ପ୍ରବେଶ କରିବା ଭଗବାନଙ୍କ ଘରେ ପ୍ରବେଶ କରିବା ପରି । ଦେବତାମାନଙ୍କ ପ୍ରତି ସମ୍ମାନ ଏବଂ ଶ୍ରଦ୍ଧା ପ୍ରଦର୍ଶନ କରିବା ପାଇଁ ଏହାକୁ ପାଳନ କରାଯିବା ଉଚିତ । ତଥାପି, ଏହା ପରମ ଚେତନା ବା ବ୍ରହ୍ମଙ୍କ ସହିତ ଆପଣଙ୍କର ସମ୍ପର୍କକୁ ମଧ୍ୟ ସୁଦୃଢ଼ କରିପାରିବ ।

**ମନ୍ଦିରକୁ ଏକ ଅତ୍ୟନ୍ତ ପବିତ୍ର ସ୍ଥାନ ଭାବରେ ବିବେଚନା କରାଯାଏ । ସେଠାରେ ପ୍ରବେଶ କରିବା ଭଗବାନଙ୍କ ଘରେ ପ୍ରବେଶ କରିବା ପରି..**

## ଦେବାଦେବୀଙ୍କ ବାହନ

ଦେବୀ-ଦେବତାଙ୍କ ସହ ଜଡ଼ିତ କାହାଣୀ ଓ ଚିତ୍ରରେ ତାଙ୍କ ସହ କୌଣସି ପକ୍ଷୀ କିମ୍ବା ପଶୁଙ୍କୁ ତାଙ୍କର ବାହନ ଭାବେ ଦେଖିଥିବେ । ଦେବାଦେବୀଙ୍କ ଏହି ବାହନମାନେ ସର୍ବଦା ତାଙ୍କ ନିକଟରେ ଥାଆନ୍ତି । ତେବେ ଆସନ୍ତୁ ଜାଣିବା କେଉଁ ଦେବାଦେବୀଙ୍କର କେଉଁ ବାହନ ଅଛନ୍ତି । ଏହି ବାହନମାନେ ଦେଖିବାକୁ ବହୁତ ସାମାନ୍ୟ ଅଟନ୍ତି କିନ୍ତୁ ଦେବାଦେବୀମାନେ କାହିଁକୁ ସେମାନଙ୍କୁ ନିଜର ବାହନ ଭାବେ ବ୍ୟବହାର କରୁଛନ୍ତି । ଆସନ୍ତୁ ଜାଣିବା ଏ ସଂପର୍କିତ କିଛି ପୌରାଣିକ କଥା । ବୃଷଭ ନନ୍ଦୀ ଭଗବାନ ଶିବଙ୍କ ବାହନ । ବୃଷଭ ଅତ୍ୟନ୍ତ ଶକ୍ତିଶାଳୀ ହେଲେ ମଧ୍ୟ ଶାନ୍ତ ରହିଥାନ୍ତି । ହିନ୍ଦୁ ଧର୍ମର ଚାରିସ୍ତମ୍ଭ କ୍ଷମା, ଦୟା, ଦାନ ଏବଂ ତପ ବୃଷଭ ନନ୍ଦୀଙ୍କର ଚାରିଗୋଡ଼ରେ ରହିଛି । ପୁରାଣ କଥା ଅନୁସାରେ ଭଗବାନ କାର୍ତ୍ତିକେୟଙ୍କ ତପସ୍ୟା ଓ ସାଧନ କ୍ଷମତାରେ ପ୍ରସନ୍ନ ହୋଇ ସ୍ୱୟଂ ଭଗବାନ ବିଷ୍ଣୁ କାର୍ତ୍ତିକେୟଙ୍କୁ ମୟୂର ବାହନ ଭେଟି ଦେଇଥିଲେ ଏବଂ କାର୍ତ୍ତିକେୟ ମୟୂର ବାହାନକୁ ଗ୍ରହଣ କଲେ । କାରଣ ମୟୂର ପରି କାର୍ତ୍ତିକେୟଙ୍କ ମନ ଅତ୍ୟନ୍ତ ଚଞ୍ଚଳ । ଦୁର୍ଗାଙ୍କୁ ଶକ୍ତି କୁହାଯାଏ ଏବଂ ସିଂହ ହେଉଛି ଶକ୍ତିଶାଳୀ ଓ ପରାକ୍ରମୀ ଓ କ୍ରୋଧର ପ୍ରତୀକ । ସେଥିପାଇଁ ମା’ ଦୁର୍ଗା ସିଂହକୁ ନିଜର ବାହନ ଭାବେ ଗ୍ରହଣ କଲେ । ସରସ୍ୱତୀଙ୍କୁ ପବିତ୍ରତାର ପ୍ରତୀକ ଭାବେ ସ୍ୱୀକାର କରାଯାଏ । ହଂସକୁ ବାହନ ରୂପେ ଗ୍ରହଣ କରି ମା’ ସରସ୍ୱତୀ ଦର୍ଶାଇଛନ୍ତି ଯେ, ଜ୍ଞାନ ଜରିଆରେ ଜିଜ୍ଞାସାକୁ ଶାନ୍ତ କରାଯାଇ ପାରେ । ଭଗବତ୍ ଗୀତାରେ ଏହାର ଉଲ୍ଲେଖ ରହିଛି ଯେ,ଭଗବାନ ବିଷ୍ଣୁଙ୍କ ଭିତରେ ସମସ୍ତ ସୃଷ୍ଟି ନିବାସ କରିଛି । ସେହିପରି ଗରୁଡ଼ ଦେବ ମଧ୍ୟ ଦିବ୍ୟ ଶକ୍ତିର ଅଧିକାରୀ ଅଟନ୍ତି । ଲକ୍ଷ୍ମୀଙ୍କ ବାହନ ଅଟେ ପେଚା ।



## ମୃତ୍ୟୁ ସମୟ ଆଗତ ହେଲେ...

**ମୃତ୍ୟୁ ହେଉଛି ଧ୍ରୁବ ସତ୍ୟ । ଜନ୍ମ ମାତ୍ରକେ ମୃତ୍ୟୁ ସୁନିଶ୍ଚିତ । ଜଣେ ପୃଥିବୀ ପୃଷ୍ଠରେ ଜନ୍ମ ନେଇଛି ମାନେ ଦିନେ ନା ଦିନେ ତାର ମୃତ୍ୟୁ ଘଟିବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ମୃତ୍ୟୁକୁ ନେଇ ପୁରାଣରେ ଅନେକ କଥା ବର୍ଣ୍ଣିତ ହୋଇଛି । ମୃତ୍ୟୁ ଆସନ୍ନ ହେଲେ ବ୍ୟକ୍ତିଠାରେ ବିଭିନ୍ନ ପରିବର୍ତ୍ତନ ଦେଖାଦିଏ । ଆସନ୍ତୁ ଜାଣିବା ମୃତ୍ୟୁ ବେଳେ ଘଟୁଥିବା ୧୦ଟି ସଙ୍କେତ ବିଷୟରେ ଯାହା ମୃତ୍ୟୁ ଆଡ଼କୁ ଟାଣି ହୋଇ ଯାଉଥିବା ବ୍ୟକ୍ତିଙ୍କୁ ଜଣାପଡେ...**

୧. ଯେତେବେଳେ ଜଣେ ବ୍ୟକ୍ତିଙ୍କୁ ପାଣି, ତେଲ, ଦର୍ପଣ ଆଦିରେ ନିଜ ପ୍ରତିଛବି ଦେଖାଯିବା ବନ୍ଦ ହୋଇଯାଏ, ଶାସ୍ତ୍ର ଅନୁସାରେ ତାଙ୍କ ମୃତ୍ୟୁ ବେଳ ଆଗତ ହୋଇଗଲା ବୋଲି ବିଶ୍ୱାସ କରାଯାଏ ।

୨. ମୃତ୍ୟୁ ନିକଟତର ହେଲେ ବ୍ୟକ୍ତିର ଦୃଷ୍ଟିଶକ୍ତି ହ୍ରାସ ପାଏ । ଫଳରେ ସେ ଆଖପାଖରେ ଥିବା ଲୋକଙ୍କୁ ଚିହ୍ନିପାରେ ନାହିଁ ।

୩. ଶେଷ ସମୟରେ ଜୀବନର ସମସ୍ତ ଭଲ ମନ୍ଦ କର୍ମ ବ୍ୟକ୍ତିର ଆଖି ଆଗରେ ନାଚିଯାଏ । ସମସ୍ତ ଛୋଟ ବଡ଼ ଘଟଣା ଏହି ସମୟରେ ଦୃଶ୍ୟମାନ ହୋଇଥାଏ ।

୪. ଯିଏ ଭଲ କାମ କରିଥାଏ ଶେଷ ସମୟରେ ତାଙ୍କ ସାମ୍ନାରେ ଏକ ଦିବ୍ୟ ପ୍ରକାଶ ନଜର ଆସିଥାଏ । ଫଳରେ ମୃତ୍ୟୁ ବେଳେ ସେ ଆଦୌ ଭୟଭୀତ ହୋଇନଥାନ୍ତି ।

୫. ଗରୁଡ଼ ପୁରାଣରେ କୁହାଯାଇଛି ଯେ ଯେତେବେଳେ ପ୍ରାଣୀର ମୃତ୍ୟୁ ସମୟ ନିକଟତର ହୋଇଯାଏ, ସେତେବେଳେ ସ୍ୱୟଂ ଯମରାଜ ତାଙ୍କ ସମ୍ମୁଖରେ ପ୍ରକଟ ହୋଇଯାଆନ୍ତି ।

୬. କୁକର୍ମ କରିଥିବା ବ୍ୟକ୍ତିର ମୃତ୍ୟୁ ପାଖେଇ ଆସିଲେ ତା’ ସାମ୍ନାରେ ଯମରାଜଙ୍କ ଭୟଙ୍କର ଦୂତ ଆସି ଉଭା ହୁଏ, ଫଳରେ ସେ ଭୟରେ ରହିଥାଏ ।

୭. ଶରୀର ତ୍ୟାଗ କରିବା ସମୟରେ ବ୍ୟକ୍ତିର ସ୍ୱର ବନ୍ଦ ହୋଇଯାଏ ଏବଂ ସେ କିଛି କହିବାକୁ ଚାହିଁଲେ ମଧ୍ୟ କହିପାରେ ନାହିଁ । ଗଳାକୁ କେହି ଚିପି ଧରିବା ଭଳି ତଣ୍ଟି ଘଡ଼ ଘଡ଼ ହୁଏ ।

୮. ଯମଦୂତ ବ୍ୟକ୍ତିର ଅଭୌତିକ ଶରୀରକୁ ନିଜ ସହ ଯମରାଜଙ୍କ ଦରବାରକୁ ନେଇଯାଏ ।

୯. ମୃତ୍ୟୁ ପରେ ପାପୀ ମନୁଷ୍ୟକୁ ପ୍ରାୟ ୨୪ ଘଣ୍ଟା ମଧ୍ୟରେ ଯମଦୂତମାନେ ବାୟୁମାର୍ଗରେ ଯମଲୋକ ନେଇଯାଇଥାନ୍ତି । ସେଠାରେ ବ୍ୟକ୍ତିର କର୍ମ ଲେଖାଯାଏ । ପରେ ଯମଦୂତ ପୁଣିଥରେ ବ୍ୟକ୍ତିର ଶରୀରକୁ ପୃଥିବୀକୁ ନେଇ ଆସନ୍ତି ।





## ରହସ୍ୟମୟ ମନ୍ଦିର

*ପ୍ରତିଦିନ ମଧ୍ୟରାତ୍ରିରେ ଏହି ମନ୍ଦିର ଭିତରୁ ଅନେକ କଥାବାର୍ତ୍ତା ଶୁଣାଯାଇଥାଏ । ଏହାର ରହସ୍ୟ ଜାଣିବାକୁ ଅନେକ ବ୍ୟକ୍ତି ଓ ପୂଜକମାନେ ଚେଷ୍ଟା କରି ମଧ୍ୟ ଅସଫଳ ହୋଇଛନ୍ତି ।*



ଭାରତରେ ରହିଛି ଅନେକ ବୈଚିତ୍ର୍ୟମୟ ମନ୍ଦିର । ଏହିସବୁ ମନ୍ଦିର ପଶ୍ଚାତରେ ରହିଛି କିଛି ପୌରାଣିକ ତଥା ଐତିହାସିକ ଘଟଣାବଳୀ । ପ୍ରତି ମନ୍ଦିରର ରହିଛି ଭିନ୍ନଭିନ୍ନ ମାନ୍ୟତା ତଥା ଚମତ୍କାରିତା । ଯାହା ଲୋକଙ୍କ ବିଶ୍ୱାସ ଉପରେ ପର୍ଯ୍ୟବେସିତ ହୋଇ ରହିଛି । ଏମିତି କିଛି ମନ୍ଦିର ରହିଛି, ଯାହା ଅତ୍ୟନ୍ତ ରହସ୍ୟମୟ ଏବଂ ବିଚିତ୍ର । ଭାରତରେ ଏପରି ଏକ ମନ୍ଦିର ରହିଛି ଯେଉଁଠାରେ ମନ୍ଦିରରେ ଥିବା ମୂର୍ତ୍ତି ଗୁଡିକ ପରସ୍ପର ଭିତରେ କଥା ହୋଇଥାନ୍ତି । ସେହି ମନ୍ଦିରଟି ହେଉଛି ରାଜ ରାଜେଶ୍ୱରୀ ତ୍ରିପୁରା ସୁନ୍ଦରୀ ମନ୍ଦିର । ବିହାରରେ ରହିଛି ପ୍ରସିଦ୍ଧ ତ୍ରିପୁରା ସୁନ୍ଦରୀ ମନ୍ଦିର । ଏହି ମନ୍ଦିରଟି ୪୦୦ ବର୍ଷ ପୂର୍ବେ ସ୍ଥାପନା କରାଯାଇଥିଲା । ଏହି ମନ୍ଦିର ତନ୍ତ୍ରସାଧନା ପାଇଁ ପ୍ରସିଦ୍ଧ ହୋଇଛି । ବହୁ ବଡ଼ ବଡ଼ ତନ୍ତ୍ର ସାଧକ ମାନେ ଏହିଠାରେ ତ୍ରିପୁରା ସାଧନା କରି ସିଦ୍ଧିପ୍ରାପ୍ତ କରିଥାନ୍ତି । ଦେବୀ ତ୍ରିପୁରା ସୁନ୍ଦରୀ ବହୁତ ପ୍ରତ୍ୟକ୍ଷ । ଏହି ମନ୍ଦିରର ସବୁଠାରୁ ରହସ୍ୟମୟ କଥା ହେଉଛି ମନ୍ଦିରରେ ଥିବା ମୂର୍ତ୍ତି ଗୁଡିକ ପରସ୍ପର ଭିତରେ କଥା ହୋଇଥାନ୍ତି । କୁହାଯାଏ ଯେ, ମନ୍ଦିର ରାତ୍ର ପହୁଡ଼ ପରେ ଏହି ମନ୍ଦିରରେ କେହି ରୁହନ୍ତି ନାହିଁ । କେବଳ ମନ୍ଦିର ପରିସର ବାହାରେ ରାତ୍ର ଜଗୁଆଳି ତାଙ୍କ କର୍ତ୍ତବ୍ୟ ସମ୍ପାଦନ କରିଥାନ୍ତି । କିନ୍ତୁ ପ୍ରତିଦିନ ମଧ୍ୟରାତ୍ରିରେ ଏହି ମନ୍ଦିର ଭିତରୁ ଅନେକ କଥାବାର୍ତ୍ତା ଶୁଣାଯାଇଥାଏ । ଏହାର ରହସ୍ୟ ଜାଣିବାକୁ ଅନେକ ବ୍ୟକ୍ତି ଓ ପୂଜକମାନେ ଚେଷ୍ଟା କରି ମଧ୍ୟ ଅସଫଳ ହୋଇଛନ୍ତି । ବୈଜ୍ଞାନିକ ମାନେ ଏହି ମନ୍ଦିର ଉପରେ ଗବେଷଣା କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇ ପାରିନାହାନ୍ତି । ହେଲେ ମନ୍ଦିର ଗାତ୍ରରେ ଥିବା ମୂର୍ତ୍ତିଗୁଡିକର ପ୍ରତିଦିନ କିଛି ବିଲକ୍ଷଣ ପରିଦୃଷ୍ଟ ହୋଇଥାଏ । ଅର୍ଥାତ ଏହିମାନେ ରାତ୍ରରେ ଜୀବନ୍ତ ରୂପ ନେଇ ପରସ୍ପର ବାର୍ତ୍ତାଳାପ କରିଥାନ୍ତି ବୋଲି ଲୋକ ବିଶ୍ୱାସ ରହିଛି । ତ୍ରିପୁରା ସୁନ୍ଦରୀ ମନ୍ଦିରରେ ରହିଛି ଏହିଭଳି ଆଶ୍ଚର୍ଯ୍ୟମୟ ଘଟଣା ।

## ସୁସ୍ଥ ରହିବା ପାଇଁ ୧୦ଟି ଟିପ୍ସ



ଆଜିକାଲି ସୁସ୍ଥ ରହିବା ପାଇଁ ଲୋକମାନେ ଅନେକ ପ୍ରକାର ଚେଷ୍ଟା କରୁଛନ୍ତି । ସନ୍ତୁଳିତ ଭୋଜନ ଗ୍ରହଣ କରି ଶରୀରକୁ ସୁସ୍ଥ ରଖାଯାଇପାରିବ । କିଛି ସହଜ ଓ ସରଳ ଉପାୟ ଅବଲମ୍ବନ କରି ଦୈନନ୍ଦିନ କାର୍ଯ୍ୟ ଭିତରେ ସୁସ୍ଥତା ଲାଭ କରିହେବ । ଖାଦ୍ୟକୁ ଭଲ ଭାବେ ଚୋବାଇ ଖାଆନ୍ତୁ । ଏହାଦ୍ୱାରା ପାଚନକ୍ରିୟା ଠିକ୍ ହୋଇଥାଏ ଏବଂ ଶରୀର ସୁସ୍ଥ ରହେ । ଦ୍ୱିପ୍ରହର ଓ ରାତ୍ରି ସମୟରେ ଭୋଜନ କରିବା ପୂର୍ବରୁ ସାଲାଡ୍ ନିଶ୍ଚୟ ଖାଆନ୍ତୁ । ଅଟାରେ ଅଳ୍ପ ଚୋକଡ଼ ରଖି, ସେଥିରେ ରୁଟି ପ୍ରସ୍ତୁତ କରନ୍ତୁ । ରାତିରେ କମ୍ ପରିମାଣରେ ଖାଦ୍ୟ ଖାଆନ୍ତୁ । ଖାଦ୍ୟରେ ଲୁଣର ବ୍ୟବହାର କମ୍ କରନ୍ତୁ । ପନିପରିବାର ଚୋପାକୁ ସମ୍ପୂର୍ଣ୍ଣ ଛଡ଼ାନ୍ତୁ ନାହିଁ । ଫାଷ୍ଟଫୁଡ୍‌ରୁ ଦୂରେଇ ରହନ୍ତୁ । ସବୁଜ, ହଳଦିଆ, ଲାଲ୍ ରଙ୍ଗର ଫଳ ଓ ପନିପରିବା ଅଧିକ ଖାଆନ୍ତୁ । ଅଧିକ ଦିନ ଖାଦ୍ୟକୁ ଫ୍ରିଜ୍‌ରେ ରଖି ଖାଆନ୍ତୁ ନାହିଁ । ସକାଳେ ଓ ସନ୍ଧ୍ୟାରେ କିଛି ସମୟ ଭ୍ରମଣ ପାଇଁ ଯାଆନ୍ତୁ ଓ ନିୟମିତ ବ୍ୟାୟାମ ନିଶ୍ଚୟ କରନ୍ତୁ ।

## ପେଟ ବାରମ୍ବାର ଦରଜ ହେଉଥିଲେ

# ସାବଧାନ

### ହୋଇପାରେ ଏହି ରୋଗର ଲକ୍ଷଣ





ଅନେକ ଲୋକଙ୍କ ଦେହରେ ତ କିଡନୀ ଷ୍ଟୋନ ପରି ସମସ୍ୟା ଦେଖାଯାଉଛି । ଯାହା ପ୍ରଥମରୁ ଏକ ଛୋଟ ବାଲିଦାନା ପରି ହୋଇଥିବା ବେଳେ ଧୀରେ ଧୀରେ ଏହା ବଡ ହୋଇଥାଏ । ଅନେକ ସମୟରେ ଏହା ବଢି ବଢି ଏକ ବଲ୍ ଆକୃତିର ମଧ୍ୟ ହୋଇଯାଇଥାଏ । ଏବେ ସମସ୍ତଙ୍କର କିଛି ନା କିଛି ସ୍ୱାସ୍ଥ୍ୟଗତ ସମସ୍ୟା ରହିଛି । ଅନେକ ଲୋକଙ୍କ ଦେହରେ ତ କିଡନୀ ଷ୍ଟୋନ ପରି ସମସ୍ୟା ଦେଖାଯାଉଛି । ଯାହା ପ୍ରଥମରୁ ଏକ ଛୋଟ ବାଲିଦାନା ପରି ହୋଇଥିବା ବେଳେ ଧୀରେଧୀରେ ଏହା ବଡ ହୋଇଥାଏ । ଅନେକ ସମୟରେ ଏହା ବଢି ବଢି ଏକ ବଲ୍ ଆକୃତିର ମଧ୍ୟ ହୋଇଯାଇଥାଏ । ମଣିଷର ଶରୀରର ପରିସ୍ରା କରିବା ରାସ୍ତାରୁ ବ୍ଲାଡର ପର୍ଯ୍ୟନ୍ତ ପ୍ରଭାବିତ କରିଥାଏ କିଡନୀ ଷ୍ଟୋନ । ତେବେ ଆଜିକାଲି ଷ୍ଟୋନ ଆଉ ଏତେ ବଡ ରୋଗ ହୋଇ ନାହିଁ । ସଠିକ ଚିକିତ୍ସା ଦ୍ୱାରା ଏହାକୁ କିଛି ଦିନ ମଧ୍ୟରେ ଆରୋଗ୍ୟ କରିହେବ । କିଡନୀ ଷ୍ଟୋନ ଯେ ପର୍ଯ୍ୟନ୍ତ କିଡନୀରେ ରହିଛି, ସେ ପର୍ଯ୍ୟନ୍ତ କୌଣସି ଅସୁବିଧା ହୋଇନଥାଏ । କିନ୍ତୁ ଥରେ ଏହା ଯଦି କିଡନୀରୁ ବାହାରି ୟୁରେଟରରେ ଫସିଯାଏ, ତେବେ ରୋଗୀକୁ ବିଭିନ୍ନ ପ୍ରକାରର ଯନ୍ତ୍ରଣା ଅନୁଭବ ହୋଇଥାଏ । ତେବେ ଆସନ୍ତୁ ଜାଣିବା ଏହି ରୋଗର ବିଭିନ୍ନ ଲକ୍ଷଣ । ଅଣ୍ଟା କିମ୍ବା ପେଟରେ ବାରମ୍ବାର ଯନ୍ତ୍ରଣା ଅନୁଭବ କରିବା କିଡନୀ ଷ୍ଟୋନର ଏକ ଲକ୍ଷଣ ହୋଇପାରେ । ହେଲ୍ଥ ଲାଇନ ଅନୁସାରେ, ପରିସ୍ରାରେ ଅସୁବିଧା ହେବା ମଧ୍ୟ କିଡନୀ ଷ୍ଟୋନର ଲକ୍ଷଣ ହୋଇଥାଏ । କିଡନୀ ଷ୍ଟୋନ ହେଲେ ପରିସ୍ରା କରିବା ସମୟରେ ଅଧିକ ଯନ୍ତ୍ରଣା ଏବଂ ଜଳାପୋଡା ମଧ୍ୟ ଅନୁଭବ ହୋଇଥାଏ । ଏହାଦ୍ୱାରା ଅଧିକାଂଶ ସମୟରେ ପରିସ୍ରା ଇନ୍‌ଫେକ୍ସନ ମଧ୍ୟ ହୋଇପାରେ । ତେବେ ପରିସ୍ରାରେ ରକ୍ତ ପଡିବା କିଡନୀ ଷ୍ଟୋନର ସବୁଠୁ ବଡ ଲକ୍ଷଣ ହୋଇପାରେ । ଏମିତି ଲକ୍ଷଣ ଦେଖା ଦେଲେ ତୁରନ୍ତ ଯାଞ୍ଚ କରିବା ଆବଶ୍ୟକ । ବାରମ୍ବାର ଝାଡାବାନ୍ତି ମଧ୍ୟ ଏହି ରୋଗର ଏକ ଲକ୍ଷଣ । କିଡନୀ ଏବଂ ଜିଆଇ ଟ୍ରାକ ମଧ୍ୟରେ ଫସିଯିବା ଦ୍ୱାରା ଏହିଭଳି ସମସ୍ୟା ଦେଖାଦେଇଥାଏ । କିଡନୀରେ ଷ୍ଟୋନ ହେବା ଦ୍ୱାରା ପ୍ରବଳ ଥଣ୍ଡା ସହିତ ଜ୍ୱର ହୋଇପାରେ । କିଡ୍‌ନୀରେ ଷ୍ଟୋନ ପାଇଁ ଇନଫେକ୍ସନ ହେବା ଦ୍ୱାରା ଏଭଳି ହୋଇଥାଏ । ଅନେକ ସମୟରେ ଏହି ଷ୍ଟୋନ ୟୁରେଟରରେ ଫସିଯାଏ । ଯାହାଦ୍ୱାରା ରୋଗୀଙ୍କୁ ବାରମ୍ବାର ପରିସ୍ରା ଲାଗିଥାଏ ଏବଂ ବହୁତ କମ୍ ପରିସ୍ରା ହୋଇଥାଏ । ଅନେକ ଥର ପରିସ୍ରା ବନ୍ଦ ମଧ୍ୟ ହୋଇଯାଇଥାଏ । ତେବେ ଏଭଳି କିଛି ଲକ୍ଷଣ ଦେଖାଦେଲେ ବିଳମ୍ବ ନ କରି ଯଥାଶୀଘ୍ର ଡାକ୍ତରଙ୍କ ସହ ପରାମର୍ଶ କରିବା ଉଚିତ । ନଚେତ୍ ଏହା ଖୁବ ବିଳମ୍ବ ହୋଇଯାଇପାରେ ।

### ମୂର୍ତ୍ତିମାନଙ୍କ ଗାଁ ପାଲଟିଛି

# ତ୍ରିପୁରାର ରଘୁନନ୍ଦନ ପାହାଡ଼



ବିଚିତ୍ର ଏହି ବିଶ୍ୱ ବ୍ରହ୍ମାଣ୍ଡ, ବିଚିତ୍ର ତାର ପରିକଳ୍ପନା । ଯେଉଁଠାରେ ଲୁଚି ରହିଛି ଅନେକ ରହସ୍ୟମୟ ତଥ୍ୟ ଓ ପରମ୍ପରା । ଯାହାକି ଆଜି ବି କୌତୂହଳ ସୃଷ୍ଟି କରେ । ତେବେ ସେହିଭଳି ଏକ ପାହାଡ ହେଉଛି ତ୍ରିପୁରାର ରଘୁନନ୍ଦନ ପାହାଡ । ଯେଉଁଠାରେ ରହିଛି ଅନେକ ମୂର୍ତ୍ତି । ଯାହାକୁ ଦେଖିଲେ ମନେ ହୁଏ ସତେ ଯେପରି ତାହା ହେଉଛି ମୂର୍ତ୍ତିମାନଙ୍କର ଏକ ଗାଁ ଏବଂ ସେଠାରେ ମୂର୍ତ୍ତିମାନ ସେହି ପାହାଡକୁ ଜଗି ବସିଛନ୍ତି । ତେବେ ଏହି ପାହାଡକୁ ନେଇ ଅନେକ ଲୋକକଥା ରହିଛି । ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଏବଂ ଚକିତ କରିଦିଏ । ଚାଲନ୍ତୁ ଜାଣିବା, ଏହି ରହସ୍ୟମୟ ପାହାଡ ବିଷୟରେ । ତ୍ରିପୁରାର ରଘୁନନ୍ଦନ ପାହାଡ ଉପରେ ଖୋଦିତ ହୋଇଛି ୯୯ ଲକ୍ଷ ୯୯ ହଜାର ୯୯୯ ପ୍ରତିମା । ଏହି ମୂର୍ତ୍ତି ଗୁଡିକ କିଏ ଏବଂ କେବେ ତିଆରି କଲା ତାହା ଜଣା ପଡିନାହିଁ । କିନ୍ତୁ କୁହାଯାଏ ଯେ ଏଗୁଡିକ ଅଷ୍ଟମ କିମ୍ବା ନବମ ଶତାବ୍ଦୀରେ ତିଆରି କରାଯାଇଥିଲା । ତେବେ ଉଭୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଏବଂ ସରକାର ଏହାକୁ ବିଶ୍ୱ ଐତିହ୍ୟ ସ୍ଥଳୀ ଘୋଷଣା କରିବାକୁ ଉଦ୍ୟମ କରୁଛନ୍ତି । ସେହିପରି ଇତିହାସକାର କୁହନ୍ତି କି ଏହି ପଥର ମୂର୍ତ୍ତିମାନ ବହୁତ ଦୁର୍ଲଭ ଅଟନ୍ତି । ଏହିସବୁ ମୂର୍ତ୍ତି କାମ୍ବୋଡ଼ିଆର ଅଙ୍ଗୋରବାଟରେ ଦେଖାଯାଇଥିବା ମୂର୍ତ୍ତି ଭଳି ଲାଗିଥାଏ । ଯାହା ଉପରେ ଇତିହାସକାରମାନେ ବହୁ ବର୍ଷରୁ ଅଧ୍ୟୟନ କରି ଆସୁଛନ୍ତି । ତେବେ ବଙ୍ଗାଳିରେ ଏହି ସବୁ ମୂର୍ତ୍ତିକୁ ଉନାକୋଟି କୁହାଯାଏ । ଯାହାର ଅର୍ଥ ହେଉଛି ଗୋଟେ କୋଟିରୁ ଗୋଟିଏ କମ୍ । ତେବେ ଏହି ରଘୁନନ୍ଦନ ପାହାଡରେ ଥିବା ଅନେକ ମୂର୍ତ୍ତି ଖରାପ ପାଣିପାଗ କାରଣରୁ ନଷ୍ଟ ହୋଇଗଲାଣି । ଏହି ପାହାଡରେ ଥିବା ମୂର୍ତ୍ତିମାନଙ୍କ ଉପରେ ଝରଣା ବହୁଥିବାର ମଧ୍ୟ ଦେଖାଯାଏ । ଯାହାକି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ସହ ଏହାର ମନୋରମ ଦୃଶ୍ୟ ଅନେକ ପର୍ଯ୍ୟଟକଙ୍କୁ ଏଠାକୁ ଟାଣିଆଣେ । ତ୍ରିପୁରା ସରକାର ମୂର୍ତ୍ତିମାନଙ୍କ ଆଖପାଖରେ ପର୍ଯ୍ୟଟନ ସ୍ଥଳୀ ଘୋଷଣା କରିଛି । ତେବେ ଅନେକ ବିଶେଷଜ୍ଞ କହୁଛନ୍ତି ଏହି ପାହାଡ଼ ଭିତରେ ଲୁଚି ରହିଛି ଅନେକ ଗୁପ୍ତ ଧନ । ଗୁପ୍ତ ଧନକୁ ଲୁଚାଇ ଏଠାରେ ଏମିତି ସବୁ ମୂର୍ତ୍ତି କରାଯାଇଛି ବୋଲି ବିଶ୍ୱାସ କରାଯାଉଛି । ତେବେ ଏହିସବୁ ମୂର୍ତ୍ତିମାନଙ୍କ ଉଚ୍ଚତା ୩୦ ଫୁଟ ଏବଂ ୧୦ ଫୁଟ ହେବ । ମୂର୍ତ୍ତିମାନଙ୍କ ମଧ୍ୟରେ ଭଗବାନ ଶିବଙ୍କର ମଧ୍ୟ ମୂର୍ତ୍ତି ରହିଛି । ଗଣେଶ ଏବଂ ବୃଷଭ ମଧ୍ୟ ରହିଛନ୍ତି । ତେବେ ଏହି ପାହାଡ଼କୁ ଦେଖିଲେ ଫିଲ୍ମ ଦେଖିଲା ଭଳି ଲାଗିବ । ଲାଗିବ ସତେ ଯେମିତି ଫିଲ୍ମ ପାଇଁ ଏହି ସବୁ ସେଟ୍ ଗୁଡ଼ିକୁ ତିଆରି କରାଯାଇଛି । ଏଭଳି ରହିଛି ଏହି ପାହାଡର ଗୁପ୍ତ କଥା ।

**ଏହି ପାହାଡ଼ ଭିତରେ ଲୁଚି ରହିଛି ଅନେକ ଗୁପ୍ତ ଧନ । ଗୁପ୍ତ ଧନକୁ ଲୁଚାଇ ଏଠାରେ ଏମିତି ସବୁ ମୂର୍ତ୍ତି କରାଯାଇଛି ବୋଲି ବିଶ୍ୱାସ କରାଯାଉଛି । ତେବେ ଏହିସବୁ ମୂର୍ତ୍ତିମାନଙ୍କ ଉଚ୍ଚତା ୩୦ ଫୁଟ ଏବଂ ୧୦ ଫୁଟ ହେବ । ମୂର୍ତ୍ତିମାନଙ୍କ ମଧ୍ୟରେ ଭଗବାନ ଶିବଙ୍କର ମଧ୍ୟ ମୂର୍ତ୍ତି ରହିଛି ।**

## ଅଜଣା ଗାଡି ଧକ୍କାରେ ଯୁବକ ମୃତ

ତିଗିରିଆ,(ନିପ୍ର): ତିଗିରିଆ ଗୋହିରୀ ମୁଣ୍ଡ ଠାରୁ ଅଳ୍ପ ଦୂରରେ ନିଗିଗଡ ଗ୍ରାମର ଶ୍ୟାମ ସୁନ୍ଦର ସାହୁଙ୍କ ପୁଅ ପ୍ରକାଶ ଚନ୍ଦ୍ର ସାହୁ (୩୬)ଙ୍କୁ ଗତ କାଲି ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କା ଦେଇ ଚାଲିଯାଇଥିଲା ।ସ୍ଥାନୀୟ ଲୋକ ପ୍ରକାଶଙ୍କୁ ଉଦ୍ଧାର କରି ତିଗିରିଆ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ।ସେଠାରେ ଡାକ୍ତର ପ୍ରକାଶଙ୍କୁ ମୃତ ଘୋଷଣା କରିଥିଲେ। ଆଠଗଡ଼ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣା ସ୍ଥଳରେ ଗାଡି କାଚ ଭାଙ୍ଗି ଯାଇଥିବା ଦେଖାଯାଇଛି ।ତିଗିରିଆ ପୋଲିସ ତଦନ୍ତ କରୁଛି ।

## ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ବିୟୋଗ

କେନ୍ଦୁଝର,(ନିପ୍ର): ଧରଣୀଧର ବିଶ୍ୱବିଦ୍ୟାଳୟର ସ୍ନାତକ ଇଂରାଜୀ ବିଭାଗ ଶେଷ ବର୍ଷର ଛାତ୍ର ଲୁନା ମାଝୀଙ୍କର ଅକାଳ ବିୟୋଗ ଭୁବନେଶ୍ୱରର ଏକ ଘୋରୋଇ ଡାକ୍ତରଖାନାରେ ହୋଇଯାଇଛି। ପ୍ରକାଶ ଥାଉକି ଶ୍ରୀ ମାଝୀ ଥିଲେ ପିତୃ ମାତୃହୀନ ସନ୍ତାନ। ନିଜେ ଶ୍ରମିକ ଭାବରେ କାମ କରିବା ସହିତ ପାଠ ପଢ଼ି ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେବାର ଲକ୍ଷ୍ୟ ରଖିଥିଲେ। ଜଣେ ମେଧାବୀ ଛାତ୍ର ଭାବରେ ବିଶ୍ୱବିଦ୍ୟାଳୟରେ ତାଙ୍କର ପରିଚୟ ଥିଲା ସ୍ୱତନ୍ତ୍ର। ତାଙ୍କ ଅକାଳ ବିୟୋଗରେ ବିଶ୍ୱବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି। ବିଶ୍ୱବିଦ୍ୟାଳୟ ତରଫରୁ ଧରଣୀଧରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଅଧ୍ୟାପକ ,ଅଧ୍ୟାପିକା ତଥା ଛାତ୍ର ଛାତ୍ରୀ ମାନେ ଅମର ଆତ୍ମାର ସଦଗତିରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିବା ସହିତ ସ୍ମୃତି ଚାରଣ କରିଥିଲେ।

## ଆସିକାରେ ମା ତାରାଦେବୀଙ୍କ ମନ୍ଦିର ପ୍ରତିଷ୍ଠା

ଆସିକା,(ନିପ୍ର): ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ଖଣ୍ଡଦେଉଳୀ ଗ୍ରାମପଚାଂୟତ କର୍ଣ୍ଣୋଳୀ ସ୍ଥିତ ଶ୍ରୀ ଶ୍ରୀ ନିଗମାନନ୍ଦ ଯୋଗାଶ୍ରମ ପରିସରରେ ନିର୍ମିତ ଶ୍ରୀ ଜଗତଜନନୀ ଗୁରୁଶକ୍ତି ସ୍ୱରୂପିଣୀ ମା ତାରାଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ବୈଶାଖ ପୂର୍ଣ୍ଣିମା ଠାରୁ ଜ୍ୟେଷ୍ଠ କୃଷ୍ଣ ପଚଂମୀ ପର୍ଯ୍ୟନ୍ତ ପ୍ରାୟ ଛଅ ଦିନ ଧରି ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ପଣ୍ଡିତ ଶିରୋମଣି ହରିହର ଶତପଥୀଙ୍କ ତତ୍ତ୍ୱାବଧାନରେ କର୍ଣ୍ଣୋଳୀ ସ୍ଥିତ ଶ୍ରୀ ଗୁରୁପୀଠ ଶ୍ରୀ ଶ୍ରୀ ନିଗମାନନ୍ଦ ଯୋଗାଶ୍ରମ ପାହାଡା ଉପରେ ଅନୁଷ୍ଠିତ ହୋଇଛି ।

## କେଦାରନାଥ ପାଠାଗାର କର୍ମକର୍ତ୍ତା ନିର୍ବାଚନ

କାକଟପୁର,(ନିପ୍ର): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବସ୍ତଡ଼ିହସ୍ଥିତ କେଦାରନାଥ ପାଠାଗାରର କର୍ମକର୍ତ୍ତା ନିର୍ବାଚନ ସର୍ବସମ୍ମତି କ୍ରମେ ସମ୍ପାଦିତ ହୋଇଛି। ଏହି ପରିପ୍ରେକ୍ଷୀରେ ସଭାପତି ଭାବେ କେଦାର ନାଥ ଜେନାଙ୍କୁ ମନୋନୀତ କରାଯାଇଥିବା ବେଳେ ମନୋଜ କୁମାର ବିଶ୍ୱାଳ ଉପସଭାପତି, ଜତିନ୍ଦ୍ର କୁମାର ବିଶ୍ୱାଳ ସମ୍ପାଦକ ଓ କରୁଣାକର ସାହୁଙ୍କୁ ସହ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ସେହିଭଳି ସାଂସ୍କୃତିକ ସମ୍ପାଦକ ଭାବେ ବିଦେଶୀ ପ୍ରଧାନ, ଲାଇବ୍ରେରିଆନ ରାମଚନ୍ଦ୍ର ବିଶ୍ୱାଳ ଓ କୋଷାଧ୍ୟକ୍ଷ ଭାବେ ରଞ୍ଜନ ବାରିକ ମନୋନୀତ ହୋଇଛନ୍ତି। ପାଠାଗାରର ଉପଦେଷ୍ଟା ଓ ପୃଷ୍ଠପୋଷକ ଭାବେ ସମାଜସେବୀ ଜୟନ୍ତ କୁମାର ବିଶ୍ୱାଳ,ଅମିୟ କୁମାର ପଟ୍ଟନାୟକ ଓ ପଣ୍ଡିତ କାଳନ୍ଦୀ ଚରଣ ଛାଟୋଇ ପ୍ରମୁଖ ମନୋନୀତ ହୋଇଥିବା ପାଠାଗାର ପକ୍ଷରୁ ସୂଚନା ମିଳିଛି।

## ଜୀବନ ବୀମା ଶାଖା ପରିଚାଳକଙ୍କୁ ବିଦାୟ ସମ୍ବର୍ଦ୍ଧନା

ନିଆଳି,(ନିପ୍ର): କଟକ ମଣ୍ଡଳ ଅଧିନ ଅଡଶପୁର ସ୍ଥିତ ଜୀବନବୀମା ଶାଖା ପରିଚାଳକଙ୍କ ପଦନ୍ନୋତି ପାଇବା ପରେ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ପଦନ୍ନୋତି ପାଇଥିବା ଶାଖା ପରିଚାଳକ ଯୁଧିଷ୍ଠିର ସାମଲ ଏଠାରେ ୨ବର୍ଷ ଶାଖା ପରିଚାଳକ ଭାବେ କାର୍ଯ୍ୟକରି ବେଶ୍ ଦକ୍ଷତାର ପରିଚୟ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅଡଶପୁର ଜୀବନବୀମା ଶାଖା କାର୍ଯ୍ୟାଳୟ ପରିସର ମଧ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନାର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସମାଜସେବୀ ତଥା ଅଭିକର୍ତ୍ତା ହୃଦାନନ୍ଦ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦାୟୀ ଶାଖା ପରିଚାଳକ ଯୁଧିଷ୍ଠିର ସାମଲ ମନୋରମା ସାମଲ,ସଂଜୟ କୁମାର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ମାନେ ଶାଖା ପରିଚାଳକ ଶ୍ରୀ ସାମଲଙ୍କ ଆମାୟିକ ବ୍ୟବହାର ଓ କାର୍ଯ୍ୟଦକ୍ଷତା ସଂପର୍କରେ ସୂଚନା ଦେଇ ଉଚ୍ଚ ପ୍ରଶଂସା କରିଥିଲେ।

## ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ

ନିମାପଡ଼ା, (ନି.ପ୍ର.): ତାଳତଅଁଳା ଗ୍ରାମରେ ଧାନ ଫସଲରେ ପୋକ ଲାଗି ୨୫୦ ଏକର ଧାନ ଫସଲ ନଷ୍ଟ ହୋଇଥିବା ଖବର ପାଇ ପୁରୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଚନ୍ଦ୍ର ମୋହନ ଚାନ୍ଦ, ବ୍ଲକ୍ କୃଷି ଅଧିକାରୀ ପ୍ରିୟବ୍ରତ ପୃଷ୍ଟି ଓ ଓଭରସିଅର ଜ୍ୟୋସ୍ନାରାଣୀ ମହାନ୍ତି, ଇନସୁରାନ୍ସ ଅଧିକାରୀ, ବ୍ଲକ୍ ସଂଯୋଜକ ପ୍ରମୁଖ ଗୁରୁବାର ଗ୍ରାମ ପରିଦର୍ଶନ କରି କ୍ଷୟକ୍ଷତିର ବିବରଣୀ ଆକଳନ କରିଥିବା ଜଣାପଡ଼ିଛି । ଚାଷୀ ପ୍ରସନ୍ନ ବରାଳ, ବିଜୟ ବରାଳ, ସୁମନ୍ତ ବରାଳ, ଦୀପ୍ତି ରଂଜନ ବରାଳ ପ୍ରମୁଖ କୃଷି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

# ରୋଜଗାର ହରାଉଛନ୍ତି ଶିଆଳି ପତ୍ର ସଂଗ୍ରହକାରୀ, ସଂକଟରେ ଖଲି କାରିଗର

## ବଜାର ବ୍ୟବସ୍ଥା ପାଇଁ ସରକାରୀ ପଦକ୍ଷେପ ନେବାକୁ ଦାବି

ରାୟଗଡ଼ା, (ନିପ୍ର): ସବୁଜ ବନାନୀ ମଧ୍ୟରେ ଲମ୍ବା ଲମ୍ବା ମାଳ ହୋଇ ଝୁଲେ ଶିଆଳି ପତ୍ର। ସ୍ଥାନୀୟ ଆଦିବାସୀ ମହିଳାମାନେ ଏହି ଶିଆଳି ପତ୍ରକୁ ସଂଗ୍ରହ କରି ମୁଣ୍ଡରେ ବୋହି ଘରକୁ ଆଣିବା ପରେ ଘରେ ବସି ସାତରୁ ଆଠଟି ଲେଖାଏଁ ପତ୍ରକୁ ବାନ୍ଧି ବିଡା ବିଡା କରନ୍ତି। ଏହାକୁ ବଜାରକୁ ନେଇ ବିକ୍ରି କଲେ ଯାହା ମିଳେ ସେଥିରେ ଚାଲେ ସେମାନଙ୍କର ତେଲ ଲୁଣର ସଂସାର । ତେବେ ଚିନ୍ତାର ବିଷୟ ଯେ ଦିନକୁ ଦିନ ବଜାରରେ ଶିଆଳି ପତ୍ର ଚାହିଦା କମିବାରେ ଲାଗିଛି। ଭୋଜିଭାତରେ ରେଡିମେଡି ପେପର ପ୍ଲେଟ୍ ବହୁଳ ଭାବେ ବ୍ୟବହୃତ ହେଉଛି। ଫଳରେ ପତ୍ର ସଂଗ୍ରହକାରୀ ରୋଜଗାର ହରାଇବା ବେଳେ ଖଲିସିଲା କାରିଗରଙ୍କ ଜୀବିକା ଏବେ ସଙ୍କଟରେ ପଡ଼ିଛି ।ଧୀରେ ଧୀରେ ଏପରି କାରିଗରଙ୍କ ସଂଖ୍ୟା କମିବାରେ ଲାଗିଛି।

ଡ୍ରିଞ୍ଜି ଶିକକା ଜଣେ ଖଲିପତ୍ର ସଂଗ୍ରହକାରୀ । ସେ କହନ୍ତି, ପାହାଡ଼ ଚଢ଼ି, ଜଙ୍ଗଲକୁ ଯାଇ ପତ୍ର ସଂଗ୍ରହ କରି ଆଣୁ। ପରିବାରରୁ ଦୁଇ କିମ୍ବା ତିନି ଜଣ ବଣକୁ ଯାଇ ପତ୍ର ସଂଗ୍ରହ କରିଥାଉ। ବଡି ସକାଳୁ ଯାଇ ସନ୍ଧ୍ୟାରେ ଫେରୁ। ପତ୍ର ସବୁକୁ ବିଡା ବାନ୍ଧି ଶୁଖାଇ ଥାଉ। ପତ୍ରସବୁ ଶୁଖିଗଲା ପରେ ତାକୁ ରବୁଣା କିମ୍ବା ଶିଳ ପଥର ଚାପା ଦେଇ ସମତୁଳ କରିବା ପରେ କାଠି ସଂଗ୍ରହ କରି ଆଣି ଖଲି ବୁଣିବା ଆରମ୍ଭ କରିଥାଉ। ବହୁତ ସମୟ ଲାଗିଥାଏ ବୁଣିବା ପାଇଁ। ଆଖି ଉପରେ ବହୁତ ଚାପ ବି ପଡେ। ଖଟିଲେ ଦୁଇ ପଇସା ମିଳେ। ଏହି ଖଲି ତିଆରି ହେବା ପରେ ପୁଣି ବଜାରକୁ ବିକ୍ରି ପାଇଁ ନେଇଥାଉ। ସାମ୍ପ୍ରତିକ ପରିସ୍ଥିତିରେ ଆଉ ପୂର୍ବ ଭଳି ଏହାର ଚାହିଦା ନାହିଁ, କାରଣ ଲୋକେ ପ୍ଲାଷ୍ଟିକ ପରେ ଏବେ ପେପର ପ୍ଲେଟରେ ତିଆରି ସବୁ ଗିନା, ଥାଳି, କପ, ଚାମଚ, କାଠି ଚାମଚ ଆଦି ସହଜରେ ପାଇଯାଆନ୍ତି, ତେଣୁ ଏହାର ଚାହିଦା ବହୁତ କମି ଗଲାଣି।



ଅନ୍ୟ ଜଣେ ଖଲିପତ୍ର ସଂଗ୍ରହକାରୀ ଲକ୍ଷ୍ମଣ ଶିକକା କହନ୍ତି, ଛୋଟ ପିଲା ଥିଲେ ବଡ ଅସୁବିଧା ହୋଇଥାଏ, ସେମାନେ ଖଲି ସବୁ ଚିରି ଦିଅନ୍ତି, ଏପଟେ ଘର କାମ, ଟିକେ ଅଳସ ହେଲେ ପିଲା ହଇରାଣ କରିଦିଅନ୍ତି। କିନ୍ତୁ ଆଗ ଭଳି ଆଉ ଲୋକେ ଖଲିକୁ ଲୋକେ ପ୍ରାଧାନ୍ୟ ଦେଉ ନାହାନ୍ତି।

ଯୋଗେଶ୍ୱର ହଲ୍ଦା ନାମକ ଖଲିପତ୍ର ବେପାରୀ ଜଣଙ୍କ କୁହନ୍ତି, ଚାହିଦା ତ କମିଛି, ବହୁତ ଲୋକ ଖଲିକୁ ପସନ୍ଦ କରିଥାଆନ୍ତି ।କିନ୍ତୁ ହଜାରେରୁ ଉର୍ଦ୍ଧ୍ୱ ଭୋଜିରେ ପେପର ପ୍ଲେଟ ଦରକାର ବୋଲି କହିଥାଆନ୍ତି। ବଫେ ଭୋଜିରେ ପେପର ପ୍ଲେଟ ହାତରେ ଧରି ଖାଇବା ସହଜ, ଯଦିବା କେହି ଖଲି ବ୍ୟବହାର କରିବାକୁ ଚାହେଁ, ତେବେ ବହୁଳ ମାତ୍ରାରେ ମିଳିନଥାଏ, ଖଲି ବ୍ୟବହାର କଲେ ସ୍ୱତନ୍ତ୍ର ଭାବେ କେମିକାଲ ଯୁକ୍ତ ପେପର ପ୍ଲେଟ୍ ସ୍ୱାସ୍ଥ୍ୟ ପ୍ରତି କ୍ଷତି କରିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ସତର୍କ କରାଉଛନ୍ତି। ଯେପରି କ୍ଷତିକାରକ ପ୍ଲାଷ୍ଟିକ ବୋତଲ ପାଣି । ସେମିତି ଲୋକେ ପଲିଥିନ ବ୍ୟବହାର କମାଇଦେଲେଣି,ଧୀରେ ଧୀରେ ସୁଧାର ଆସୁଛି। ଏଥିପାଇଁ ଯୁବ ବର୍ଗ ଆଗକୁ ଆସିବା ଦରକାର। ସରକାର ଖଲି ବିକ୍ରି ପାଇଁ, ଆଉ କିଣିବା ପାଇଁ କିଛି କରିବା ଦରକାର, ବଜାର ବ୍ୟବସ୍ଥାର ଆବଶ୍ୟକତା ରହିଛି। ଖଲି ବିକି ଲୋକେ ଅଧିକା. ଅତିରିକ୍ତ ଆୟ କରିପାରିଥାନ୍ତେ ।ସରକାର ଏଦିଗରେ କିଛି ପଦକ୍ଷେପ ନେଲେ ଖଲି କାରିଗର ଉପକୃତ ହୋଇପାରନ୍ତେ ବୋଲି ଏଠାରେ ସଚେତନ ନାଗରିକ ମହଲରେ ମତ ତଥା ଦାବି ପ୍ରକାଶ ପାଇଛି।

# ବୈତରଣୀ ନଦୀରୁ ବାଲି ଲୁଟ୍: ବିପଦରେ ନଦୀବନ୍ଧ

ଧାମନଗର,(ନିପ୍ର): ଧାମନଗର ତହସିଲ ଅନ୍ତର୍ଗତ ଅର୍ଜୁନପୁର ପଞ୍ଚାୟତର ମମାଦୁଲା ଅଞ୍ଚଳ ଏବେ ବାଲି ମାଫିଆଙ୍କ ଚରାଭୂଇଁ ପାଲଟିଛି। ବୈତରଣୀ ନଦୀ ପଠାରୁ ଦୈନିକ ଶହ ଶହ ଟ୍ରାକ୍ଟରରେ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ବେଳେ ପ୍ରଶାସନର ନୀରବତା ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି କରିଛି ।ମାଫିଆମାନେ ବାଲି ବୋହିବା ପାଇଁ ମମାଦୁଲା ଗ୍ରାମ ନିକଟରେ ନଦୀବନ୍ଧକୁ କାଟି ମନଇଚ୍ଛା ଗଡ଼ା ତିଆରି କରିଛନ୍ତି। ଏହାଦ୍ୱାରା ନଦୀବନ୍ଧ ଦୁର୍ବଳ ହେବାରେ ଲାଗିଛି। ଆଗକୁ ବର୍ଷା ଋତୁ ଆସୁଥିବା ବେଳେ ବନ୍ଧର ମରାମତି ହେଉନାହିଁ। ଯଦି ବନ୍ଧରେ ଘାଇ ସୃଷ୍ଟି ହୁଏ, ତେବେ ସମ୍ପୂର୍ଣ୍ଣ ଅଞ୍ଚଳ ଜଳମଗ୍ନ ହେବାର ଆଶଙ୍କା ରହିଛି। ବାରମ୍ବାର ବାଲି ଉତ୍ତୋଳନ ଯୋଗୁଁ ନଦୀ ମଧ୍ୟ ଗଭୀର ହେବାରେ ଲାଗିଛି, ଯାହା ପରିବେଶ ପାଇଁ ଏକ ବଡ଼ ବିପଦ। ଧାମନଗର ଜଳସେଚନ ବିଭାଗ ଅଧୀନରେ ଥିବା ରାସ୍ତା ଦେଇ ଦିନରାତି ଶହ ଶହ ବେଆଇନି ବାଲି ବୋଝେଇ ଟ୍ରାକ୍ଟର ଚଳାଚଳ କରୁଛି। ଫଳରେ ରାସ୍ତା ସମ୍ପୂର୍ଣ୍ଣ ଶୋଚନୀୟ ହୋଇପଡ଼ିଛି। ସ୍ଥାନୀୟ ଲୋକେ ଯାତାୟାତ କରିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ସହିତ ଟ୍ରାକ୍ଟର ଗୁଡ଼ିକର ବିକଟାଳ ଶବ୍ଦରେ ଗ୍ରାମବାସୀଙ୍କ କାନ ଫାଟି ପଡୁଛି, ଯାହା ସାଧାରଣ ଜୀବନ ଯାପନକୁ ଦୁର୍ବିସହ କରିଦେଇଛି।



ବଡ଼ ବିଡ଼ମ୍ବନାର ବିଷୟ ଯେ, ସ୍ଥାନୀୟ ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ଏଭଳି ବେଆଇନ କାର୍ଯ୍ୟ ଚାଲିଥିଲେ ସୁଦ୍ଧା ତହସିଲ ପ୍ରଶାସନ କିମ୍ବା ଖଣି ବିଭାଗ କୌଣସି କଠୋର ପଦକ୍ଷେପ ଗ୍ରହଣ କରୁନାହାନ୍ତି । ପ୍ରଶାସନର ଏହି ଚୁପ୍ ରହିବା ପଛରେ ମାଫିଆଙ୍କ ସହ କୌଣସି ମଧୁଚନ୍ଦ୍ରିକା ରହିଛି କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ଏହି ବେଆଇନ ବାଲି ଚୋରା ଚାଲାଣ ବନ୍ଦ କରାଯାଉ, କଟାଯାଇଥିବା ନଦୀବନ୍ଧର ମରାମତି ହେଉ ଏବଂ ସମ୍ପୃକ୍ତ ମାଫିଆଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନଚେତ୍ ଆଗାମୀ ଦିନରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି।

# ବିଧାୟକଙ୍କ ଜଲ୍ଲାରପୁର ପହଙ୍ଗା ରାସ୍ତା ପରିଦର୍ଶନ

## ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ



ନିଆଳି,(ନିପ୍ର): ନିଆଳି ବ୍ଲକ ଅନ୍ତର୍ଗତ ନିଆଳି,ଫୁଲନଖରା ରାଜ୍ୟ ରାଜପଥର ଜଲ୍ଲାରପୁର ଛକ ଠାରୁ ପହଙ୍ଗା ରାସ୍ତା ପରିଦର୍ଶନ କରି ବିଧାୟକ ଇଂ. ଛବି ମଲ୍ଲିକ ରାସ୍ତାର ଶୋଚନୀୟ ଅବସ୍ଥା ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପୂର୍ତ୍ତ ବିଭାଗ ଅଧିନରେ ଥିବା ଏହି ପ୍ରମୁଖ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡିଥିବାରୁ ଜନସାଧାରଣ ଯାତାୟାତ କ୍ଷେତ୍ରରେ ଘୋର ଅସୁବିଧା ଭୋଗୁଛନ୍ତି। ସୂଚନାଯୋଗ୍ୟ ଯେ, ଏହି ରାସ୍ତାର ମରାମତି ଦାୟିତ୍ୱ ନେଇଥିବା ଠିକାଦାର ଅଧାପନ୍ତରିଆ ଅବସ୍ଥାରେ କାର୍ଯ୍ୟ ବନ୍ଦ କରିଦେବା ଘଟଣାକୁ ବିଧାୟକ ନାପସନ୍ଦ କରିଛନ୍ତି । ତୁରନ୍ତ ଏହି ରାସ୍ତାର ମରାମତି କରାଯିବାକୁ ନିଆଳି ବିଧାୟକ ଶ୍ରୀ ମଲ୍ଲିକ ଏଠାରେ ଉପସ୍ଥିତ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରସ୍ତାବିତ ଟେଣ୍ଡର ପୂର୍ବରୁ ରାସ୍ତାର ଆବଶ୍ୟକୀୟ ମରାମତି କରି ଏହାକୁ ଯାତାୟାତ କ୍ଷମ କରିବାକୁ ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ବିଭାଗୀୟ ଯନ୍ତ୍ରୀମାନଙ୍କୁ ବିଧାୟକ ପରାମର୍ଶ ଦେଇଥିଲେ। ବିଧାୟକଙ୍କ ପରିଦର୍ଶନ କାଳରେ ବିଜେପି ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପଣ୍ଡା,ଶଶୀକାନ୍ତ ଲେଙ୍କା,ଆତ୍ମା ଅଧକ୍ଷ ଗଣେଶ୍ୱର ମିଶ୍ରଙ୍କ ସହ ବହୁ ଗ୍ରାମବାସୀପ୍ରମୁଖ ଉପସ୍ଥିତ ରହି ରାସ୍ତାର ତୁରନ୍ତ ମରାମତି ଉପରେ ବିଧାୟକଙ୍କ ନିର୍ଦ୍ଦେଶକୁ ସ୍ୱାଗତ କରିଥିଲେ।

## ମାନସିଂହ ସାହିତ୍ୟ ସଂସଦର ୬୫ ତମ କବିତା ଆସର

କୃଷ୍ଣପ୍ରସାଦ, (ନି ପ୍ର): ମାନସିଂହ ସାହିତ୍ୟ ସଂସଦ, କୃଷ୍ଣପ୍ରସାଦ ନନ୍ଦଳା ଠାରେ ହୋଇଥିବା ସଂସଦର ୬୫ ତମ କବିତା ଆସର ପୁରୀ ସଂସ୍କୃତି ଭବନ ଠାରେ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଚନ୍ଦ୍ର ଶେଖର ମହାନ୍ତି ଯୁବ କବି ମାନଙ୍କୁ ସତ୍ୟନିଷ୍ଠ ଭିତରେ କବିତା ଲେଖିବାକୁ ଆହ୍ୱାନ କରିଛନ୍ତି। ସମ୍ପାଦକ ଲଳିତ କୁମାର ସ୍ୱାଇଁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଂଯୋଜନା ଓ ପରିଚାଳନା କରିଥିବା ବେଳେ ପ୍ରିୟଦର୍ଶିନୀ ସାହୁ, ରାଧାମୋହନ ପୂଜାହାରି, ଗଗନ ପ୍ରଧାନ, ମନୋଜ ବାରିକ, ସୁମନ୍ତ ସ୍ୱାଇଁ, କଲ୍ୟାଣ ସ୍ୱାଇଁ ଆଦି ସହଯୋଗ କରିଥିଲେ।

## କୃତୀ ମାଟ୍ରିକ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ନିମାପଡ଼ା,(ନି.ପ୍ର.): ଏହି ବ୍ଲକ୍ ଅଧୀନସ୍ଥ ବିଷ୍ଣୁପୁର ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶତ ପ୍ରତିଶତ ଫଳାଫଳ ପ୍ରକାଶ ପାଇଥିବା ବେଳେ ଛାତ୍ରୀ ଦିପ୍ତିମୟୀ ନାଥ ୫୪୦ ନମ୍ବର ରଖି ଏ-୧ ଗ୍ରେଡ୍ ହାସଲ କରିଥିବା ସଭାରେ ସୂଚନା ଦିଆଯାଇଥିଲା । ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ କର୍ମକର୍ତା ନିହାର ରଂଜନ ଦାଶ, ପୂର୍ଣ୍ଣଚନ୍ଦ୍ର ନାୟକ, ଅବସରପ୍ରାପ୍ତ ଶିକ୍ଷକ କାହ୍ନୁ ଚରଣ ସ୍ୱାଇଁ, ରବିନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# କାଶୀପୁର ବଡ଼ପାଟଣା ରାମଲୀଳାରେ 'ମହିରାବଣ ବଧ'



ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଡିଆ ପଞ୍ଚାୟତ ଅନ୍ତର୍ଗତ କାଶୀପୁର ବଡ଼ପାଟଣା ଗ୍ରାମର ପ୍ରସିଦ୍ଧ ରାମଲୀଳା ମୁକ୍ତାକାଶ ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି 'ମହିରାବଣ ବଧ' ନାଟକ। ରାବଣର ନିର୍ଦ୍ଦେଶରେ ମାୟାବୀ ମହିରାବଣ କିପରି ଭଗବାନ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପାତାଳପୁରକୁ ଅପହରଣ କରି ନେଇଥିଲା ଏବଂ ପରବର୍ତ୍ତୀ ସମୟରେ ହନୁମାନଙ୍କ ଦ୍ୱାରା ମହିରାବଣର ବିନାଶ ଘଟିଥିଲା, ତାହା କଳାକାରମାନଙ୍କ ଜୀବନ୍ତ ଅଭିନୟ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ଏହି ନାଟକରେ ଶ୍ରୀରାମ ଭୂମିକାରେ ରାଜେଶ ପ୍ରଧାନ ଏବଂ ଲକ୍ଷ୍ମଣ ଭୂମିକାରେ ଶୁଭମ୍ ପ୍ରଧାନ ନିଜର ନିପୁଣ ଅଭିନୟ ପ୍ରଦର୍ଶନ କରିଥିଲେ। ସେହିପରି ମହିରାବଣ ଭୂମିକାରେ କୈଳାଶ ଦଳାଇ, ଲଙ୍କାପତି ରାବଣ ଭୂମିକାରେ ଅକ୍ଷୟ ଲେଙ୍କା, ନୌକେଶୀ ଭୂମିକାରେ ରାକେଶ ପରିଡ଼ା ଏବଂ ସଙ୍କଟମୋଚନ ହନୁମାନ ଭୂମିକାରେ ନବକିଶୋର ବରାଳ ଅଭିନୟ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। କାର୍ଯ୍ୟକ୍ରମକୁ ଗାୟକ ବିପିନ ସାହୁ ଓ ଶ୍ୟାମ ସୁନ୍ଦର ବିଶ୍ୱାଳ ନିଜର ସୁମଧୁର କଣ୍ଠରେ ସଜେଇଥିବା ବେଳେ ଗୁରୁ ପଦ୍ମନାଭ ଦଳାଇଙ୍କ ମାର୍ଗଦର୍ଶନରେ ନାଟକଟି ସଫଳତାର ସହ ପରିବେଷିତ ହୋଇଥିଲା। ଏଥିସହିତ ସନ୍ତୋଷ ଦଳାଇ ଓ ଅଗ୍ରଜ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ଏହି ରାମଲୀଳାର ଭରପୂର ଆନନ୍ଦ ଉଠାଇବା ସହ ଭକ୍ତିମୟ ପରିବେଶକୁ ଉପଭୋଗ କରିଥିଲେ।

## ବିକାଶର ନଗ୍ନ ଚିତ୍ର ଗର୍ଭବତୀ ମା'ଙ୍କୁ ଖଟିଆରେ ବୁହା ହେଲା

ଧର୍ମଗଡ଼,(ନିପ୍ର): ପୁଣି ଜନନୀ ଯନ୍ତ୍ରଣାର ଚିତ୍ର ସାମ୍ନାକୁ ଆସିଛି। ଖରାପ ରାସ୍ତା ଯୋଗୁ ପ୍ରାୟ ଦେଢ଼ କିଲେ କିଲୋମିଟର ଦୂର ଖଟିଆରେ ବୁହାହେଲେ ଗର୍ଭବତୀ। ଧର୍ମଗଡ ବ୍ଲକ ଧଅଁରପୁର ପଞ୍ଚାୟତ ଆମ୍ବଗୁଡା -ମାଲପଡା ଗ୍ରାମ ଗାଁର ଦେବାନନ୍ଦ ମାଝୀଙ୍କ ସ୍ତ୍ରୀ ଲଳିତା ମାଝୀଙ୍କୁ ପ୍ରସବ ଯନ୍ତ୍ରଣା ହୋଇ ଥିଲା। ଗାଁର ଆଶା କର୍ମୀଙ୍କୁ ଏନେଇ ଖବର ପରେ ସେ ଆସି ୧୦୮ ଆମ୍ବୁଲାନ୍ସକୁ ଯୋଗା କରିଥିଲେ । ଆମ୍ବୁଲାନ୍ସ ଆସିଲା ସତ ହେଲେ ଗାଁ ନିକଟ ମୁଖ୍ୟ ରାସ୍ତାରେ ଅଟକି ରହିଥିଲା। ଗତ କିଛିଦିନ ହେବ କାଳବୈଶାଖୀ ବର୍ଷା ଯୋଗୁ ଗାଁ ରାସ୍ତା କାଦୁଅ ହୋଇ ରାସ୍ତା ମଝିରେ ଆଣ୍ଠୁଏ ଗାତ ସୃଷ୍ଟି ହୋଇଛି। ଯାହା ଆମ୍ବୁଲାନ୍ସ ଯିବା ତ ଦୂରର କଥା ସାଧାରଣ ଭାବେ ପାଦଚଲା ବି ଅସମ୍ଭବ ହୋଇପଡିଛି। କିଛି ଉପାୟ ନ ପାଇ ଶେଷରେ ଆଶା କର୍ମୀ ଓ ପରିବାର ଲୋକେ ଏକ ଖଟିଆରେ ବୋହି ଦୀର୍ଘ ଦେଢ଼ କିମି ଦୂରରେ ଅଟକି ରହିଥିବା ଆମ୍ବୁଲାନ୍ସ ପାଖକୁ ନେଇ ଥିଲେ। ଗାଁ ଗଣ୍ଡାମାନଙ୍କ ବିକାଶ ପାଇଁ ପଂଚାୟତ ଓ ସମିତି ମାଧ୍ୟମରେ କୋଟି କୋଟି ଟଙ୍କା ବ୍ୟୟବରାଦ ହେଉଥିଲେ ହେଁ ନିମ୍ନମାନର କାମ ଯୋଗୁଁ ଗ୍ରାମାଞ୍ଚଳର ରାସ୍ତା ଘାଟ ଅବସ୍ଥା ଠିକ୍ ନାହିଁ। କିଛି ବର୍ଷ ତଳେ ସମାନ ଦୃଶ୍ୟ ଏହି ଗାଁ ରେ ଘଟିଥିବା ବେଳେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପୂର୍ବ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତତ୍ପରତା ଦେଖାଇ ଗାଁକୁ ଏକ ମାଟି ରାସ୍ତା ନିର୍ମାଣ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ - ରାସ୍ତାର ଉନ୍ନତିକରଣ କରିବାକୁ ସରପଞ୍ଚ ଠାରୁ ଆରମ୍ଭକରି ପ୍ରଶାସନ ଅଧିକାରୀମାନେ ଭୁଲି ଯାଇଥିବା ନେଇ - ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

## ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା: କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦାବି

ଧାମନଗର,(ନିପ୍ର): ଧାମନଗର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। 'କଷ୍ଟ କଟିଂ' ନାମରେ ବିଭାଗ ପକ୍ଷରୁ ଉଡ ସ୍କାଡ, ସିସିସି ଏବଂ ପିଏସ୍‌ଏସ୍ ହେଲ୍ପରମାନଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିବା ପ୍ରତିବାଦରେ 'କଳିଙ୍ଗ ବିଦ୍ୟୁତ୍ କର୍ମଚାରୀ ସଂଘ' ପକ୍ଷରୁ ଏହି ଧାରଣା ଦିଆଯାଇଥିଲା। ସଂଘର ସମ୍ପାଦକଙ୍କ ଆହ୍ୱାନକ୍ରମେ ଧାମନଗର ସେକସନରେ କାର୍ଯ୍ୟରତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଏକଜୁଟ ହୋଇ




ଏକ ଘଣ୍ଟା ଧରି ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଥିଲେ। ବିନା କୌଣସି ଯଥାର୍ଥ କାରଣରେ ଏବଂ ମନମୁଖୀ ଭାବେ କର୍ମଚାରୀଙ୍କୁ ଛଟେଇ କରାଯିବାକୁ ସଂଘ ତୀବ୍ର ନିନ୍ଦା କରିଛି। ଟର୍ମିନେସନ କରାଯାଇଥିବା ସମସ୍ତ କର୍ମଚାରୀଙ୍କୁ ତୁରନ୍ତ ପୁନଃ ନିଯୁକ୍ତି ଦିଆଯାଉ,'କଷ୍ଟ କଟିଂ' ବାହାନାରେ କର୍ମଚାରୀଙ୍କୁ ଛଟେଇ କରିବା ବନ୍ଦ କରାଯାଉ ।ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ଯେ, ଯଦି ଅବିଳମ୍ବେ ଏହି ଦାବି ପୂରଣ ନହୁଏ, ତେବେ ଆଗାମୀ ଦିନରେ ସଂଘ ନିଷ୍ପତ୍ତି ଅନୁଯାୟୀ ଏକ ବଡ଼ ଧରଣର ଆନ୍ଦୋଳନ କରାଯିବ। କାର୍ଯ୍ୟକ୍ରମରେ ସଂଘଠକ ପ୍ରତାପ ଦାସ, ଏକଲବ୍ୟ ଦେହୁରୀ, ସଭ୍ୟ ନିରଞ୍ଜନ ମହାପାତ୍ର, ଅନିରୁଦ୍ଧ ସାହୁ, ପ୍ରଦୀପ ଦାସ, ଅଶୋକ ସାହୁ, ତାପସ ବାରିକ, ଜଗନ୍ନାଥ ବେହେରା, ବିକାଶ ପଣ୍ଡା, ଅବିନାଶ ରାଉତ ଏବଂ ସୂର୍ଯ୍ୟକାନ୍ତି ସାହୁଙ୍କ ସମେତ ବହୁ କର୍ମଚାରୀ ନେତୃତ୍ୱ ନେଇଥିଲେ।

## ଗ୍ରାମପଞ୍ଚାୟତସ୍ତରୀୟ ସୁଭଦ୍ରାଶକ୍ତି କେନ୍ଦ୍ର ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟିତ



ପାରଳାଖେମଣ୍ଡି(ନିପ୍ର): ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ଖାଣ୍ଡବା ଗ୍ରାମଠାରେ ଆଜି ଗ୍ରାମ ପଞ୍ଚାୟତ ସ୍ତରୀୟ ସୁଭଦ୍ରାଶକ୍ତି କେନ୍ଦ୍ର, ମାର୍କେଟ କମ୍ପ୍ଲେକ୍ସ ଓ ବସ ରହଣି ଗୃହର ଶୁଭ ଉଦ୍‌ଘାଟନ କଲେ ବିଧାୟକ ରୁପେଶ ପାଣିଗ୍ରାହୀ। ପ୍ରଥମେ ଉଦଘାଟନୀ ଉତ୍ସବରେ ଯୋଗଦେବା ପୂର୍ବରୁ ଗାଁ ରେ ହେଉଥିବା ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ବିଧାୟକ। ଗାଁ ମୁଣ୍ଡ ଠାରୁ ବିଧାୟକ ଓ ଅତିଥି ମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ଗ୍ରାମବାସି। ପରେ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଲେ, ମହିଳାମାନଙ୍କ ପାଇଁ ହୋଇଥିବା ସୁଭଦ୍ରାଶକ୍ତି କେନ୍ଦ୍ରରେ ଆସିଥିବା ସମସ୍ତ ମହିଳା ମାନଙ୍କ ସହ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ, ଯାହାବି ଅସୁବିଧା ରହିଛି ତୁରନ୍ତ କହିଥିଲେ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବିଧାୟକ, ଏହି ଗ୍ରସ୍ତ ସମୟରେ ବିଧାୟକ ସମେତ ଜିଲ୍ଲା ପରିଷଦ ଅଧକ୍ଷ ଜି ତିରୁପତି ରାଓ, କାଶୀନଗର ବ୍ଲକ ଅଧକ୍ଷା ବାଲା ସାଇଆମ୍ମା, ପଞ୍ଚାୟତ ସମିତି ଉପାଧକ୍ଷ ଏସ କଲ୍ୟାଣୀ, ଜିଲ୍ଲାପରିଷଦ ରୋକମ୍ ରାଜଲକ୍ଷ୍ମୀ, ନାଇବ ସରପଞ୍ଚ ରୋକମ ସତିଶ,ସମିତି ସଭ୍ୟ ଜଗନ୍ନାଥ ଡୋରା, ସରପଞ୍ଚ ତେଜେଶ୍ୱର୍ ରାଓ, ସ୍ଥାନୀୟ ସରପଞ୍ଚ ମାଧବୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପି ପକ୍ଷରୁ ବିଶାଳ ଜନ ଆକ୍ରୋଶ ମହିଳା ସମାବେଶ

ବୋଲଗଡ଼,(ନିପ୍ର): ଲୋକସଭାରେ ମହିଳା ସରଂକ୍ଷଣ ବିଲକୁ କଂଗ୍ରେସ ଓ ବିଜେଡିର ବିରୋଧକୁ ନେଇ ଖୋର୍ଦ୍ଧା ଜିଲ୍ଲା ଭାରତୀୟ ଜନତା ଦଳ ପକ୍ଷରୁ ଓ ଜିଲ୍ଲା ଉପ ସଭାପତି ବାସୁଦେବ ସାହୁଙ୍କ ନେତୃତ୍ୱରେ ଆଜି ଅପରାହ୍ନରେ ବୋଲଗଡ଼ ଗୋପବନ୍ଧୁ ଛକରେ ମହିଳା ମୋର୍ଚ୍ଚାର ବିଶାଳ ଜନ ଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ନିକୁଞ୍ଜ ପଟ୍ଟନାୟକ, ବରିଷ୍ଠ ବିଜେପି କର୍ମୀ ରବୀନ୍ଦ୍ରନାଥ ପରିଡା,ପଞ୍ଚାଗଡ଼ ମଣ୍ଡଳ ସଭାପତି ମିଥୁନ ପାଇକରାୟ,ପଞ୍ଚାଗଡ଼ ମଣ୍ଡଳ ମହିଳା ମୋର୍ଚ୍ଚା କର୍ମୀ ମିତାଲି ପରିଡା , ସ୍ୱପ୍ନରାଣୀ ପରିଡା, ବନ୍ଦିତା ସାହୁ, ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ଜନ ଆକ୍ରୋଶ ମହିଳା ସମାବେଶର କର୍ମକର୍ତ୍ତାମାନେ ବିଜେଡି ଓ କଂଗ୍ରେସର ହୀନ ରାଜନୀତିକୁ ବିରୋଧ ସହିତ ଘୋର ନିନ୍ଦା କରି ' ଦେଶର ପ୍ରଗତି ପାଇଁ ସଶକ୍ତ ନାରୀ, ବିଜେଡି -କଂଗ୍ରେସ ମାରିଲେ ଛୁରୀ ନାରା ଦେଇଥିଲେ ।ଏହି ବିଶାଳ ମହିଳା ସମାବେଶରେ ବୋଲଗଡ଼ ବ୍ଲକର ବିଭିନ୍ନ ଗ୍ରାମଗୁଡିକରୁ ଶତାଧିକ ମହିଳାକର୍ମୀମାନେ ଯୋଗଦେଇ ବ୍ଲକ ସମ୍ମୁଖରେ ଅଖିଳେଶ ଯାଦବ, ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ କଂଗ୍ରେସ ନେତା ରାହୁଳ ଗାନ୍ଧୀଙ୍କ କୁଶ ପୁତୁଳା ଦାହ କରିଥିଲେ ।

ତିଥି :(ପଞ୍ଚମୀ): (ପୂର୍ବାଷାଢା ଧନୁ)
ଅମୃତ ବେଳା: ରାତ୍ରି ଘ ୧।୨୧ ଗତେ ଘ ୩।୪୫ ମଧ୍ୟେ

## ଆଜିର ଅନୁଚିନ୍ତନ

ହେ ଭରତବଂଶଜ ଅର୍ଜୁନ! ଯେଉଁ ଯେଉଁ ସମୟରେ ଧର୍ମର ହାନି ହୁଏ ଓ ଅଧର୍ମ ବୃଦ୍ଧି ହୁଏ, ସେତେବେଳେ ହିଁ ମୁଁ ନିଜକୁ ସାକାର ରୂପରେ ପ୍ରକଟ କରେ।। - ଶ୍ରୀମଦ୍ ଭଗବଦ୍ ଗୀତା

# ବଢୁଛି ଜୀବନର ଜଟିଳତା

ଆଜିକାଲି ସୋସିଆଲ ମିଡିଆର ଚକ୍ରବ୍ୟୂହରେ ଯେଉଁମାନେ ପଥଭ୍ରଷ୍ଟ ସେମାନେ ଅଧିକ ଛନ୍ଦି ହେଉଛନ୍ତି। ମଣିଷର ଅସୀମ ପ୍ରଲୋଭନ ତଥା ଅହେତୁକ ଆକର୍ଷଣର ଜାଲ କ୍ରମେ ଜଟିଳତା ସୃଷ୍ଟି କରିଚାଲିଛି । ଅଧିକାଂଶ ଦିନ ତାହାର କୁପ୍ରଭାବର ନଜିର ସମାଜରେ ଦେଖିବାକୁ ମିଳୁଛି।

ଗଂଜାମ ଜିଲ୍ଲା ହିଞ୍ଜିଳି ପୋଲିସ ଥାନା ସୀମା ଅନ୍ତର୍ଗତ କେ ଖରିଡା ଗ୍ରାମରେ ଜଣେ ଚାରି ମାସର ଗର୍ଭବତୀ ମହିଳାଙ୍କୁ ତାଙ୍କ ଛୋଟ ଝିଅର ଉପସ୍ଥିତିରେ ମହିଳାଙ୍କ ଦିଅର ହତ୍ୟା ଟାଙ୍ଗିଆରେ ଜଘନ୍ୟ ଭାବରେ ହତ୍ୟା କରିବା ଘଟଣା ସମାଜକୁ କି ବାର୍ତ୍ତା ଦେଉଛି ?ମହିଳା ଜଣକ ଇନଷ୍ଟାଗ୍ରାମରେ ଅଭିଯୁକ୍ତଙ୍କ ବଡ଼ ଭାଇଙ୍କ ସମ୍ପର୍କରେ ଆସିଥିଲେ ଏବଂ ତାଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲେ। ତିନି ବର୍ଷ ପୂର୍ବେ ସେ ତାଙ୍କ ସହିତ ପଳାଇ ଯାଇଥିଲେ ଏବଂ ଦୁହେଁ ପୁରୀର ଡେଲାଙ୍ଗ ଅଞ୍ଚଳର ଏକ ମନ୍ଦିରରେ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ମହିଳା ଜଣକ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ ଏବଂ ଦମ୍ପତି ସେମାନଙ୍କ ଝିଅ ସହିତ ଡେଲାଙ୍ଗରେ ରହୁଥିଲେ। ପରବର୍ତ୍ତୀ ସମୟରେ ମହିଳାଙ୍କୁ ତାଙ୍କ ସ୍ୱାମୀ କୌଶଳ କରି ଛାଡ଼ି ପଳାଇବା ପରେ ମହିଳା ଜଣକ ପ୍ରେମିକ ବା ସ୍ୱାମୀଙ୍କ ମୂଳଘର ନିକଟରେ ପହଞ୍ଚିବା ସ୍ୱାଭାବିକ ଥିଲା। ମାତ୍ର ପହଞ୍ଚିବା ପରେ ହତ୍ୟାକାଣ୍ଡ ଘଟିବା ପୂର୍ବ ପରିକଳ୍ପିତ ବୋଲି କହିବା ଅତ୍ୟୁକ୍ତି ହେବ ନାହିଁ।

ସେହିପରି ବାଲେଶ୍ୱର ଜିଲ୍ଲାର ସିମୁଳିଆ ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ପଞ୍ଚାୟତରେ ଜଣେ ଯୁବତୀଙ୍କୁ ପ୍ରେମ ନିବେଦନ ମେସେଜ ଜରିଆରେ ପଠାଇବା କାରଣରୁ ଯୁବତୀଙ୍କ ପରିବାର ସଦସ୍ୟ ସଂପୃକ୍ତ ଯୁବକଙ୍କୁ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି ।ଗୋଟିଏ ସ୍ଥାନରେ ଇନଷ୍ଟାଗ୍ରାମରେ ସଂପର୍କ ଯୋଡ଼ି ବିବାହ କରିବା ଓ ଅନ୍ୟ ଏକ ସ୍ଥାନରେ ମେସେଜ ଜରିଆରେ ପ୍ରେମ ନିବେଦନ ଏସବୁ ଅନାବଶ୍ୟକ। ଆମ ସାମାଜିକ ବ୍ୟବସ୍ଥାରେ ବିବାହ ଏକ ପବିତ୍ର ବନ୍ଧନ ତାହା ଲିଭିଂ ଟୁଗେଦରରେ ନ ଥାଏ। ମାତ୍ର ଯେଉଁମାନେ ଲିଭିଂ ଟୁଗେଦର ପ୍ରତି ଆକର୍ଷିତ ଥାଆନ୍ତି ସେମାନେ ତଥାକଥିତ ବିବାହ ଧାରା ପ୍ରତି ଆକର୍ଷିତ ହେବା କ୍ୱଚିତ୍। ଇନଷ୍ଟାଗ୍ରାମ ଜରିଆରେ ପରିଚିତ ହୋଇ ବିବାହ କରିବା ଆମ ପାରମ୍ପରିକ ବିବାହ ଧାରାର ବିରୋଧୀ। ପାରମ୍ପରିକ ଧାରାରେ ହେଉଥିବା ବିବାହ କ୍ଷେତ୍ରରେ ସଂପର୍କ ଭୁଶୁଡ଼ିବା ଅପେକ୍ଷାକୃତ କମ୍। କାରଣ ବିବାହ କରୁଥିବା ବର,କନ୍ୟାଙ୍କ ପ୍ରତି ଦୁଇ ପରିବାର ପକ୍ଷରୁ ତତ୍ତ୍ୱାବଧାନ ଥାଏ ଯାହା ଇନଷ୍ଟାଗ୍ରାମ ଜରିଆରେ ମିଳିଥିବା ପରିଚିତିରେ ଖୋଜିଲେ ମିଳିବ ନାହିଁ। ବିବାହ ଏକ ସୁନ୍ଦର ବୁଝାମଣା। ଏହି ବୁଝାମଣା ପାରସ୍ପରିକ ବିଶ୍ୱାସ ଆଧାରରେ ଏହା ଗଢ଼ି ଉଠିଥାଏ । ଏପରି ବିଶ୍ୱାସ ଓ ବୁଝାମଣା ଥିଲେ ଜୀବନ ଆକର୍ଷଣୀୟ ହୁଏ। ସେହିପରି ମେସେଜ ଜରିଆରେ ପ୍ରେମ ନିବେଦନ ହାସ୍ୟାସ୍ପଦ କେବଳ ନୁହେଁ ଅହେତୁକ ତଥା ଅବାଞ୍ଛିତ। ଏପରି ଜାଲରେ ଛନ୍ଦି ହେଉଥିବା ଉଦ୍‌ଭ୍ରାନ୍ତ ଯୁବକ ହୁଅନ୍ତୁ କି ଯୁବତୀ ପରବର୍ତ୍ତୀ ସମୟରେ ବହୁ ଭାବରେ ଝଟକା ପାଉଥିବାର ଉଦାହରଣ କିଛି କମ୍ ନୁହେଁ। ସୁତରାଂ ସୋସିଆଲ ମିଡ଼ିଆର ମୋହରୁ ନିଜକୁ ମୁକ୍ତ କରି ବାସ୍ତବ ଧାରାରେ ଚାଲିବାକୁ ହେବ ଓ ସଂଯମତା ଅବଲମ୍ବନ କରିବାକୁ ହେବ । ଅନ୍ୟଥା ଦୁର୍ଦ୍ଦଶା ଆମନ୍ତ୍ରଣ ଭବିତବ୍ୟ।

“

**ଚିନ୍ତାଧାରା କେବଳ ଚିନ୍ତାଧାରା ଦ୍ୱାରା ଚ୍ୟାଲେଞ୍ଜ କରାଯାଇପାରିବ। ଯଦି କେହି ଲେନିନଙ୍କ ଚିନ୍ତାଧାରା ସହିତ ଅସହମତ ହୁଅନ୍ତି, ତେବେ ସେମାନେ ହିଂସା ଏବଂ ଭଙ୍ଗାରୁଜା ନୁହେଁ, ବରଂ ଯୁକ୍ତି ଏବଂ ଆଲୋଚନା ମାଧ୍ୟମରେ ସେଗୁଡ଼ିକୁ ପ୍ରକାଶ କରିବା ଉଚିତ। ଗଣତନ୍ତ୍ରକୁ ସୁରକ୍ଷା ଦେବା ପାଇଁ, ଆମକୁ ନିଶ୍ଚିତ କରିବାକୁ ପଡିବ ଯେ ଭିନ୍ନମତକୁ ଦମନ କରା ନ ଯାଉ। ଏପରି ଘଟଣାଗୁଡ଼ିକୁ ରୋକିବା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁରକ୍ଷା ଦେବା ପୋଲିସ ଏବଂ ପ୍ରଶାସନର ଦାୟିତ୍ୱ। ଯଦି ସେମାନେ କ୍ଷମତାର ଚାପରେ ନୀରବ ରୁହନ୍ତି, ତେବେ ଏହା ଗଣତନ୍ତ୍ରର ମୂଳଦୁଆକୁ ଦୁର୍ବଳ କରେ। ଲେନିନଙ୍କ ପ୍ରତିମୂର୍ତ୍ତି ନଷ୍ଟ କରିବା ଆମକୁ ମନେ ପକାଇ ଦିଏ ଯେ ଗଣତନ୍ତ୍ର କେବଳ ପ୍ରତିଷ୍ଠାନ ବିଷୟରେ ନୁହେଁ, ବରଂ ଚିନ୍ତାଧାରା ଏବଂ ସ୍ମୃତିକୁ ସମ୍ମାନ କରିବା ବିଷୟରେ। ପ୍ରତିମୂର୍ତ୍ତି ଭାଙ୍ଗି ଦିଆ ଯାଇପାରେ, କିନ୍ତୁ ଚିନ୍ତାଧାରା ଅମର ରହିଥାଏ।**

# ବିଚାର ଏବଂ ଚିନ୍ତାଧାରାକୁ ଭଙ୍ଗା ଯାଇପାରେନା !

**ଅସିତ ମହାନ୍ତି**

୨୦୨୬ ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ପରେ ପଶ୍ଚିମବଙ୍ଗରେ ରାଜନୈତିକ ପାରଦ ବୃଦ୍ଧି ପାଉଥିବାବେଳେ, ମଙ୍ଗଳବାର ରାତିରେ ମୁର୍ଶିଦାବାଦ ଜିଲ୍ଲାର ଜିଆଗଞ୍ଜ ଅଞ୍ଚଳରେ ଭ୍ଲାଦିମିର ଲେନିନଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗି ଦିଆଯାଇଛି। ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯେଉଁଥିରେ ଭ୍ଲାଦିମିର ଲେନିନଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗି ଦେଖିବାକୁ ମିଳୁଛି। ପଶ୍ଚିମବଙ୍ଗରେ ବିଜେପି କର୍ମୀମାନେ ଲେନିନଙ୍କ ପ୍ରତିମୂର୍ତ୍ତି ଭାଙ୍ଗି ଦେଇଥିବା ଘଟଣା କେବଳ ଏକ ପ୍ରତିମୂର୍ତ୍ତି ନଷ୍ଟ ନୁହେଁ ବରଂ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ସିଧାସଳଖ ଆକ୍ରମଣ। ଏହି ଘଟଣା ଆମକୁ ପ୍ରତିଫଳିତ କରିବାକୁ ବାଧ୍ୟ କରେ ଯେ ରାଜନୈତିକ କର୍ମୀମାନେ କ୍ଷମତାକୁ ଆସିବା ପରେ ଗୁଣ୍ଡାଗିରି, ଭଙ୍ଗାରୁଜା ଏବଂ ହିଂସାର ଆଶ୍ରୟ ନେଲେ ଗଣତନ୍ତ୍ରର ପ୍ରକୃତ ସ୍ୱରୂପ କିପରି ବିପଦରେ ପଡ଼ିଥାଏ। ଯେତେବେଳେ ପୋଲିସ ଏବଂ ପ୍ରଶାସନ ନୀରବ ରହେ, ସେତେବେଳେ ଏପରି ଘଟଣା ଘଟେ, ଏହା ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକର ଦୁର୍ବଳତା ଏବଂ କ୍ଷମତାର ଅପବ୍ୟବହାରର ସ୍ପଷ୍ଟ ସଙ୍କେତ। ଲେନିନଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ପ୍ରତୀକାତ୍ମକ ହିଂସା। ମୂର୍ତ୍ତି କେବଳ ପଥର କିମ୍ବା ଧାତୁରେ ତିଆରି ବସ୍ତୁ ନୁହେଁ; ଏହା ଚିନ୍ତାଧାରା ଏବଂ ସଂଘର୍ଷର ସ୍ମୃତି। ଯେଉଁମାନେ ଲେନିନଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଥିଲେ ସେମାନେ ହୁଏତ ଭାବିଥିବେ ଯେ ସେମାନେ ତାଙ୍କ ଚିନ୍ତାଧାରା ମଧ୍ୟ ଲିଭାଇ ଦେବେ, କିନ୍ତୁ ଇତିହାସ ସାକ୍ଷୀ ଅଛି ଯେ ଚିନ୍ତାଧାରାଗୁଡ଼ିକୁ କେବେ ବଳ ଦ୍ୱାରା ଦମନ କରାଯାଇପାରିବ ନାହିଁ। ଧାରଣା ପବନ ପରି, ଅସ୍ଥିର। ସେମାନେ ପିଢ଼ି ପରେ ପିଢ଼ି ପର୍ଯ୍ୟନ୍ତ ବଞ୍ଚି ରୁହନ୍ତି, ପ୍ରତ୍ୟେକ ଥର ନୂତନ ରୂପରେ ଉଭା ହୁଅନ୍ତି। ଗଣତନ୍ତ୍ରର ମୂଳଦୁଆ ହେଉଛି ସହନଶୀଳତା ଏବଂ ବିତର୍କ। ଯେତେବେଳେ କୌଣସି ଧାରଣା ସହିତ ମତଭେଦ ଥାଏ, ସେତେବେଳେ ଉତ୍ତର ଯୁକ୍ତି ଏବଂ ଆଲୋଚନା ହେବା ଉଚିତ, ହିଂସା ନୁହେଁ। କିନ୍ତୁ ଯେତେବେଳେ କ୍ଷମତା ନିକଟତର ଲୋକମାନେ ପ୍ରତିମୂର୍ତ୍ତି ଭାଙ୍ଗି ଦିଅନ୍ତି, ପୁସ୍ତକ ପୋଡ଼ି ଦିଅନ୍ତି, କିମ୍ବା ଭିନ୍ନମତକୁ ଦମନ କରିବା ପାଇଁ ଲୋକଙ୍କୁ ଭୟଭୀତ କରନ୍ତି, ଏହା ଗଣତନ୍ତ୍ରର ସଙ୍କେତ ନୁହେଁ ବରଂ ଏକ ସ୍ୱେଚ୍ଛାଚାରିତା ଆଡକୁ ଗତି କରେ। ଏକ ଗଣତନ୍ତ୍ରରେ, ପ୍ରତ୍ୟେକ ନାଗରିକର ସେମାନଙ୍କର ମତାମତ ପ୍ରକାଶ କରିବାର ଅଧିକାର ଅଛି, ସେମାନେ ସରକାରଙ୍କ ସପକ୍ଷରେ ହେଉ କି ବିପକ୍ଷରେ। ଲେନିନଙ୍କ ଚିନ୍ତାଧାରା କେବଳ ସାମ୍ୟବାଦ ପର୍ଯ୍ୟନ୍ତ ସୀମିତ ନୁହେଁ; ସେମାନେ ଶୋଷିତ ଏବଂ ବଞ୍ଚିତଙ୍କ ସ୍ୱର। ତାଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ପ୍ରକୃତରେ ଗରିବ, ଶ୍ରମିକ ଏବଂ କୃଷକଙ୍କ ସ୍ୱରକୁ ଦମନ କରିବାର ଏକ ପ୍ରୟାସ ଯାହା ପାଇଁ ଲେନିନ ଲଢ଼ିଥିଲେ। କିନ୍ତୁ ଏହି ସ୍ୱରକୁ କେବେବି ଦମନ କରାଯାଇପାରିବ ନାହିଁ। ଇତିହାସରେ ପ୍ରତ୍ୟେକ ଥର, ଚିନ୍ତାଧାରା ଦମନ କରାଯାଇଛି, ସେମାନେ ଆହୁରି ଅଧିକ ଶକ୍ତି ସହିତ ଫେରିଛନ୍ତି। ବ୍ରିଟିଶମାନେ ଗାନ୍ଧୀଜୀଙ୍କ ଚିନ୍ତାଧାରା ଦମନ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ସେମାନେ ଆହୁରି ଶକ୍ତିଶାଳୀ ହୋଇ ସ୍ୱାଧୀନତା ଆନ୍ଦୋଳନର ମୂଳଦୁଆ ପାଲଟିଥିଲେ। ସେହିପରି, ଲେନିନଙ୍କ ଚିନ୍ତାଧାରା ପ୍ରତିମୂର୍ତ୍ତି ମାଧ୍ୟମରେ ନୁହେଁ, ବରଂ ଲୋକଙ୍କ ସଂଘର୍ଷ ମାଧ୍ୟମରେ ବଞ୍ଚି ରହିବ।



ଆଜିର ରାଜନୀତିରେ ହିଂସା ଏବଂ ଭୟର ବ୍ୟବହାର ବୃଦ୍ଧି ପାଉଛି। ଯଦି ରାଜନୈତିକ ଦଳଗୁଡ଼ିକ କ୍ଷମତାକୁ ଆସିବା ପରେ, ସେମାନଙ୍କ ବିରୋଧୀମାନଙ୍କୁ ଭୟଭୀତ ଏବଂ ନୀରବ କରିବାକୁ ଆରମ୍ଭ କରନ୍ତି, ତେବେ ଏହା ଗଣତନ୍ତ୍ରର ଆତ୍ମା ବିରୁଦ୍ଧରେ ଯାଏ। ଗଣତନ୍ତ୍ର କେବଳ ନିର୍ବାଚନ ଜିତିବା ବିଷୟରେ ନୁହେଁ, ବରଂ ଲୋକଙ୍କ ସ୍ୱର ଶୁଣିବା ଏବଂ ସମ୍ମାନ କରିବା ବିଷୟରେ। ଯେତେବେଳେ ପ୍ରତିମୂର୍ତ୍ତି ଭାଙ୍ଗି ଦିଆଯାଏ, ଏହା ଜନସାଧାରଣଙ୍କ ସ୍ମୃତି ଏବଂ ଚିନ୍ତାଧାରା ଉପରେ ଆକ୍ରମଣ। ଏହି ଘଟଣା ଆମକୁ ଶିକ୍ଷା ଦେବା ଉଚିତ ଯେ ଚିନ୍ତାଧାରା ଲିଭାଇ ଦେବାର ପ୍ରୟାସ ନିରର୍ଥକ। ଲେନିନଙ୍କ ପ୍ରତିମୂର୍ତ୍ତି ଭାଙ୍ଗି ଦିଆ ଯାଇପାରେ, କିନ୍ତୁ ତାଙ୍କ ଚିନ୍ତାଧାରା ନୁହେଁ। ଚିନ୍ତାଧାରା କେବଳ ଚିନ୍ତାଧାରା ଦ୍ୱାରା ଚ୍ୟାଲେଞ୍ଜ କରାଯାଇପାରିବ। ଯଦି କେହି ଲେନିନଙ୍କ ଚିନ୍ତାଧାରା ସହିତ ଅସହମତ ହୁଅନ୍ତି, ତେବେ ସେମାନେ ହିଂସା ଏବଂ ଭଙ୍ଗାରୁଜା ନୁହେଁ, ବରଂ ଯୁକ୍ତି ଏବଂ ଆଲୋଚନା ମାଧ୍ୟମରେ ସେଗୁଡ଼ିକୁ ପ୍ରକାଶ କରିବା ଉଚିତ। ଗଣତନ୍ତ୍ରକୁ ସୁରକ୍ଷା ଦେବା ପାଇଁ, ଆମକୁ ନିଶ୍ଚିତ କରିବାକୁ ପଡିବ ଯେ ଭିନ୍ନମତକୁ ଦମନ କରା ନ ଯାଉ। ଏପରି ଘଟଣାଗୁଡ଼ିକୁ ରୋକିବା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁରକ୍ଷା ଦେବା ପୋଲିସ ଏବଂ ପ୍ରଶାସନର ଦାୟିତ୍ୱ। ଯଦି ସେମାନେ କ୍ଷମତାର ଚାପରେ ନୀରବ ରୁହନ୍ତି, ତେବେ ଏହା ଗଣତନ୍ତ୍ରର ମୂଳଦୁଆକୁ ଦୁର୍ବଳ କରେ। ଲେନିନଙ୍କ ପ୍ରତିମୂର୍ତ୍ତି ନଷ୍ଟ କରିବା ଆମକୁ ମନେ ପକାଇ ଦିଏ ଯେ ଗଣତନ୍ତ୍ର କେବଳ ପ୍ରତିଷ୍ଠାନ ବିଷୟରେ ନୁହେଁ, ବରଂ ଚିନ୍ତାଧାରା ଏବଂ ସ୍ମୃତିକୁ ସମ୍ମାନ କରିବା ବିଷୟରେ। ପ୍ରତିମୂର୍ତ୍ତି ଭାଙ୍ଗି ଦିଆ ଯାଇପାରେ, କିନ୍ତୁ ଚିନ୍ତାଧାରା ଅମର ରହିଥାଏ। ଯେତେବେଳେ ଆମେ ଭିନ୍ନମତକୁ ଆଲିଙ୍ଗନ କରିବୁ । ହିଂସା ଉପରେ ଆଲୋଚନା ବାଛିବୁ ସେତେବେଳେ ଗଣତନ୍ତ୍ର ଆହୁରି ମଜବୁତ ହେବ। ତେଣୁ, ଏହି ଘଟଣା କେବଳ ପ୍ରତିମୂର୍ତ୍ତି ନଷ୍ଟ କରିବା ବିଷୟରେ ନୁହେଁ, ବରଂ ଗଣତନ୍ତ୍ରର ଏକ ପରୀକ୍ଷା। ଆମକୁ ପ୍ରମାଣ କରିବାକୁ ପଡିବ ଯେ ଚିନ୍ତାଧାରାକୁ କେବଳ ଯୁକ୍ତି ଏବଂ ଆଲୋଚନା ମାଧ୍ୟମରେ ଚ୍ୟାଲେଞ୍ଜ କରାଯାଇପାରିବ, ହିଂସା ଦ୍ୱାରା ନୁହେଁ। ଲେନିନଙ୍କ ପ୍ରତିମୂର୍ତ୍ତି ଭାଙ୍ଗି ଦିଆଯାଇପାରେ, କିନ୍ତୁ ତାଙ୍କ ଚିନ୍ତାଧାରା ଜୀବିତ ରହିଛି ଏବଂ ଆଗାମୀ ପିଢ଼ିକୁ ପ୍ରେରଣା ଦେଇ ଚାଲିବ।

‘ଏଭଳି ହିଂସାତ୍ମକ ପ୍ରବୃତ୍ତି କେଉଁଠାରୁ ଆସେ ?’ – ଏହା ପ୍ରକୃତରେ ଗଣତନ୍ତ୍ର ଏବଂ ସମାଜରେ ଏକ ଗଭୀର ଅସ୍ଥିରତାକୁ ସୂଚିତ କରେ। ପଶ୍ଚିମବଙ୍ଗ ଘଟଣାର ରିପୋର୍ଟ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ନିର୍ବାଚନ ଫଳାଫଳ ପରେ ରାଜନୈତିକ ଉତ୍ତେଜନା ବୃଦ୍ଧି ପାଇଥିଲା ଏବଂ ସେହି ପରିବେଶରେ ଲେନିନ୍ ପ୍ରତିମୂର୍ତ୍ତିକୁ ଭାଙ୍ଗି ଦିଆଯାଇଥିଲା। ଏହି ହିଂସା କ୍ଷମତାର ଲୋଭରୁ ଉତ୍ପନ୍ନ ହୁଏ। ଯେତେବେଳେ ରାଜନୈତିକ ଦଳଗୁଡ଼ିକ ସେମାନଙ୍କର କର୍ମୀମାନଙ୍କୁ ବାର୍ତ୍ତା ଦିଅନ୍ତି ଯେ ବିରୋଧୀମାନଙ୍କୁ ଭୟଭୀତ କରିବା ହେଉଛି ବିଜୟର ପଥ, ହିଂସା ସେମାନଙ୍କ ଆଚରଣର ଏକ ଅଂଶ ହୋଇଯାଏ। ଏହି ହିଂସା ସାମ୍ପ୍ରଦାୟିକ ଏବଂ ଆଦର୍ଶଗତ ଘୃଣାରୁ ଉତ୍ପନ୍ନ ହୁଏ। ଯେତେବେଳେ ‘ଅନ୍ୟ ଧାରଣା ବିପଦପୂର୍ଣ୍ଣ’ କିମ୍ବା ‘ଅନ୍ୟ ଧର୍ମ ଶତ୍ରୁ’ ବୋଲି ନିରନ୍ତର ପ୍ରଚାର କରାଯାଏ, ଶ୍ରମିକମାନେ ଧୀରେ ଧୀରେ ବିଶ୍ୱାସ କରିବାକୁ ଆରମ୍ଭ କରନ୍ତି ଯେ ହିଂସା ଯଥାର୍ଥ। ଏହି ହିଂସା ଏକ ସଂଗଠିତ ସଂସ୍କୃତିରୁ ଉତ୍ପନ୍ନ ହୁଏ। ଯେତେବେଳେ ଏକ ସଂଗଠନ ମଧ୍ୟରେ ଗୁଣ୍ଡାଗିରିକୁ ପୁରସ୍କୃତ କରାଯାଏ । ଶାନ୍ତିପୂର୍ଣ୍ଣ ଆଲୋଚନାକୁ ଦୁର୍ବଳତା ବୋଲି ବିବେଚନା କରାଯାଏ, ଶ୍ରମିକମାନେ ସେହି ପଥ ଅନୁସରଣ କରନ୍ତି। ହିଂସା ଏକ ‘ଚାପିଯାଇଥିବା ମାନସିକତା’ - ନିରନ୍ତର ପ୍ରଚାର, ଭୟ ଏବଂ କ୍ଷମତା ରାଜନୀତି ମାଧ୍ୟମରେ, କର୍ମୀମାନଙ୍କୁ ବିଶ୍ୱାସ କରିବାକୁ ଶିକ୍ଷା ଦିଆଯାଏ ଯେ ଅନ୍ତର୍ଘାତ ଏବଂ ଭୟଭୀତ କରିବା ହେଉଛି ଶକ୍ତି ପ୍ରଦର୍ଶନ। ପ୍ରକୃତରେ, ଏହି ହିଂସା ଆମକୁ ମନେ ପକାଇ ଦିଏ ଯେ ଗଣତନ୍ତ୍ର କେବଳ ଆଇନ ଦ୍ୱାରା ନୁହେଁ, ବରଂ ସଂସ୍କୃତି ଏବଂ ଶିକ୍ଷା ଦ୍ୱାରା ସୁରକ୍ଷିତ। ଯଦି ସମାଜରେ ଆଲୋଚନା, ସହନଶୀଳତା ଏବଂ ବିବିଧତା ପ୍ରତି ସମ୍ମାନ ଶିକ୍ଷା ଦିଆ ନ ଯାଏ, ତେବେ ଏପରି ହିଂସାତ୍ମକ ପ୍ରବୃତ୍ତି ବାରମ୍ବାର ଉଭା ହେବ।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

# ଈଶ୍ୱରଙ୍କ ଅଳଙ୍କରଣରେ ବିଜ୍ଞାନ

**ଡ. ସାରଦା ପ୍ରସାଦ କର**

ଶ୍ରୀନିବାସ ରାମାନୁଜନଙ୍କ ସଂଖ୍ୟା ତତ୍ତ୍ୱ, ଅସୀମିତ ପଦ ଶୃଙ୍ଖଳା ଓ ବିଶ୍ଳେଷଣ କ୍ଷେତ୍ରରେ ବୈପ୍ଳବିକ ଧାରା ଆଣିଲା। ଥେଟା କାର୍ଯ୍ୟକାରିତା, ଦୁଇ କ୍ୟୁବର ସମଷ୍ଟିରେ କ୍ଷୁଦ୍ରତମ ସଂଖ୍ୟାର ପରିପ୍ରକାଶ ଆଦି ଅନେକ ଗାଣିତିକ ସୂତ୍ର, ପଦାର୍ଥବିଜ୍ଞାନ ଓ କମ୍ପ୍ୟୁଟର ବିଜ୍ଞାନ କ୍ଷେତ୍ରକୁ ବ୍ୟାପକ ଖୋରାକ ଯୋଗାଇଲା। ଆନ୍ତର୍ଜାତିକ ସ୍ତରରେ ତାଙ୍କର ବଳିଷ୍ଠ ପ୍ରତିଭାକୁ ଜିଏଚ ହାର୍ଡିଙ୍କ ସହାଭାଗିତା ମିଳିଲା। କିନ୍ତୁ ସମର୍ପଣର ସ୍ୱୀକାରୋକ୍ତି ତାଙ୍କ ସରଳତାକୁ ଧରାପକେଇଲା; ଗାଣିତିକ ସୂତ୍ରର ଉଦ୍ଭାବନ ପଛରେ ଧାର୍ମିକ ରହସ୍ୟ ଅଛି ବୋଲି ମାନିଲେ। ହିନ୍ଦୁ ଦେବୀ ନାମଗିରୀ ଥାୟାରଙ୍କ ଦୈବୀକୃପା କହି ସେ ନିଜକୁ ସାମାନ୍ୟ ମନେ କଲେ। ନିଜ ପାଇଁ ନିଜେ ସାବାସୀ ନେବାରେ ସମସ୍ତେ ବ୍ୟସ୍ତ ଥିବାବେଳେ ରାମାନୁଜନ କହିଲେ ଈଶ୍ୱର ହିଁ ସବୁ ସୌନ୍ଦର୍ଯ୍ୟର ମୂଳ ଉତ୍ସ। ପ୍ରତ୍ୟେକ କଥାରେ କାରଣ ଖୋଜୁଥିବା ହେତୁବାଦୀମାନଙ୍କୁ



ଅହେତୁକ ଜ୍ଞାନର ଉତ୍ତରାଧିକାରୀ ରାମାନୁଜନ ଈଶ୍ୱରଙ୍କ ପଦଧ୍ୱନି ଶୁଣାଇଲେ। ‘ମାନିଲେ ଠାକୁର, ନ ମାନିଲେ ପଥର’ ଉକ୍ତିକୁ ମଧ୍ୟ ନବ ସଂକଳନ କଲେ ସବୁ ସମସ୍ୟାର କାରଣ ଖୋଜୁଥିବା ମହାନ ଗାଣିତିଜ୍ଞ ରାମାନୁଜନ।

କଥାରେ ଅଛି- ‘ବିଶ୍ୱାସେ ମିଳଇ ହରି ତର୍କେ ବହୁଦୂର’। ମହୀୟସୀ ଶକୁନ୍ତଳା ଦେବୀ ବାଙ୍ଗାଲୋରର ଗୋଟେ କନ୍ନଡ଼ ବ୍ରାହ୍ମଣ ପରିବାରରେ ୧୯୨୯ ମସିହାରେ ଜନ୍ମ। ମାତ୍ର ୬ ବର୍ଷ ବୟସରେ ମହୀଶୂର ବିଶ୍ୱବିଦ୍ୟାଳୟରେ ନିଜ ଗାଣିତିକ ଜ୍ଞାନର ପରିଚୟ ସୃଷ୍ଟିକଲେ। ଅଧିକ ଗଣିତଶାସ୍ତ୍ର ପଢିବାକୁ ମାତ୍ର ପନ୍ଦର ବର୍ଷ ବୟସରେ ଲଣ୍ଡନ ଗଲେ। ଉପାଧି ପ୍ରାପ୍ତ କଲେ ‘ମାନବ କମ୍ପ୍ୟୁଟର’। ତାଙ୍କର ଗାଣିତିକ ପ୍ରାବଲ୍ୟକୁ ଈଶ୍ୱରଙ୍କ ଦାନ ବୋଲି କହିଲେ। ସେହିପରି ଭାରତୀୟ ଗବେଷଣାର ମହାନ ବୈଜ୍ଞାନିକ ତଥା କ୍ଷେପଣାସ୍ତ୍ରର ଜନକ ଡ. ଏପିଜେ ଅବଦୁଲ କଲାମ ମଧ୍ୟ ନିରହଂକାର ଥିଲେ ବ୍ୟକ୍ତିଗତ ଜୀବନରେ। ତାଙ୍କର କୃତିତ୍ୱର ଧାରାକୁ ଯୋଡ଼ିଥିଲେ ଈଶ୍ୱରଙ୍କ ସହ। ଶକୁନ୍ତଳା ଓ କଲାମ, ଉଭୟଙ୍କ ଦାନ ଅତୁଳନୀୟ। କେହି ନିଜକୁ କେବେ ଜ୍ଞାନର ଗଙ୍ଗା ବୋଲି ଦେଖେଇ ନଥିଲେ। ଜଣେ ଭାଗବତ ଗୀତାକୁ ପାଥେୟକରି ଆଉ ପ୍ରଭୁ ଗଣେଶଙ୍କୁ ସ୍ମରଣା କରି ଆଗକୁ ବଢିଥିବା ସ୍ୱୀକାର କରିବା ବେଳେ ଆଉଜଣେ କୋରାନ ଆଉ ଗୀତା ଦ୍ୱାରା ପ୍ରଭାବିତ ତଥା ଆଲ୍ଲାଙ୍କ ସଦୟ ନିଷ୍ପତ୍ତି ତାଙ୍କ ପ୍ରତିଟି ଉଦ୍ଭାବନ ପଛରେ ବୋଲି ଘୋଷଣା କଲେ। ନିଜର ଧର୍ମକୁ ନେଇ କାହାସହ ସଂଘର୍ଷ କରିନଥିଲେ। ନିଜକୁ ହେତୁବାଦୀ କହି ଈଶ୍ୱରୀୟ ସତ୍ତା ଉପରେ ଭାରୀ ପଡ଼ିବାକୁ ପନ୍ଥା ବାଛି ନ ଥିଲେ। ଅବଦୁଲ କଲାମ କହିଥିଲେ, ‘ଆଇ ହାଭ ଅଲୱେଜ ବିନ ଏ ରିଲିଜିଅସ ପର୍ସନ ଉଇଥ ଦ ସେନ୍ସ ଦ୍ୟାଟ ଆଇ ମେଣ୍ଟେନ ଏ ଓ୍ୱାର୍କିଙ୍ଗ ପାର୍ଟନରସିପ ଉଇଥ ଗଡ’।

ଭଗବାନଙ୍କୁ ସର୍ବମାନ୍ୟ ଚିରନ୍ତନ ଶାସକ , ଦିବ୍ୟ, ବୁଦ୍ଧିମାନ ଓ ଈଶ୍ୱରଙ୍କ ଈଶ୍ୱର କହିଥିବା ବିଶିଷ୍ଟ ବୈଜ୍ଞାନିକ ସାର ଆଇଜାକ ନିଉଟନ ତାଙ୍କ ‘ବୁକ ଅଫ ନେଚର’ରେ ପ୍ରକାଶ କରିଥିଲେ। ଗତି, ଗୁରୁ ଆକର୍ଷଣ(ଗ୍ରେଭିଟେସନାଲ ପୁଲ) ଅନୁଧ୍ୟାନର ନିଷ୍କର୍ଷରେ ଜଗତକୁ ଛାଡି ଯାଇଥିଲେ ବିଜ୍ଞାନର ବତୀଘର। ପଛରେ କେପଲର, ଗାଲିଲିଓ ଓ ଗାଣିତିଜ୍ଞ ଡେସକର୍ଟିସ ଅବଦାନ ଥିଲା। ନିଜର ଧର୍ମକୁ ନେଇ ଏମାନେ କଟ୍ଟର ଧାର୍ମିକତା(ଡଗ୍ମା) କି ଅନ୍ଧବିଶ୍ୱାସ(ସୁପରଷ୍ଟିସନ) କରାୟତ୍ତ ହୋଇନଥିଲେ କିମ୍ବା ନିଜର ଧୀମତା ପଛରେ ଈଶ୍ୱରଙ୍କ ହାତ ଥିବା କହି ଲୋକ ଚକ୍ଷୁରେ ଛୋଟ ହୋଇଯାଇ ନଥିଲେ। ରାହୁ-କେତୁ ଗ୍ରାସ ଜନିତ ପରାଗ କି ଗ୍ରହଣକୁ ନେଇ ବିଶ୍ୱର ମହାନ ବୈଜ୍ଞାନିକମାନେ କେବେ ଭାରତୀୟ ପଞ୍ଜୀକାରଙ୍କୁ ବିରୋଧ କରିନଥିଲେ। ଚନ୍ଦ୍ର ଆଉ ପୃଥିବୀର ଛାୟା ଜନିତ କଥାର ସଚେତନ ବାର୍ତ୍ତା ଦେବାକୁ ଉକ୍ତ ଦିନ ମଦ ମାଂସ ଗର୍ଭସ୍ଥ କରି ଦୈତ୍ୟ ପରି ଉନ୍ମାଦ ଡେଇଁନଥିଲେ। ଭଗବାନଙ୍କ କଥା ଆଉ ପ୍ରକୃତିର ସତ୍ୟ ମଧ୍ୟରେ ଥିବା ଐକ୍ୟତାକୁ ବୁଝିଗଲେ କିଏ ବା କାହିଁକି ବିବାଦୀୟ ହେବାକୁ ଚାହିଁବେ ! (ଶେଷ ଭାଗ)

ପୁରୁଣା ଭୁବନେଶ୍ୱର-୨
ମୋ : ୮୨୪୯୮୨୭୧୪୮

“

**ଜାତୀୟ ଦଳଗୁଡ଼ିକର ସଂଗଠନ ମଜଭୁତ ହେବା ଏବଂ କେନ୍ଦ୍ରୀୟ ନେତୃତ୍ୱର ପ୍ରଭାବ ଯୋଗୁଁ ଆଞ୍ଚଳିକ ଦଳଗୁଡ଼ିକ ସଂଘର୍ଷ କରୁଛନ୍ତି। ନେତୃତ୍ୱର ସଙ୍କଟ ଯୋଗୁଁ ଅନେକ ଆଞ୍ଚଳିକ ଦଳ କେବଳ ଜଣେ ନେତା କିମ୍ବା ଗୋଟିଏ ପରିବାର ଉପରେ ନିର୍ଭରଶୀଳ ହେବାକୁ ପଡୁଛି । ସେହି ନେତାଙ୍କ ଦୁର୍ବଳତା କିମ୍ବା ବୟସାଧିକ୍ୟ ଯୋଗୁଁ ଦଳର ଭିତ୍ତିଭୂମି ଦୋହଲି ଯାଉଛି। ଦଳ ଭିତରେ କୋଳାହଳ, ଗୋଷ୍ଠୀ ବିବାଦ ଏବଂ ବରିଷ୍ଠ ନେତାଙ୍କ ଅସନ୍ତୋଷ ଯୋଗୁଁ ଦଳ ଭାଙ୍ଗିଯିବାର ଆଶଙ୍କା ବଢୁଛି । ଦୁର୍ନୀତି ଅଭିଯୋଗ ଏବଂ ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ କରିବାରେ ବିଫଳତା, ଆଞ୍ଚଳିକ ଦଳ ପ୍ରତି ଲୋକଙ୍କ ଆସ୍ଥା କମିବାରେ ଲାଗିଛି । ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସର ୧୫ ବର୍ଷର ଶାସନର ଅନ୍ତ ଘଟିଥିଲା ବେଳେ ତାମିଲନାଡୁରେ ଡିଏମକେର ଅପ୍ରତ୍ୟାଶିତ ପରାଜୟ ଏହି ପରିବର୍ତ୍ତନର ସବୁଠାରୁ ବଡ଼ ସଙ୍କେତ।**

# ଦୁର୍ବଳ ସ୍ଥିତିରେ ଆଞ୍ଚଳିକ ରାଜନୈତିକ ଦଳ

**କିଶୋର ଚନ୍ଦ୍ର ବେହେରା**

ଗଣତନ୍ତ୍ରରେ ସରକାର ଗଠନରେ ରାଜନୈତିକ ଦଳଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନେ ନିର୍ବାଚନରେ ପ୍ରାର୍ଥୀ ଦେଇ, ନିଜର ନୀତି ଓ କାର୍ଯ୍ୟକ୍ରମ ସମ୍ବଳିତ ଇସ୍ତାହାର ପ୍ରକାଶ କରି ଜନମତ ସୃଷ୍ଟି କରନ୍ତି । ସାଧାରଣ ନିର୍ବାଚନ ପରେ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ଦଳ ବା ମେଣ୍ଟ ସରକାର ଗଠନ କରେ ଏବଂ ଅନ୍ୟ ଦଳଗୁଡ଼ିକ ବିରୋଧୀ ଦଳ ଭାବରେ କାର୍ଯ୍ୟ କରି ସରକାରଙ୍କୁ ଉତ୍ତରଦାୟୀ ରଖନ୍ତି । ରାଜନୈତିକ ଦଳ ହେଉଛି ଏକ ସଂଗଠନ ଯାହା ଏକ ସାଧାରଣ ଲକ୍ଷ୍ୟ ପାଇଁ ଏକାତ୍ମ ହୋଇଥାଏ, ସେହି ଲକ୍ଷ୍ୟ ହେଉଛି ରାଜନୈତିକ ଶକ୍ତି ଅଧିଗ୍ରହଣ କରି ସରକାର ଗଠନ କରିବା। ରାଜନୈତିକ ଦଳ ଲୋକମାନେ ନିଜର ଧାରଣା, ନୀତି ଓ ଲକ୍ଷ୍ୟକୁ ପ୍ରଚାର କରିଥାନ୍ତି ଏବଂ ନିର୍ବାଚନରେ ଅଂଶଗ୍ରହଣ କରି ସରକାର ଗଠନ କରିବାକୁ ଚେଷ୍ଟା କରନ୍ତି । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ବିକାଶ ଓ ସ୍ଥିରତା ନିମନ୍ତେ ଦଳୀୟ ବ୍ୟବସ୍ଥା ଏକ ଉତ୍‌ପ୍ରେରକ ରୂପେ କାର୍ଯ୍ୟକରେ । ରାଜନୈତିକ ଦଳମାନଙ୍କ ବ୍ୟାପକ ବିଭାଜନ ଏବଂ ସେମାନଙ୍କ ମଧ୍ୟରେ ଅନୈତିକ ଭଙ୍ଗାଗଢା ଲାଗିରହିଛି। ଦୃଶ୍ୟ ପଟରେ ରହିଛନ୍ତି ଅନେକ ଆଞ୍ଚଳିକ ରାଜନୈତିକ ଦଳ, ଯେଉଁମାନେ ଜାତୀୟ ସ୍ୱାର୍ଥକୁ ଅତିକ୍ରମ କରି ଜାତି, ସମ୍ପ୍ରଦାୟ, ଆଞ୍ଚଳିକ ବିଚାର, ବଂଶଗତ ପରିଚୟ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ। ଭାରତୀୟ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜାତୀୟ ସ୍ତରରେ ଜାତୀୟ ରାଜନୈତିକ ଦଳ ଓ ରାଜ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ରାଜନୈତିକ ଦଳମାନେ ଶାସନ ପରିଚାଳନା କ୍ଷେତ୍ରରେ ମୁଣ୍ଡ ଟେକିଛି। ଭାରତୀୟ ସମ୍ବିଧାନର ଧାରା ୧୯(୧)(ସି) ଅନୁଯାୟୀ, ପ୍ରତ୍ୟେକ ନାଗରିକଙ୍କୁ ସଂଘ, ସମିତି ବା ରାଜନୈତିକ ଦଳ ଗଠନ କରିବାର ସ୍ୱାଧୀନତା ରହିଛି ରାଜନୈତିକ ଦଳଗୁଡ଼ିକ ପ୍ରତିନିଧିତ୍ୱ ଆଇନ, ୧୯୫୧ ମସିହାରୁ ଧାରା ୨୯ - ଏ ଅନୁଯାୟୀ ଭାରତର ନିର୍ବାଚନ ଆୟୋଗ ପାଖରେ ନିବନ୍ଧନ କରିଥାନ୍ତି। ଦେଶର ଜାତୀୟ ଦଳମାନଙ୍କ ମଧ୍ୟରେ ଅଛନ୍ତି ଭାରତୀୟ ଜାତୀୟ କଂଗ୍ରେସ, ଭାରତୀୟ ଜନତା ପାର୍ଟି, ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟି ଏବଂ ବହୁଜନ ସମାଜ ପାର୍ଟି ଅନ୍ତର୍ଭୁକ୍ତ। ଭାରତରେ ଆଞ୍ଚଳିକ ରାଜନୈତିକ ଦଳମାନଙ୍କର ବହୁଳ ଉପସ୍ଥିତ ଏବଂ ସେମାନଙ୍କ ପ୍ରଭାବଶାଳୀ ଭୂମିକା ଦେଶରେ ଏକ ନୂତନ ରାଜନୈତିକ ସମୀକରଣ ସୃଷ୍ଟି କରିଛି। ୧୯୯୬ ମସିହା ଠାରୁ ମେଣ୍ଟ ରାଜନୀତି ଓ ମିଳିତ ସରକାରର ଯୁଗ ଆରମ୍ଭ ହୋଇଯାଇଛି । ଏହି ଦଳମାନେ ସାଜିଛନ୍ତି ତାହାର ସୂତ୍ରଧର। ଆଞ୍ଚଳିକ ସ୍ୱାର୍ଥ ରକ୍ଷା, ସ୍ଥାନୀୟ ମୂଲ୍ୟବୋଧ ପ୍ରତିଷ୍ଠା ଅଥବା ଅଭିଳାଷ ପୂରଣ ନିମନ୍ତେ ଆଞ୍ଚଳିକ ରାଜନୈତିକ ଦଳମାନେ ସୃଷ୍ଟି ହୋଇଛନ୍ତି।

ଚଳିତ ବର୍ଷ ବିଧାନସଭା ନିର୍ବାଚନର ଫଳାଫଳ ସ୍ପଷ୍ଟ ଭାବରେ ଭାରତର ରାଜନୀତିରେ ଏକ ପ୍ରମୁଖ ଧାରା ପ୍ରକାଶ କରିଛି। ଆଞ୍ଚଳିକ ଦଳଗୁଡ଼ିକ କ୍ରମାଗତ ଭାବରେ ଦୁର୍ବଳ ହେଉଛନ୍ତି। ଭୋଟରମାନେ ଜାତୀୟ ଦଳ, ବିଶେଷକରି ଭାରତୀୟ ଜନତା ପାର୍ଟି ଆଡ଼କୁ କ୍ରମାଗତ ଭାବରେ ଆକର୍ଷିତ ହେଉଛନ୍ତି। ଜାତୀୟ ଦଳଗୁଡ଼ିକର ସଂଗଠନ ମଜଭୁତ ହେବା ଏବଂ କେନ୍ଦ୍ରୀୟ ନେତୃତ୍ୱର ପ୍ରଭାବ ଯୋଗୁଁ ଆଞ୍ଚଳିକ ଦଳଗୁଡ଼ିକ ସଂଘର୍ଷ କରୁଛନ୍ତି। ନେତୃତ୍ୱର ସଙ୍କଟ ଯୋଗୁଁ ଅନେକ ଆଞ୍ଚଳିକ ଦଳ କେବଳ ଜଣେ ନେତା କିମ୍ବା ଗୋଟିଏ ପରିବାର ଉପରେ ନିର୍ଭରଶୀଳ ହେବାକୁ ପଡୁଛି । ସେହି ନେତାଙ୍କ ଦୁର୍ବଳତା କିମ୍ବା ବୟସାଧିକ୍ୟ ଯୋଗୁଁ ଦଳର ଭିତ୍ତିଭୂମି ଦୋହଲି ଯାଉଛି। ଦଳ ଭିତରେ କୋଳାହଳ, ଗୋଷ୍ଠୀ ବିବାଦ ଏବଂ ବରିଷ୍ଠ ନେତାଙ୍କ ଅସନ୍ତୋଷ ଯୋଗୁଁ ଦଳ ଭାଙ୍ଗିଯିବାର ଆଶଙ୍କା ବଢୁଛି । ଦୁର୍ନୀତି ଅଭିଯୋଗ ଏବଂ ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ କରିବାରେ ବିଫଳତା, ଆଞ୍ଚଳିକ ଦଳ ପ୍ରତି ଲୋକଙ୍କ ଆସ୍ଥା କମିବାରେ ଲାଗିଛି। ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସର ୧୫ ବର୍ଷର ଶାସନର ଅନ୍ତ ଘଟିଥିଲା ବେଳେ ତାମିଲନାଡୁରେ ଡିଏମକେର ଅପ୍ରତ୍ୟାଶିତ ପରାଜୟ ଏହି ପରିବର୍ତ୍ତନର ସବୁଠାରୁ ବଡ଼ ସଙ୍କେତ। ତାମିଲନାଡୁର ତାମିଲନାଡୁ ଭେଟ୍ରି କାଝାଗମ ନାମକ ନୂତନ ଦଳ ରାଜନୀତିରେ ଏକ ଦମଦାର୍ ପ୍ରବେଶ କରିଥିବା ବେଳେ ଏହା ସ୍ପଷ୍ଟ ହୋଇଛି ପାରମ୍ପରିକ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକର ପ୍ରଭାବ ଦୁର୍ବଳ ହେବାରେ ଲାଗିଛି। ତାମିଲ ପରିଚୟ ଏବଂ ଗର୍ବ ପ୍ରସଙ୍ଗରେ ନିର୍ବାଚନ ଲଢ଼ିଥିବା ଡିଏମକେକୁ ଶାସନ ବିରୋଧୀ ଲହର ଏକ ଶକ୍ତ ଧକ୍କା ଦେଇଛି।

୨୦୨୪ରେ ଓଡ଼ିଶାରେ ବିଜୁ ଜନତା ଦଳର ପରାଜୟ ଏବଂ ନବୀନ ପଟ୍ଟନାୟକଙ୍କ ଦୀର୍ଘ ଶାସନର ଅନ୍ତ ମଧ୍ୟ ଏହି ଧାରା ଆପଣେଇଛି। ଆମ୍ ଆଦ୍‌ମୀ ପାର୍ଟି ବିଷୟରେ କହିବାକୁ ଗଲେ, ଏହାର ସ୍ଥିତି ମଧ୍ୟ ପୂର୍ବ ବର୍ଷଗୁଡ଼ିକ ତୁଳନାରେ ହ୍ରାସ ପାଉଛି। ଯଦିଓ ଏହା ଏବେ ବି ଏକ ଜାତୀୟ ଦଳ ଭାବରେ ନିଜର ସ୍ଥିତି ବଜାୟ ରଖିଛି, କିନ୍ତୁ ଏହା ଦିଲ୍ଲୀ ଏବଂ ପଞ୍ଜାବରେ କ୍ଷମତାରେ ରହିଛି। ଏହା ସହିତ ଦଳ ରାଜ୍ୟସଭାରେ ମଧ୍ୟ ନିଜର ଶକ୍ତି ହରାଇଛି। ଆମ୍ ଆଦ୍‌ମୀ ପାର୍ଟି ପରି ବିଏସପି ମଧ୍ୟ ନିଜର ସ୍ଥିତି ହରାଇବାକୁ ଯାଉଛି। ଦୁର୍ବଳ ହେଉଥିବା ଆଞ୍ଚଳିକ ଦଳଗୁଡ଼ିକରେ କିଛି ବ୍ୟତିକ୍ରମ ମଧ୍ୟ ଅଛି। ଝାଡ଼ଖଣ୍ଡର ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା, ଯାହା ନଭେମ୍ବର ୨୦୨୪ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଏକ ବଡ଼ ବିଜୟ ହାସଲ କରିଥିଲା। ଇଣ୍ଡିଆ ମେଣ୍ଟର ଛତ୍ରଛାୟା ତଳେ ଦଳ ୩୪ ଆସନ ଜିତିଥିଲା, ଯେତେବେଳେ ମେଣ୍ଟକୁ ୮୧ରୁ ୫୬ ଆସନ ମିଳିଥିଲା। ସେହିପରି, ନ୍ୟାସନାଲ କନଫରେନ୍ସ ଜମ୍ମୁ ଏବଂ କାଶ୍ମୀରରେ ଏହାର ପ୍ରଭାବ ବଜାୟ ରଖିଛି। ୨୦୨୪ ନିର୍ବାଚନରେ ଦଳ ଏକା ମୋଟ ୯୦ ଆସନ ମଧ୍ୟରୁ ୪୨ ଜିତିଥିଲା। ଏହି ଦୁଇ ଦଳ ନିଜର ପ୍ରଭାବ ଜାରି ରଖିଛନ୍ତି।

ରାଜନୈତିକ ବିଶେଷଜ୍ଞଙ୍କ ମତରେ, ୧୯୮୯ ମସିହା ପରବର୍ତ୍ତୀ ଆଞ୍ଚଳିକ ଦଳ ବୃଦ୍ଧିର ଯୁଗ ଏବେ ତଳମୁହାଁ ହେବାରେ ଲାଗିଛି। ସେତେବେଳେ ଭାରତରେ ମେଣ୍ଟ ରାଜନୀତି ପ୍ରାଧାନ୍ୟ ବିସ୍ତାର କରିଥିଲା, ଏବଂ ସେହି ସମୟରେ ଗଠିତ ଏନଡିଏ ଏବଂ ୟୁପିଏ ଭଳି ବହୁଦଳୀୟ ମେଣ୍ଟ ଆଞ୍ଚଳିକ ଦଳଗୁଡ଼ିକ ଉପରେ ନିର୍ଭର କରୁଥିଲା। ଉତ୍ତର ପ୍ରଦେଶ ଏବଂ ବିହାର ଭଳି ରାଜ୍ୟର ଆଞ୍ଚଳିକ ଦଳଗୁଡ଼ିକ କେନ୍ଦ୍ରରେ ମେଣ୍ଟ ସରକାର ଚଳାଉଥିଲେ । କେନ୍ଦ୍ର ସରକାର ମଧ୍ୟ ଏହି ଆଞ୍ଚଳିକ ଦଳଗୁଡ଼ିକର ସମସ୍ୟା ପ୍ରତି ସମ୍ବେଦନଶୀଳ ଥିଲେ। ତେଲେଙ୍ଗାନାରେ ଭାରତ ରାଷ୍ଟ୍ର ସମିତିର ପରାଜୟ ଏହାର ଉଦାହରଣ । ବିରୋଧୀ ଦଳ ସଂଘୀୟ ଢାଞ୍ଚା ଏବଂ ରାଜ୍ୟ ଅଧିକାରକୁ ସମର୍ଥନ କରୁଥିବା ବେଳେ, ଭୋଟରମାନେ ଜାତୀୟ ନେତୃତ୍ୱ ଏବଂ ସ୍ଥିରତାକୁ ପ୍ରାଥମିକତା ଦେଉଥିବା ପରି ମନେହେଉଛି । କଂଗ୍ରେସ ୨୦୨୪ରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଜେପିର ଏକ ଦୃଢ଼ ବିକଳ୍ପ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିନାହିଁ। ଦକ୍ଷିଣ ଭାରତ ଆଞ୍ଚଳିକ ଦଳଗୁଡ଼ିକର ଏକ ଗଡ଼ ହୋଇ ରହିଛି, କିନ୍ତୁ ସେଠାରେ ମଧ୍ୟ ଚାପ ବୃଦ୍ଧି ପାଉଛି। ତେଲେଙ୍ଗାନାରେ ଭାରତ ରାଷ୍ଟ୍ର ସମିତିର ପରାଜୟ ଏହାର ସଦ୍ୟତମ ଉଦାହରଣ। ସାମଗ୍ରିକ ଭାବରେ, ୨୦୨୬ ବିଧାନସଭା ନିର୍ବାଚନ ଫଳାଫଳ ସ୍ପଷ୍ଟ ଭାବରେ ସୂଚାଇ ଦେଉଛି ଯେ, ଭାରତୀୟ ରାଜନୀତି ଏକ ନୂତନ ଯୁଗରେ ପ୍ରବେଶ କରିଛି। ଯେଉଁଠାରେ ଜାତୀୟ ପ୍ରସଙ୍ଗ ଏବଂ ନେତୃତ୍ୱ ଆଞ୍ଚଳିକ ପରିଚୟ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହେବାରେ ଲାଗିଛି। ଜାତୀୟ ରାଜନୀତିର ନାଭି କେନ୍ଦ୍ର ଦିଲ୍ଲୀରେ ନୁହେଁ, ରାଜ୍ୟ ରାଜଧାନୀରେ ଅବସ୍ଥିତ ବୋଲି ହୃଦ୍‌ବୋଧ ହେଉଛି। ସଂପ୍ରତି ନିର୍ବାଚନ ଫଳାଫଳକୁ ଦୃଷ୍ଟିରେ ରଖି ଆଞ୍ଚଳିକ ରାଜନୈତିକ ଦଳର ମୁଖିଆମାନେ ନୂତନ ସମୀକରଣ ରୂପରେଖ ପ୍ରସ୍ତୁତ କରିବାକୁ ପ୍ରୟାସ କରିବା ଉଚିତ। ଏହି କ୍ରମରେ ଓଡ଼ିଶାରେ ବିଜୁ ଜନତା ଦଳ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ରଣାଙ୍ଗନକୁ ଯିବା ପୂର୍ବରୁ ଦଳକୁ ତୃଣମୂଳସ୍ତରରୁ ସଜାଡ଼ିବାକୁ ପଡ଼ିବ। ପ୍ରତ୍ୟେକ ରାଜନୈତିକ ଦଳ ରାଜନୈତିକ ପଶାପାଲିରେ ସଠିକ୍ ଗୋଟି ପରିଚାଳନାକଲେ ନିଜର ସ୍ଥିତି ବଜାୟ ରଖି ପାରିବେ, ସେଥିପାଇଁ ଦୃଢ଼ ସଂକଳ୍ପ ଓ ଭୋଟରଙ୍କ ଆସ୍ଥାଭାଜନ ହେବାକୁ ପଡ଼ିବ।

ନନ୍ଦପୁର
ମୋ-୯୪୩୭୯୫୫୫୬୮

# ଲ୍ୟାମ୍ପରେ ଚାଷୀଙ୍କ ଅର୍ଥ ହଡପ ମାମଲା, ସ୍ୱତନ୍ତ୍ର ଅଡିଟ ପାଇଁ ସୁପାରିସ

## ବିଷମକଟକ ବିଧାୟକ ଭିଜିଲାନ୍ସ ତଦନ୍ତ ପାଇଁ ଦାବି

ରାୟଗଡ଼ା,୭।୫(ନିପ୍ର):ରାୟଗଡା ଜିଲ୍ଲା ସ୍ଥିତ କଲ୍ୟାଣସିଂହପୁର ଲ୍ୟାମ୍ପରେ ଦୁର୍ନୀତିର ଚେର ଲମ୍ବିବାରେ ଲାଗିଛି। ଏଆରସିଏସ ନିଜ ତଦନ୍ତ ରିପୋର୍ଟରେ ଯେଉଁ ତଥ୍ୟ ଉଲ୍ଲେଖ କରିଛନ୍ତି ତାହା ଚିନ୍ତାଜନକ ହୋଇଛି। ଲ୍ୟାମ୍ପରେ ଅର୍ଥ ଜମା ରଖିଥିବା ଚାଷୀଙ୍କ ଟଙ୍କା ହଡପ ହୋଇଥିବା ଦର୍ଶାଇଛନ୍ତି। ସହକାରୀ ସମବାୟ ନିବନ୍ଧକ ପ୍ରାଥମିକ ତଦନ୍ତ ରିପୋର୍ଟରେ ଦର୍ଶାଯାଇଛନ୍ତି ଯେ,ବର୍ତ୍ତମାନ ସୁଦ୍ଧା ହୋଇଥିବା ତଦନ୍ତ ଅନୁଯାୟୀ ୭୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପରିଚାଳନା ନିର୍ଦ୍ଦେଶକ ଏହି ଟଙ୍କା ହଡପ କରିଛନ୍ତି। ତେବେ ସେଥିରେ ୩୩ ଜଣ ଚାଷୀଙ୍କ ୨୮ ଲକ୍ଷ ୨୯ ହଜାର ୮୯ ଟଙ୍କା ତୋଷାରପାତ କରାଯାଇଛି। ଜମାକାରୀଙ୍କ ଅଜାଣତରେ ସେମାନଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ହଡପ କରିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ୨୦୨୩ ମସିହା ନଭେମ୍ବର ୧୦ ଭି. ତେଜିଙ୍କ ଆକାଉଣ୍ଟରୁ ୧ ଲକ୍ଷ ୧୦ ହଜାର ଟଙ୍କା, ନଭେମ୍ବର ୨୫ ରେ ଜି. ଗୌରୀ ପ୍ରସାଦଙ୍କ ଆକାଉଣ୍ଟରୁ ୧ ଲକ୍ଷ ଟଙ୍କା, ଡିସେମ୍ବର ୧୩ ରେ ପଦ୍ମଚରଣ ତ୍ରିପାଠୀଙ୍କ ଆକାଉଣ୍ଟରୁ ୫୦ ହଜାର, ଡିସେମ୍ବର ୨୨ ରେ ତିଆକା ସୋନାଙ୍କ ଆକାଉଣ୍ଟରୁ ୫୦ ହଜାର ଟଙ୍କା ଉଠାଇ ଦର୍ଶାଯାଇ ନାହିଁ। ଏଭଳିକି କ୍ୟାସବୁକ ଓ ଲେଜର ଭିତରେ ମେଳ ଖାଉନଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ସେହିଭଳି ୨୦୨୪ ମସିହାରେ ୧୯ ଜଣଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ନେଇଛନ୍ତି ତାରିଣୀ ପ୍ରସାଦ ତ୍ରିପାଠୀ। ୨୦୨୫ ମସିହାରେ ୯ ଜଣଙ୍କ ଆକାଉଣ୍ଟରୁ ଅର୍ଥ ହରିଲୁଟ୍ କରିଛନ୍ତି।

ଏଭଳିକି ୨୦୨୫ ମସିହା ଜୁନ୍ ୩୦ ତାରିଖରେ ସନ୍ଦେହଜନକ କାରବାର କ୍ୟାସ ବୁକରେ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଏଭଳିକି ଅଫିସ୍ କମ୍ପୁଟର ଖୋଜିଲେ ମଧ୍ୟ ମିଳୁନାହିଁ। ନିଜ ନାମ ଏବଂ ସଂପର୍କୀୟଙ୍କ ନାମରେ ମୋଟ ୭୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡପ କରିଛନ୍ତି । ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ମିନିବ୍ୟାଙ୍କ ଆକାଉଣ୍ଟରୁ ୨୮ଲକ୍ଷ ୨୯ ହଜାର, ଭାଇ ନାମରେ ୧୪ ଲକ୍ଷ ୨୧ ହଜାର, ବାପାଙ୍କ ନାମରେ ୩ ଲକ୍ଷ ୭୫ ହଜାର, ସ୍ତ୍ରୀ ଏବଂ ତାଙ୍କ ସଂପର୍କୀୟ ନାମରେ ୬ ଲକ୍ଷ ୬୫ ହଜାର ଏବଂ ନିଜ ନାମରେ ଅଲଗା ୨୨ ଲକ୍ଷ ଟଙ୍କା ବେନିୟମ ଭାବରେ ହଡପ କରିଥିବା ତଥ୍ୟ ତଦନ୍ତ ବେଳେ ସାମ୍ନାକୁ ଆସିଛି। ଏହା ନିଜ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ସହକାରୀ ସମବାୟ ନିବନ୍ଧକ।ଲ୍ୟାମ୍ପର ବିଭିନ୍ନ କାମ ନାମରେ ମିଥ୍ୟା ଖର୍ଚ୍ଚ ଦର୍ଶାଯାଇଛି। କେଉଁଠି ପାଚେରୀ ନିର୍ମାଣ ଓ କେଉଁଠି ମରାମତି କାମ ଦେଖାଇ ଟଙ୍କା ଉଠାଯାଇଥିବା ତଦନ୍ତ ରିପୋର୍ଟରେ ଉଲ୍ଲେଖ ଅଛି। ତଦନ୍ତ ବେଳେ ବ୍ୟାଙ୍କ ଜମା ଖାତା ଓ କ୍ୟାସ ବୁକ୍ ମେଳ ଖାଉନଥିବା ତଦନ୍ତକାରୀ ଅଧିକାରୀଙ୍କ ପରିଲକ୍ଷିତ ହୋଇଛି। ହିସାବ ରକ୍ଷକଙ୍କ ଅଜାଣତରେ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ମଧ୍ୟ ଉଠାଣ ହୋଇଛି ବୋଲି କୁହାଯାଇଛି ।

ଏହି ଘଟଣା ପରେ ପରିଚାଳନା ନିର୍ଦ୍ଦେଶକଙ୍କୁ ଦାୟିତ୍ୱରୁ ହଟାଯାଇଛି। ଏହି ଅନିୟମିତତା ଆହୁରି ଅଧିକ ରହିଥିବା ସମବାୟ ବିଭାଗ ସନ୍ଦେହ କରୁଛି। ତେଣୁ ୫ ବର୍ଷର ସ୍ୱତନ୍ତ୍ର ଅଡିଟ କରିବା ପାଇଁ ସହକାରୀ ସମବାୟ ନିବନ୍ଧକ ସୁପାରିସ କରିଛନ୍ତି। ସେ ନିଜ ତଦନ୍ତ ରିପୋର୍ଟରେ ମଧ୍ୟ ସ୍ୱତନ୍ତ୍ର ଅଡିଟ ସୁପାରିସ କଥା ଉଲ୍ଲେଖ କରିଛନ୍ତି।

ଏଣେ ଯେଉଁ ଜମାକାରୀଙ୍କ ଟଙ୍କା ହଡପ ହୋଇଛି ସେମାନେ ଏବେ ଚିନ୍ତାରେ ଅଛନ୍ତି। ଅପରପକ୍ଷରେ ଲ୍ୟାମ୍ପ ପରିଚାଳନା କମିଟି ଏହି ଦୁର୍ନୀତି ଓ ଅନିୟମିତତାର ଭିଜିଲାନ୍ସ କିମ୍ବା ସିବିଆଇ ତଦନ୍ତ କରିବାକୁ ଦାବି କରିଛନ୍ତି। ତେଣୁ ରାଜ୍ୟ ସରକାର ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଇଲେ ଆହୁରି ଅନେକ ରହସ୍ୟ ଉନ୍ମୋଚନ ହେବ। ଅପରପକ୍ଷରେ ବିଷମକଟକ ବିଧାୟକ ନୀଳମାଧବ ହିକକା ସହିତ କଲ୍ୟାଣସିଂହପୁର ଲ୍ୟାମ୍ପ ସହିତ ଜିଲ୍ଲାର ସମସ୍ତ ଲ୍ୟାମ୍ପ ଗୁଡିକୁ ସରକାର ଭିଜିଲାନ୍ସ ଦ୍ୱାରା ସ୍ୱଚ୍ଛତାର ସହିତ ତଦନ୍ତ କରିଲେ ସମ୍ପୂର୍ଣ୍ଣ ଘଟଣା ପଦାକୁ ଆସିବ ବୋଲି ଦାବି କରିଛନ୍ତି।

## ଗଛ କାଟିନେବା ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ପିପିଲି,୭।୫ (ନିପ୍ର); ପିପିଲି କୋର୍ଟ ପରିସରରୁ ଗଛ କାଟିନେବା ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ସ୍ଥାନୀୟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସ୍ୱର୍ଣ୍ଣ ପ୍ରଭା ସ୍ୱାଇଁ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ତେବେ ସଜା ଦେବା ପରିବର୍ତ୍ତେ ଦଫା ୩ ପିଓ ଆକ୍ଟ ୧୯୫୮( ଅଭିଯୁକ୍ତକୁ ସୁଧାର ଆଣିବାକୁ ଏକ ସୁଯୋଗ ଦେବା ଆଇନ) ଅନୁସାରେ ବିଚାରପତି ଅଭିଯୁକ୍ତଙ୍କୁ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ସହକାରୀ ସରକାରୀ ଓକିଲ ରାଜକିଶୋର ସ୍ୱାଇଁ ମାମଲା ପରିଚାଳନା କରିଥିଲେ। ମାମଲାର ବିବରଣୀ ଅନୁସାରେ, ପିପିଲି ଜେଏମଏଫସି କୋର୍ଟ ପରିସରୁ ଗତ ୨୦୨୨ମସିହା ଡିସେମ୍ବର ୪ ତାରିଖରେ ଗଛ କାଟି ଏକ ଟାଟା ଏସି ଗାଡିରେ ଚାଲାଣ ହେବା ସଂପର୍କରେ କୋର୍ଟର ତତ୍କାଳୀନ ନାଜିର ଅମୀୟ କୁମାର ସାହୁ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ଆଧାରରେ ପିପିଲି ଥାନାରେ ଏହି ଘଟଣାରେ ୬୫୯/୨୦୨୨ରେ ଏକ ମାମଲା ରୁଜୁ କରାଯାଇଥିଲା । ମାମଲାର ତଦନ୍ତ କରି ପୁଲିସ ଚୁଡାନ୍ତ ରିପୋର୍ଟ ଦାଖଲ କରିଥିଲେ। ପିପିଲି ଥାନାରେ ଏହି ଘଟଣାରେ ୬୫୯/୨୦୨୨ରେ ଏକ ମାମଲା ରୁଜୁ କରାଯାଇଥିଲା । ଏସଆଇ ସୁରମା ସ୍ୱାଇଁ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଥିଲେ ।

## ବାମରାରେ ୫ ଦିନିଆ ସମର କ୍ୟାମ୍ପ ଉଦ୍‌ଯାପିତ

କୁଚିଣ୍ଡା,୭।୫ (ନିପ୍ର); ସମ୍ବଲପୁର ଜିଲ୍ଲା ବାମରାଠାରେ ମାରୱାଡ଼ି ମହିଳା ସମିତି ଓ ଅଗ୍ରୱାଲ ମହିଳା ସମିତିର ମିଳିତ ଆନୁକୂଲ୍ୟରେ ୫ ଦିନ ଧରି ଚାଲିଥିବା ସମର କ୍ୟାମ୍ପ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅଗ୍ରୱାଲ ମହିଳା ସମିତି ମହାସଚିବ ଦିବ୍ୟା ଅଗ୍ରୱାଲଙ୍କ ନେତୃତ୍ୱରେ ହୋଇଥିବା କ୍ୟାମ୍ପରେ ପେପର ଆର୍ଟ,ଗ୍ରିଟିଂ କାର୍ଡ ତିଆରି, ବୋତଲ ପେଣ୍ଟିଂ, ଲିଫ୍ ପେଣ୍ଟିଂ ଓ ବିଡ୍ସ ଦ୍ୱାରା ସଜାବଟି ପରି ବିଭିନ୍ନ ସୃଜନଶୀଳ କାର୍ଯ୍ୟକଳାପ ସଂପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରତ୍ୟହ ଗାୟତ୍ରୀ ମନ୍ତ୍ର, ଗୁରୁବନ୍ଦନା, ସୂର୍ଯ୍ୟ ନମସ୍କାର,ଯୋଗ ଓ ପ୍ରାଣାୟାମ ଆଦି ଶିକ୍ଷା ଦିଆଯିବା ସହ ଖେଳ ଓ ଜୁମ୍ବା ମାଧ୍ୟମରେ ଶିଶୁମାନଙ୍କ ମନୋରଞ୍ଜନ କରାଯାଇଥିଲା। ଶିବିରରେ ଶିଷ୍ଟାଚାର ସହ ସୃଜନଶୀଳତାକୁ କିପରି ଦୈନନ୍ଦିନ ଜୀବନରେ ପ୍ରୟୋଗ କରିବାକୁ ହୁଏ ସେନେଇ ମାଷ୍ଟର ଟ୍ରେନର ଶିଶୁଙ୍କୁ ଶିକ୍ଷା ଦେଇଥିଲେ। ଏହାକୁ ଅଗ୍ରୱାଲ ମହିଳା ସମିତି ଅଧକ୍ଷା ରଶ୍ମି ଅଗ୍ରକୁୱାଲ ଓ ମାରୱାଡ଼ି ମହିଳା ସମିତି ଅଧକ୍ଷା ଜ୍ୟୋସ୍ନା ଲାଠ, ଶିଶୁଙ୍କ ଲୁକାୟିତ ପ୍ରତିଭାକୁ ବିକଶିତ କରିବା ଲକ୍ଷ୍ୟ ବୋଲି କହିଥିଲେ। ଟ୍ରେନର ରେଖା ଜୈନ, ସୋନାଲ ଜୈନ, ସପ୍ନା ଅଗ୍ରୱାଲ ଓ ହେମା ଖଣ୍ଡେଲୱାଲ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ଶିଶୁମାନଙ୍କୁ ଉପହାର ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶିଶୁ ବିବାହ ପ୍ରତିରୋଧ ପାଇଁ ଜିଲ୍ଲା ଟାସ୍କ ଫୋର୍ସ ବୈଠକ

ନୟାଗଡ,୭।୫ (ନିପ୍ର): ଜିଲ୍ଲା ଟାସ୍କ ଫୋର୍ସ ବୈଠକରେ ଗ୍ରହୀତ ସିଦ୍ଧାନ୍ତ ଅନୁଯାୟୀ ନୟାଗଡ଼ ଜିଲ୍ଲାରେ ଶିଶୁ ବିବାହ ପ୍ରତିରୋଧ ପାଇଁ ନିମ୍ନୋକ୍ତ କାର୍ଯ୍ୟଯୋଜନା ତତ୍କାଳ କାର୍ଯ୍ୟକାରୀ କରାଯିବ। ଶିଶୁ ବିବାହ ସନ୍ଦେହଜନକ ଘଟଣାରେ ଉଦ୍ଧାର କାର୍ଯ୍ୟକ୍ରମ ପୂର୍ବରୁ ଡିସିପିଓ କାର୍ଯ୍ୟାଳୟର ଚାଇଲ୍ଡ ହେଲ୍ପଲାଇନ ସମ୍ପୃକ୍ତ ବ୍ଲକର ଶିଶୁ ବିବାହ ନିଷେଧ ଅଧିକାରୀଙ୍କୁ ଫୋନ ଏବଂ ସରକାରୀ ପତ୍ର ମାଧ୍ୟମରେ ପୂର୍ବରୁ ଅବଗତ କରିବେ। ସମ୍ପୃକ୍ତ ସିଏମପିଓ ଘଟଣା ସମ୍ବନ୍ଧୀୟ ସମସ୍ତ ତଥ୍ୟ, ତଦନ୍ତ ପ୍ରତିବେଦନ ଓ ଆବଶ୍ୟକ ଦଲିଲ ସହ କେସ ଫାଇଲ ପ୍ରସ୍ତୁତ କରି ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ମାଧ୍ୟମରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରେରଣ କରିବେ। ପ୍ରାପ୍ତ ରେକର୍ଡ ଆଧାରରେ ଆଇନ ଅନୁଯାୟୀ ପୋଲିସ କାର୍ଯ୍ୟାନୁଷ୍ଠାନ ହେବ। ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ମାସିକ ବୈଠକ ସହ ପଞ୍ଚାୟତ ସ୍ତରୀୟ ଟାସ୍କ ଫୋର୍ସ ବୈଠକ ନିୟମିତ କରାଯିବ। ସିଏମପିଓ, ସରପଞ୍ଚ, ସମିତି ସଭ୍ୟ ଓ ଆଇସିଡିଏସ ସୁପରଭାଇଜର ଏହାର ସମନ୍ୱୟ କରିବେ। ଜିଲ୍ଲାପାଳ, ମଧୁମିତା ରଥଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଏଡିଏମ ନୟାଗଡ଼, ରୋଜିନା ଦାସ, ଡିଏସଡବ୍ଲ୍ୟୁଓ, ଜୟଶ୍ରୀ ପଟ୍ଟନାୟକ, ଡିଆଇପିଆରଓ, ଜ୍ୟୋତ୍ସ୍ନା ମୟୀ ଆଚାର୍ଯ୍ୟ, ଅତିରିକ୍ତ ଏସପି, ସୁବାସ ଚନ୍ଦ୍ର ପଣ୍ଡା, ପିଓ-କମ୍-ପିଓ ସଞ୍ଜୁଲତା ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ମେଧାବୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା

ନିରାକାରପୁର,୭/୫ (ନିପ୍ର): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରମାବିଲି ସ୍ଥିତ ରାମଚନ୍ଦ୍ର ବିଦ୍ୟା ନିକେତନର ଛାତ୍ରଛାତ୍ରୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଚମତ୍କାର ସଫଳତା ହାସଲ କରି ବିଦ୍ୟାଳୟ ତଥା ଅଞ୍ଚଳ ପାଇଁ ଗୌରବ ଆଣିଦେଇଛନ୍ତି। ବିଦ୍ୟାଳୟର ଛାତ୍ର ଗୁରୁ ପ୍ରସାଦ ଶତପଥୀ ମୋଟ ୫୬୯ ନମ୍ବର ରଖି ଟାଙ୍ଗୀ ବ୍ଲକରେ ଟପ୍ପର ହେବା ସହ ଖୋର୍ଦ୍ଧା ଜିଲ୍ଲାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟ ପରିସରରେ ଏକ 'ମେଧାବୀ ଅଭିନନ୍ଦନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ପାଇକରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ କୃତୀ ଛାତ୍ର ଗୁରୁ ପ୍ରସାଦଙ୍କ ସମେତ ଇ-୨ ଓ ଇ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଅନ୍ୟ ସମସ୍ତ ଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ତରଫରୁ ସମସ୍ତ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଓ କର୍ମଚାରୀମାନଙ୍କ ମଧ୍ୟରେ ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ନରେନ୍ଦ୍ର ପାଇକରାୟ, ନାରାୟଣ ପାତ୍ର, ସୁକାନ୍ତି ବିଶୋଇ, ଶରତ ଚନ୍ଦ୍ର ଛୋଟରାୟ, ପ୍ରଭାତ କୁମାର ମଙ୍ଗରାଜ, ମାନସ କୁମାର ପାହାଡସିଂହ, ଅଙ୍କୁର ସାମନ୍ତରାୟ, ରଶ୍ମି ରଞ୍ଜନ ପ୍ରଧାନ ଏବଂ ମୁରଲୀଧର ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

## ମହିଳାଙ୍କୁ ଅସଦାଚରଣ ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ଅଭିଯୁକ୍ତ

ପାରଳାଖେମଣ୍ଡି,୭।୫ (ନିପ୍ର): ମହିଳାଙ୍କୁ ଅସଦାଚରଣ କରି ପରେ ମାଡ଼ ମାରି ଲହୁଲୁହାଣ କରିବା ଭଳି ଗମ୍ଭୀର ମାମଲାର ଶୁଣାଣି କରି ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ବରିଷ୍ଠ ଦେୱାନି ବିଚାରପତି ତଥା ସହକାରୀ ଦୌରା ଜଜ (ମହିଳା ଅଦାଲତ) ରଶ୍ମିତା ସାହୁ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୨୩(ସ୍ୱେଚ୍ଛାକୃତ ଭାବରେ ଆଘାତ କରିବା) ଅପରାଧରେ ଗାରାବନ୍ଧ ଥାନା ଅନ୍ତର୍ଗତ ଗୌଡ଼ ତଲସିଂ ଗ୍ରାମର ବିନୋଦ ପରିଛାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉକ୍ତ ମାମଲାକୁ ସରକାରଙ୍କ ପକ୍ଷରୁ ଏପିପି ସୌମ୍ୟ ସୌରଭ ପଟ୍ଟନାୟକ ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗାରାବନ୍ଧ ଥାନା ଅନ୍ତର୍ଗତ ଗୌଡ଼ ତଲସିଂ ଗ୍ରାମର ଏତଲାକାରିଣୀ ପାପ୍ପୁ ରେଡ୍ଡି ପୁନି (୪୦ବର୍ଷ) ତା ୧୯-୦୭-୨୦୨୨ରିଖ ଦିନ ସକାଳ ସମୟରେ ଘରେ ଏକା ଥିବା ସମୟରେ ଅଭିଯୁକ୍ତ ଜଣଙ୍କ ତାଙ୍କ ଘରକୁ ଆସି ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ଝଗଡ଼ା ଆରମ୍ଭ କରି ଗାଁ ଦାଣ୍ଡରେ ଏତଲାକାରିଣୀଙ୍କ ଚୁଟି ଭିଡି ମାଡ଼ ମାରି କ୍ଷତାକ୍ତ କରିବା ସହ ନିର୍ବସ୍ତ୍ର କରିବାକୁ ବି ପଛେଇ ନଥିଲେ। ପରେ ଅଭିଯୁକ୍ତଙ୍କ ସ୍ତ୍ରୀ ଓ ଝିଅ ଏହି ମାମଲାରେ ହସ୍ତକ୍ଷେପ କରିବା ପରେ ଅଭିଯୁକ୍ତ ଏତଲାକାରିଣୀଙ୍କୁ ପୋଲିସରେ ଜଣାଇଲେ ପରିସ୍ଥିତି ଖରାପ ହେବାର ଧମକ ଦେଇ ସେ ସ୍ଥାନ ଛାଡି ଚାଲିଯାଇଥିଲେ। ଶେଷରେ ନିଜ ଜୀବନ ପ୍ରତି ବିପଦର ଆଶଙ୍କା କରି ବାଧ ହୋଇ ଏହି ଘଟଣାକୁ ନେଇ ଏତଲାକାରିଣୀ ସେହିଦିନ ହିଁ ଗାରାବନ୍ଧ ଥାନାରେ ମାମଲା ନମ୍ବର ୬୨/୨୦୨୨ରେ ଏକ ମାମଲା ରୁଜୁ କରିଥିଲେ ଏବଂ ତତ୍କାଳୀନ ଏ.ଏସ.ଆଇ. ସନ୍ତୋଷ କୁମାର ବେହେରା ଏହି ମାମଲାର ତଦନ୍ତକାରୀ ଅଧିକାରୀ ରହିଥିଲେ। ଶେଷରେ ଏତଲାକାରିଣୀଙ୍କ ପକ୍ଷରୁ ୬ଜଣ ସାକ୍ଷୀଙ୍କ ବଳିଷ୍ଠ ବୟାନ ତଥା ଦସ୍ତାବିଜ ଓ ମୁଦଲାଙ୍କ ପକ୍ଷରୁ ୩ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ନ୍ୟାୟାଧୀଶ ଉକ୍ତ ଘଟଣାରେ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୨୩ରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଏକ ହଜାର ଟଙ୍କା ଜୋରିମାନାର ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି।

## ଚକ୍ଷୁ ପରୀକ୍ଷା ଶିବିରର ଆୟୋଜନ

ଜଟଣୀ,୭।୫ (ନିପ୍ର) : କେୟାର ନେତ୍ରମ ଓ ଜଟଣୀ ଅଟୋ ରିକ୍ସା ଆସୋସିଏସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଖୋର୍ଦ୍ଧାରୋଡ଼ ରେଳ ଷ୍ଟେସନ ସମ୍ମୁଖରେ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପରୀକ୍ଷା କରିବା ପାଇଁ ମୋଟ ୨୬୭ ଜଣ ରେଜିଷ୍ଟ୍ରେସନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉପଦେଷ୍ଟା ମଳୟ କୁମାର ମହାନ୍ତି, ସଭାପତି ସଂଗ୍ରାମ କେଶରୀ ରାଉତରାୟ,ଉପସଭାପତି ସୁଧୀର ସାହୁ,ସାଧାରଣ ସମ୍ପାଦକ ପ୍ରଫୁଲ ଦାସ,ସହ ସମ୍ପାଦକ ଗଣେଶ ରାଉତଙ୍କ ସମେତ ଶିବରାମ ଆଚାରୀ,ଅର୍ଜୁନ ଘଡେଇଙ୍କ ସମେତ ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଟାଙ୍ଗିଆ ଚୋଟରେ ଭାଉଜଙ୍କୁ ହତ୍ୟା ଘଟଣା, ଦିଅର ସମେତ ୨ ଗିରଫ

ହିଞ୍ଜିଳିକାଟୁ,୭।୫(ନିପ୍ର):ହିଞ୍ଜିଳି ଥାନା ଖରିଡା ଗ୍ରାମରେ ସ୍ୱାମୀ ଘର ବାରଣ୍ଡାରେ ସ୍ତ୍ରୀର ଅଧିକାର ଦାବିରେ ଧାରଣା ଦେଇଥିବା ଜଣେ ଗର୍ଭବତୀ ମହିଳାଙ୍କୁ ତାଙ୍କ ନାବାଳକ ଦିଅର ଓ ଜଣେ ସହଯୋଗୀ ମିଶି ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ହତ୍ୟାର ଶୀକାର ପାଲଟିଥିବା ମହିଳା ଜଣଙ୍କ ହେଲେ ଗଞ୍ଜାମ ଥାନା ଅଗସ୍ତି ନୂଆଗାଁର ପୂଜା ସ୍ୱାଇଁ (୨୧) । ସଂପୃକ୍ତ ହତ୍ୟା ଘଟଣାରେ ହିଞ୍ଜିଳି ପୁଲିସ କେସ ନଂ -୨୯୭/୨୬ରେ ଏକ ମାମଲା ରୁଜୁ କରି ହତ୍ୟାକାରୀ ନାବାଳକ ଦିଅରଙ୍କ ସମେତ ଜଣେ ସହଯୋଗୀ ନାବାଳକଙ୍କୁ ଗିରଫ କରିଛି। ଗିରଫ ପରେ ବୁଧବାର ବ୍ରହ୍ମପୁର ବାଳ ସୁଧାର ଗୃହକୁ ପଠାଯାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି। ପ୍ରକାଶ ଯେ, ଗତ ଅଢ଼େଇ ବର୍ଷ ପୂର୍ବେ ହିଞ୍ଜିଳି ଥାନା ଖରିଡା ଗ୍ରାମର ଚିଣ୍ଟୁ ଗୌଡ (୨୪) ଅଗସ୍ତି ନୂଆଗାଁର ପୂଜା ସହ ସାମାଜିକ ଗଣମାଧ୍ୟମରେ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ସମ୍ପର୍କ ନିବିଡ ହେବା ପରେ ଚିଣ୍ଟୁ ପୂଜାଙ୍କୁ ନେଇ ଫେରାର ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ପୁରୀ ଜିଲ୍ଲା ଡେଲାଙ୍ଗର ଏକ ଶିବ ମନ୍ଦିରରେ ବିବାହ କରିଥିଲେ। ଗତ ୧୮ ତାରିଖରେ ଚିଣ୍ଟୁ ଗ୍ରାମକୁ ଯିବାକୁ କହି ବ୍ରହ୍ମପୁରରେ ପହଞ୍ଚିବା ପରେ ରେଳଷ୍ଟେସନ ରେ ପୂଜାଙ୍କୁ ଛାଡି କେଉଁଆଡେ ଫେରାର ହୋଇଯାଇଥିଲେ। ଘଟଣା ନେଇ ପୂଜା ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନଂ -୨୪୧/୨୬ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରିବା ସହ ପୂଜାଙ୍କ ଶାଶୁ, ଶଶୁର ଓ ନଣନ୍ଦଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ପରେ ୪୧ ନୋଟିସ ଆଧାରରେ ସମସ୍ତଙ୍କୁ ଥାନାରୁ ଛାଡି ଦେଇଥିଲା। ପୂଜା ନିରୁପାୟ ହୋଇ ୩ ତାରିଖରେ ଘଟଣା ନେଇ ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ସୋମବାର ସନ୍ଧ୍ୟାରେ ଖରିଡା ଗ୍ରାମର କିଛି ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ପୂଜା ଚିଣ୍ଟୁଙ୍କ ଘର ବାରଣ୍ଡାରେ ସ୍ତ୍ରୀର ଅଧିକାର ଦାବିରେ ଧାରଣା ଦେଇଥିଲେ। ମଙ୍ଗଳବାର ବ୍ରହ୍ମପୁର ମହିଳା ଥାନା ପୁଲିସ ଓ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପୂଜାଙ୍କୁ ବୁଝାସୁଝା କରିଥିଲେ। ପୁଲିସ କର୍ମଚାରୀ ପୂଜାଙ୍କୁ ବୁଝାମଣା କରି ଫେରୁଥିବା ସମୟରେ ଚିଣ୍ଟୁଙ୍କ ସାନଭାଇ ଏକ ଧାରୁଆ ଟାଙ୍ଗିଆରେ ପୂଜାଙ୍କ ହାତ, ବେକ, ମୁଣ୍ଡ, ପେଟକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ପୂଜାଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଖବର ପାଇ ଆସିକା ଏସଡିପିଓ, ହିଞ୍ଜିଳି ଥାନା ଆଇଆଇସି ଓ ପୁଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଚଳାଇଥିଲା। ମା'ର ମୃତଦେହ ନିକଟରେ କାନ୍ଦୁଥିବା ପୂଜାଙ୍କ ୨ ବର୍ଷର ଝିଅକୁ ଉଦ୍ଧାର କରି ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଥିଲା। ଘଟଣା ସ୍ଥଳରୁ ହତ୍ୟାକାରୀ ନାବାଳକ ଦିଅର ଓ ଶଶୁରଙ୍କୁ ପୁଲିସ କାବୁ କରି ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ବୁଧବାର ହତ୍ୟାକାରୀ ନାବାଳକଙ୍କ ସହଯୋଗୀ ଅନ୍ୟ ଜଣେ ନାବାଳକଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡ ଘଟଣାରେ ଅନ୍ୟ କାହାର ସଂପୃକ୍ତି ଅଛି କି ନାହିଁ ସେ ନେଇ ପୁଲିସ ତଦନ୍ତ ଜାରି ରଖିଛି।

## ଗାଁଗୁଡ଼ିକରେ ଆଉ ଦେଖାଯାଉ ନାହିଁ କାଞ୍ଜିଆହୁଦା

ଭାପୁର,୭।୫(ନିପ୍ର):ଅତୀତରେ ଗାଁ ଗହଳିରେ ବହୁଳ ପରିମାଣରେ ଗାଈ,ବଳଦ,ପଣ୍ଡା,ମଇଁଷି ଆଦି ଗୃହପାଳିତ ପଶୁ ଦେଖାଯାଉଥିଲା କାରଣ, ସେତେବେଳେ ଚାଷ ଉପରେ ସମସ୍ତେ ନିର୍ଭର କରି ଚାଲୁଥିଲେ। ଚାଷ ଉପଯୋଗୀ ପଶୁ ମାନଙ୍କ ପାଇଁ ପ୍ରଚୁର ପରିମାଣରେ ଚାରଣ ଭୂମି ରହିଥିବାରୁ ଚାଷୀ ମାନେ ନିଜନିଜର ଗୃହପାଳିତ ପଶୁ ମାନଙ୍କୁ ଚରିବା ପାଇଁ ବାହାରେ ଛାଡି ଦେଉଥିଲେ ଏବଂ ସନ୍ଧ୍ୟା ହେଲେ ସେମାନେ ସ୍ୱତଃପ୍ରବୃତ୍ତ ଭାବରେ ଘରକୁ ଫେରୁଥିଲେ। ଯେଉଁ ଗୃହପାଳିତ ପଶୁ ଘରକୁ ଫେରୁନଥିଲା କୃଷକ ଟି ପଞ୍ଚାୟତ ଦ୍ୱାରା ଅବସ୍ଥାପିତ କାଞ୍ଜିଆହୁଦାରୁ ଜୋରିମାନା ଦେଇ ନିଜ ଗୃହପାଳିତ ପଶୁକୁ ଆଣୁଥିଲା। ଅତୀତରେ, ରାଜ୍ୟର ସମସ୍ତ ପଞ୍ଚାୟତରେ କାଞ୍ଜିଆହୁଦା ଅବସ୍ଥାପିତ ହେଉଥିଲା। ସେହିଭଳି, ଭାପୁର ବ୍ଲକର ପ୍ରତି ପଞ୍ଚାୟତରେ ଏହି କାଞ୍ଜିଆହୁଦା ନିର୍ମାଣ ହୋଇଥିଲା ଏବଂ ପଞ୍ଚାୟତର ଏହା ରୋଜଗାର ଯୋଗେଇ ଥିଲା। ଯେଉଁ ଗୃହପାଳିତ ପଶୁ ବୋଲଣା ହୋଇ ଅନ୍ୟର ଫସଲ ଖାଇ ନଷ୍ଟ କରିଥାଏ ସେହି ପଶୁମାନଙ୍କୁ ପ୍ରତି ପଞ୍ଚାୟତ ରେ ନିର୍ମିତ ବାଉଁଶ ଘେରା ନିବୁଜ ଜେଲ ସଦୃଶ୍ୟ 'କାଞ୍ଜିଆହୁଦା'ରେ ଭର୍ତ୍ତି




କରାଯାଇଥାଏ। ଗୃହପାଳିତ ପଶୁ ର ମାଲିକ ପଞ୍ଚାୟତ କୁ ଜୋରିମାନା ଦେଇ ନିଜର ପଶୁ ମାନଙ୍କୁ ଘରକୁ ଆଣିଥାଏ। ବର୍ତ୍ତମାନ ଚାଷୀଙ୍କ ପାଖରେ ଗୃହପାଳିତ ପଶୁ ନ ଥିବାରୁ ଏହି କାଞ୍ଜିଆହୁଦା ବନ୍ଦ ହୋଇଗଲାଣି କିନ୍ତୁ,ରାଜ୍ୟର ଅନୁନ୍ନତ ଅଞ୍ଚଳରେ ଏହି ପ୍ରଥା ଦେଖିବାକୁ ମିଳିଥାଏ।

ଏତେଦ ବ୍ୟତୀତ, ଭୁବନେଶ୍ୱର,କଟକ, ବ୍ରହ୍ମପୁର ଆଦି ଟାଉନରେ ବର୍ତ୍ତମାନ ସୁଦ୍ଧା ସରକାରୀ ଭାବରେ କାଞ୍ଜିଆହୁଦା ଦେଖିବାକୁ ମିଳେ । ଉପରୋକ୍ତ ସହର ମାନଙ୍କରେ ଗୃହପାଳିତ ପଶୁ ଯଦି ସହରଗୁଡ଼ିକରେ ବୁଲନ୍ତି ତେବେ ମ୍ୟୁନିସିପାଲିଟି ତରଫରୁ ପଶୁ ମାନଙ୍କୁ କାଞ୍ଜିଆହୁଦା ରେ ଛାଡି ଦିଆଯାଇଥାଏ ଏବଂ ପରେ ମାଲିକ ମାନେ ଜୋରିମାନା ଦେଇ ପଶୁମାନଙ୍କୁ ଘରକୁ ଆଣିଥାନ୍ତି।ଏହି କାଞ୍ଜିଆହୁଦା କିଛି ବର୍ଷ ହେଲା ଗାଁ ମାନଙ୍କରୁ ଉଭାନ ହୋଇଯାଇଥିବାବେଳେ ଆଗାମୀ ପିଢ଼ି ପାଇଁ ଏହା ସ୍ୱପ୍ନ ହୋଇରହିବ।

## ଦୁର୍ଘଟଣାରେ ଗୁରୁତର ଯୁବକଙ୍କୁ ମହାନତା ଦେଖାଇଲେ ଅଟୋ ଚାଳକ

ରେଢ଼ାଖୋଲ,୭।୫ (ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଅଟୋ ଚାଳକଙ୍କ ମହାନତା । ରେଢ଼ାଖୋଲ ନାକଟିଦେଉଳ ରାସ୍ତା ମୁଟୁରୁମୁଣ୍ଡା ରାସ୍ତାରେ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ଅବସ୍ଥାରେ ରାସ୍ତାରେ ରକ୍ତାକ୍ତ ହୋଇ ପଡିଥିବା ବେଳେ ରାସ୍ତାରେ ନାକଟିଦେଉଳ ଭଡ଼ା ଯାଇ ରେଢ଼ାଖୋଲ ଫେରୁଥିବା ଜଣେ ଅଟୋ ଚାଳକ ପ୍ରୀତମ ବେହେରା ଉକ୍ତ ବ୍ୟକ୍ତିଙ୍କୁ ଦେଖି ଅଞ୍ଚଳ ଲୋକଙ୍କୁ ଖବର ଦେଇ ୧୦୮ ଆମ୍ବୁଲାନ୍ସ କୁ ଖବର ଦେବାପରେ ଆମ୍ବୁଲାନ୍ସ ପହଞ୍ଚି ବା ବିଳମ୍ବ ହେବାରୁ ଶେଷରେ ନିଜ ଅଟୋରେ ଗୁରୁତର ଆହତ ବ୍ୟକ୍ତିଙ୍କୁ ବସାଇ ରେଢ଼ାଖୋଲ ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ । ଗୁରୁତର ଆହତ ଜଣଙ୍କ ହେଲେ ମୁଟୁରୁ ମୁଣ୍ଡା ଗ୍ରାମର ଫ୍ରାନ୍ସିସ୍ ଫାଲକୋ ବୋଲି ଜଣାପଡିଛି । ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟ ବସ୍ତା ଠିକ୍ ଥିବା ବେଳେ ଦୁର୍ଘଟଣାରେ ଗୋଡ଼ ଏବଂ ମୁଣ୍ଡରେ ଗଭୀର ଆଘାତ ହୋଇଥିବା ବେଳେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ପଠାଯାଇଛି । ସେ କୌଣସି କାମରେ ରେଢ଼ାଖୋଲରୁ ଘରକୁ ଯାଉଥିବା ବେଳେ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ମାରିଥିଲା । ଏନେଇ ଅଟୋ ଚାଳକଙ୍କ ଏଭଳି କାର୍ଯ୍ୟକୁ ସ୍ଥାନୀୟ ଲୋକେ ଓ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି । ଅନ୍ୟପଟେ ରେଢ଼ାଖୋଲ ପୋଲିସ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

## ବିଶିଷ୍ଟ ସମାଜସେବୀଙ୍କ ଶ୍ରାଦ୍ଧ ଦିବସରେ ରୋଗୀଙ୍କୁ ଫଳ ବଣ୍ଟନ

ଚାରିଛକ,୭।୫ (ନିପ୍ର)ଚାରିଛକ ଅଞ୍ଚଳର ବିଶିଷ୍ଟ ସମାଜସେବୀ ତଥା ରାଜନେତା ସ୍ୱର୍ଗତ ଉପେନ୍ଦ୍ର ବେହେରାଙ୍କ ୧୪ତମ ଶ୍ରାଦ୍ଧଦିବସ ଅବସରରେ ଆଜି ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି ।

ଏହି ଫଳ ବଣ୍ଟନ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରଶାନ୍ତ କୁମାର ସାମନ୍ତରାୟ, ନିମାପଡା ବ୍ଲକ ଅଧକ୍ଷ ଶଙ୍କର ଭୋଇ,ପୂର୍ବତନ ବ୍ଲକ ଉପାଧକ୍ଷ ଅଜୟ କୁମାର ସ୍ୱାଇଁ,ଚାରିଛକ ପ୍ରେସକ୍ଲବ ସଭାପତି ପ୍ରଫୁଲ୍ଲ କୁମାର କର, କୃଷକନେତା ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ,ପ୍ରଶାନ୍ତ ବେହେରା, ପୂର୍ବତନ ସରପଂଚ ରାମଚନ୍ଦ୍ର ଜେନା, ନାଏବ ସରପଞ୍ଚ ସୁଧାଂଶୁ ପ୍ରଧାନ, କାର୍ତ୍ତିକେଶ୍ୱର ପଳତା, ତୋଫାନ ପ୍ରଧାନ, ପ୍ରଫୁଲ୍ଲ ପାତ୍ର,ରାକେଶ ବେହେରା, ପ୍ରମୋଦ ଜେନା, ସର୍ବେଶ୍ୱର ବାରିକ,ପ୍ରଜ୍ଞାଜିତ ବେହେରା ପ୍ରମୁଖ ଉପସ୍ଥିତ ରହି ଚିକିତ୍ସାଧୀନ ରୋଗୀମାନଙ୍କୁ ଫଳ ବଂଟନ କରିଥିଲେ ।

## କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ନିରାକାରପୁର,୭।୫ (ନିପ୍ର): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଡମଣଭୂମି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୪୩ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସୂଚନା ଅନୁଯାୟୀ, ଚଳିତ ବର୍ଷ ଏହି ବିଦ୍ୟାଳୟରୁ ମୋଟ ୪୩ ଜଣ ପରୀକ୍ଷାର୍ଥୀ ସଫଳତା ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ଛାତ୍ରୀ ଲୋପାମୁଦ୍ରା ସାହୁ ୫୫୦ ନମ୍ବର ରଖି 'ଏ-୧' ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ପ୍ରଧାନ ଶିକ୍ଷକଙ୍କ ପକ୍ଷରୁ ତାଙ୍କୁ ୫୦୦୦ ଟଙ୍କାର ଅର୍ଥରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଛି। ଏଥିସହିତ ଅନ୍ୟ ୩ ଜଣ ଛାତ୍ରଛାତ୍ରୀ 'ଏ-୨' ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଲୋକ ଚକ୍ରବର୍ତ୍ତୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିରେ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିନୋଦ କୁମାର ଭୋଳ,ପଞ୍ଚସଖା ଶିକ୍ଷା ସେତୁ ସଭାପତି ରଞ୍ଜନ କୁମାର ଭୋଳ,ନେତ୍ରାନନ୍ଦ ପ୍ରଧାନ ,ସମିତି ସଭ୍ୟ, ନିରଞ୍ଜନ ରଥ, ପ୍ରଶାନ୍ତ ଜଗଦେବ,ପ୍ରିୟବ୍ରତ ଭୋଳ ପ୍ରମୁଖ ଯୋଗ ଦେଇଥିଲେ ।

## ଦେବଭୂମି ପଞ୍ଚାୟତ ତରଫରୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଆସିକା,୭।୫(ନିପ୍ର)ଚଳିତ ବର୍ଷ ମେଟ୍ରିକ ପରୀକ୍ଷା ଫଳ ପ୍ରକାଶିତ ପରେ ଦେବଭୂମି ପଞ୍ଚାୟତ ପକ୍ଷରୁ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦେବଭୂମି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲବ ସେଠୀ, ସରପଞ୍ଚ ଅଶାନ୍ତି ସେଠୀ, ସମିତି ସଭ୍ୟ ଲକ୍ଷ୍ମୀ ବେହେରା, ପରିଚାଳନା ସଭାପତି ଉପେନ୍ଦ୍ର ମୁନି, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଗୌରହରି ବେହେରା, ପୂର୍ବତନ ସମିତି ସଭ୍ୟ ସନ୍ତୋଷ କୁମାର ନାହାକ, ପୂର୍ବତନ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ। ଆସିକା ବ୍ଲକ ଅନ୍ତର୍ଗତ ଦେବଭୂମି ପଞ୍ଚାୟତ ଅଧୀନରେ ଥିବା କର୍ପୁର ନୂଆଗାଁର ସୁମିତ୍ରା ବେହେରା, ପାୟଲ ଗୌଡ଼, ମାମୁଡିଅର ନୃସିଂହ ନାୟକ, ପ୍ରୀତି ନାୟକ, କେ. ନୂଆପଲ୍ଲୀର ତୃପ୍ତିରାଣୀ ପ୍ରଧାନଙ୍କୁ ଅତିଥିମାନେ ଉପଢୌକନ ସହିତ ବୃକ୍ଷ ଦେଇ ସମ୍ମାନିତ କରିଥିଲେ । ଗ୍ରାମାଞ୍ଚଳର ଏଭଳି ମେଧାବୀ ଛାତ୍ରଛାତ୍ରୀମାନଙ୍କ ଉତ୍ତୋରତର ଉନ୍ନତି କାମନା କରି ଆଗକୁ ପଞ୍ଚାୟତର ନାମ ରଖିବାକୁ ପରାମର୍ଶ ଦେଇଥିଲେ ।

## ନାଲିଫିତାରେ ବନ୍ଧା ୪୦୦ ଭତ୍ତା ଆବେଦନ ପତ୍ର

ରାୟଗଡା,୭।୫ (ନିପ୍ର): ଆଦିବାସୀ ଅଧ୍ୟୁଷିତ ରାୟଗଡା ଜିଲ୍ଲାରେ ଗରିବ, ଅସହାୟ, ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗଙ୍କ ସକାଶେ ସରକାରୀ ପାଣ୍ଠିର ଅଭାବ। ଏହା ଅନ୍ୟକେହି ନୁହେଁ ଖୋଦ ସରକାରୀ କର୍ମଚାରୀଙ୍କ ଠାରୁ ଜଣାପଡିଛି। ସରକାର ଭତ୍ତା ଏକ ହଜାରରୁ ତିନି ହଜାର ଟଙ୍କାକୁ ବୃଦ୍ଧିର ପ୍ରତିଶ୍ରୁତି ପ୍ରଦାନ କରିଥିବା ସମସ୍ତେ ଜାଣନ୍ତି। ଏପରିକି ଇତି ମଧ୍ୟରେ ଦୁଇ ବର୍ଷ ବିତିଗଲା ହେଲେ କେତେକ ସ୍ଥାନରେ ଉକ୍ତ ପ୍ରତିଶ୍ରୁତି ପ୍ରତିଶ୍ରୁତି ହୋଇ ରହିଯାଇଛି। ସରକାର କ୍ଷମତାକୁ ଆଦିବାପରେ ନୂଆ ନିୟମ ଅନୁଯାୟୀ ୮୦ ବର୍ଷରୁ ଅଧିକା ଏବଂ ଅଶି ପ୍ରତିଶତ ଦିବ୍ୟାଙ୍ଗଙ୍କୁ ୩୫୦୦ ଟଙ୍କା ଓ ୫୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗଙ୍କୁ ୧୨୦୦ ଟଙ୍କା ଏବଂ ଅନ୍ୟ ମାନଙ୍କୁ ପୁରୁଣା ନିୟମ ପ୍ରକାରେ ୧୦୦୦ ଟଙ୍କା ମାସିକ ଭତ୍ତା ପ୍ରଦାନର ବ୍ୟବସ୍ଥା କରାଯାଇଛି। ଇନ୍ଦିରା ଗାନ୍ଧି ଜାତୀୟ ବାର୍ଦ୍ଧକ୍ୟ ବିଧବା, ଭିନ୍ନକ୍ଷମ ଏବଂ ମଧୁବାବୁ ପେନସନ ଯୋଜନାର କଟାକଟି ଭତ୍ତା ଗ୍ରାମରେ ପହଞ୍ଚି ପାରୁନଥିବା ଅଭିଯୋଗ ହୋଇଛି ରାୟଗଡା ଜିଲ୍ଲାର ମୁନିଗୁଡା ବ୍ଲକରେ ୪୦୦ ରୁ ଅଧିକା ହିତାଧିକାରୀଙ୍କୁ ଚିହ୍ନଟ କରି ସାମାଜିକ ସୁରକ୍ଷା ଅଧିକାରୀ ଗୁଣପୁର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଫାଇଲ ପଠାଯାଇଥିବା ଜଣାପଡିଛି। କିନ୍ତୁ ଏକ ବର୍ଷରୁ ଅଧିକା ସମୟ ଧରି ତାହା ଫାଇଲ ରେ ବନ୍ଧା ହେଇ ପଡି ରହିଯାଇଛି। ଏ ବିଷୟରେ ପଚାରିଲେ ବାବୁମାନେ କହୁଥିବା ଶୁଣିବାକୁ ମିଳୁଛି ଯେ, ସରକାରଙ୍କ ପାଖରେ ଟାର୍ଗେଟ ନାହିଁ କହି ଟାଳି ଦେଉଥିବା ଅଭିଯୋଗ ହେଉଛି। ଫଳରେ କି ମୁନିଗୁଡା ବ୍ଲକର ଅମ୍ଲଭଟ୍ଟା ପଞ୍ଚାୟତର ୮୪ ବର୍ଷିଆ ବିଧବା କୌଶଲ୍ୟା କୁମାର ଏବଂ ବିଷମକଟକ ବ୍ଲକ ସ୍ଥିତ ଥୁଆପାଡି ଗ୍ରାମର ୬୧ ବର୍ଷୀୟ ଦିବ୍ୟାଙ୍ଗ ବିଧବା କମଳା ଅଟକା ୬ମାସ ହେଲା ପଞ୍ଚାୟତରୁ ବ୍ଲକକୁ ଦୌଡ଼ି ଦୌଡ଼ି ନୟାନ୍ତ। ବର୍ଦ୍ଧିତ ଭତ୍ତାକୁ ଚାହିଁ କେତେକ ୮୦ ବର୍ଷରୁ ଅଧିକ ବୟସର ବୃଦ୍ଧ ବୃଦ୍ଧାଙ୍କ ମୃତ୍ୟୁ ହୋଇଯାଇଥିବା ଶୁଣିବାକୁ ମିଳୁଛି। ଏପଟେ ପଞ୍ଚାୟତ ନିର୍ବାହୀ ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଏବଂ ସାମାଜିକ ସୁରକ୍ଷା କର୍ମୀମାନେ ଜନତାଙ୍କର ଆକ୍ରୋଶର ଶିକାର ହେବା ଭୟ ମଧ୍ୟରେ ରହୁଥିବା ଜଣାଯାଏ। ଆମେ କେବଳ ମାତ୍ର ଜଣେ ଜଣେ ସରକାରୀ କର୍ମଚାରୀ, ବା ଅଧିକାରୀ କିନ୍ତୁ ନିଷ୍ପତି ସରକାରଙ୍କ। ଦେଖାଯାଉଥିବା ସମସ୍ୟା କେବଳ ମାସିକ ଭତ୍ତା ନୁହଁ। ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୬୦ ବର୍ଷରୁ ଉଣା ବିପିଏଲ ମୁରବିଙ୍କ ମୃତ୍ୟୁ ପରେ ବିଧବାଙ୍କୁ ୨୦ ହଜାର ଟଙ୍କା ମିଳିବା କଥା, ହେଲେ ସେ ଫାଇଲ ଗୁଣପୁର ପଠାଯାଇଛି। କିନ୍ତୁ ତାହା ତହସିଲରେ ଅଟକି ରହିଥିଲା। ତହସିଲ ତାହାର ତଦନ୍ତ ନକରି ବ୍ଲକକୁ ଫେରେଇ ଦେଇଛି। ଅନ୍ୟପକ୍ଷେ ବିଡ଼ିଓ ନତୁବା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ତଦନ୍ତ ପାଇଁ ସରକାରଙ୍କ କୌଣସି ନିର୍ଦ୍ଦେଶ ନାହିଁ। ଫଳରେ ବ୍ଲକ କାର୍ଯ୍ୟାଳୟରେ ନଥିପତ୍ର ପଡିରହୁଛି। ଏହାର ତଦନ୍ତ ହେଉନି କି ହିତାଧିକାରୀ ମଧ୍ୟ ଚିହ୍ନଟ ହେଇପାରୁ ନାହାନ୍ତି। ଗରିବ କଲ୍ୟାଣ ଯୋଜନା ପାଇଁ ଟାର୍ଗେଟ ନାହିଁ କହି ସରକାର ନିରବୀ ଯାଉଛନ୍ତି। ସାମାଜିକ କର୍ମୀମାନେ ଏହା ସରକାରଙ୍କ ଗରିବଙ୍କ ପ୍ରତି ଏକ ଉପହାସ ବୋଲି ଅଭିହିତ କରୁଛନ୍ତି। ବିଭାଗୀୟ ଅଧିକାରୀମାନେ ଏଭଳି ଏକ ସମସ୍ୟା ପ୍ରତି ବିଶେଷ ଭାବେ ଧ୍ୟାନ ଦେଇ ଏହାର ଆଶୁ ସମାଧାନ କିପରି ହେଇପାରିବ ଏବଂ ଯୋଗ୍ୟ, ପ୍ରକୃତ ହିତାଧିକାରୀମାନେ କିପରି ଏହାର ସୁଫଳ ପାଇପାରିବେ ସେଦିଗରେ ପଦକ୍ଷେପ ନେବା ଜରୁରୀ ହୋଇପଡିଛି।

## ମମତାଙ୍କୁ ଭେଟିଲେ ଅଖିଳେଶ



କୋଲକତା,୭।୫ : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପିର ବିଜୟ ପରେ କୋଲକତାରେ ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଦୃଶ୍ୟ ଦେଖିବାକୁ ମିଳିଛି । ସମାଜବାଦୀ ପାର୍ଟିର ସଭାପତି ଅଖିଳେଶ ଯାଦବ କୋଲକତାର କାଳୀଘାଟ ସ୍ଥିତ ବାସଭବନରେ ତୃଣମୂଳ କଂଗ୍ରେସ (ଟିଏମସି) ମୁଖ୍ୟ ମମତା ବାନାର୍ଜୀଙ୍କୁ ଭେଟିଛନ୍ତି । ଏହି ସାକ୍ଷାତକାର କେବଳ ଏକ ସୌଜନ୍ୟମୂଳକ ସାକ୍ଷାତ ନଥିଲା, ବରଂ ଏହା ଥିଲା ବିରୋଧୀ ଏକତାର ଏକ ବଡ଼ ପ୍ରଦର୍ଶନ। ଏହି ଆଲୋଚନାରେ ଟିଏମସି ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ମଧ୍ୟ ଉପସ୍ଥିତ ଥିଲେ । ବିଜେପି ପାଖରେ ନିର୍ବାଚନ ହାରିଥିଲେ ମଧ୍ୟ ଅଖିଳେଶ ମମତାଙ୍କୁ ଜଣେ ବୀର ଯୋଦ୍ଧା ବୋଲି କହିଛନ୍ତି । ଅଖିଳେଶ କହିଛନ୍ତି, ଆପଣ ହାରିନାହାନ୍ତି, ଆପଣ ଏକ ସାହସିକ ଲଢ଼େଇ ଲଢ଼ିଛନ୍ତି । ବିଜେପିର ବଢୁଥିବା ପ୍ରଭାବ ବିରୋଧରେ ଆପଣ ଏବେ ବି ଦେଶର ସବୁଠାରୁ ଶକ୍ତିଶାଳୀ ସ୍ୱର ।"

## ଯମୁନାରେ ଡଙ୍ଗା ବୁଡ଼ି ଗୋଟିଏ ପରିବାରର ୩ ମୃତ

ନୂଆଦିଲ୍ଲୀ,୭।୫: ଉତ୍ତର ପ୍ରଦେଶର ହମିର୍ପୁର ଜିଲ୍ଲାରେ ବୁଧବାର ସନ୍ଧ୍ୟାରେ ଗୋଟିଏ ପରିବାରର ୯ ଜଣ ସଦସ୍ୟଙ୍କୁ ନେଇ ଯାଉଥିବା ଡଙ୍ଗା ବୁଡ଼ିଯିବାରୁ ୩ ଜଣଙ୍କର ମୃତ୍ୟୁ ହୋଇଛି । ଏବେବି ୩ ଜଣ ଶିଶୁ ନିଖୋଜ ଅଛନ୍ତି । ଡଙ୍ଗା ଓଲଟି ପଡ଼ିବା ଯୋଗୁ ୬ ଜଣ ନିଖୋଜ ହୋଇଯାଇଥିଲେ । ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଉଦ୍ଧାର କରାଯାଇଥିଲା । ତେବେ ପ୍ରବଳ ବର୍ଷା ଯୋଗୁ ତଲାସୀ ଅଭିଯାନ ବାଧାପ୍ରାପ୍ତ ହୋଇଥିଲା। ଜଣେ ମହିଳା ଓ ଦୁଇଜଣ ଝିଅଙ୍କ ମୃତଦେହ ଉଦ୍ଧାର ହୋଇଛି। ସୂଚନା ଅନୁସାରେ, ବିବାହ ଭୋଜି ଖାଇବାକୁ ସମସ୍ତେ ନଦୀ ପାର ହୋଇ ଯାଇଥିଲେ। ଭୋଜି ଖାଇବା ପରେ ବିଷ୍ଣୁ ନିଶାଦ, ତାଙ୍କ ପତ୍ନୀ ଓ ପରିବାରର ୭ ଶିଶୁ ତରଭୁଜ ଓ ଖରଭୁଜ ନଦୀ କୂଳରୁ କିଣିବା ପରେ ଘରକୁ ଫେରୁଥିଲେ। ଫେରିବା ସମୟରେ ମଝି ନଈରେ ଡଙ୍ଗା ନିୟନ୍ତ୍ରଣ ହରାଇ ବୁଡ଼ି ଯାଇଥିଲା। ବିଷ୍ଣୁ ନିଶାଦ ଓ ଗୋଟିଏ ଶିଶୁ ପହଁରି କୂଳକୁ ଆସି ଯାଇଥିଲେ। ସ୍ଥାନୀୟ ମତ୍ସ୍ୟଜୀବୀ ଜଣଙ୍କୁ ଉଦ୍ଧାର କରିଥିଲେ। ଅନ୍ୟମାନେ ନିଖୋଜ ହୋଇଯାଇଥିଲେ। ପୁଲିସ ଓ ପ୍ରଶାସନ ଖବର ପାଇ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାରକାର୍ଯ୍ୟ ଚଳାଇଥିଲେ ମଧ୍ୟ ୩ ଶିଶୁଙ୍କୁ ଉଦ୍ଧାର କରାଯାଇପାରିନି ।

## ଦେଶବ୍ୟାପୀ ମାଗଣା ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଉଦ୍‌ଘାଟିତ



ନୂଆଦିଲ୍ଲୀ,୭।୫(ପିଆଇବି): କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ଏବଂ ଯୁବ ବ୍ୟାପାର ଏବଂ କ୍ରୀଡାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭୀୟ ଆଜି ଦିଲ୍ଲୀର ବାସେଇଦାରପୁର ସ୍ଥିତ ଇଏସଆଇସି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ୪୦ ବର୍ଷ ଏବଂ ଅଧିକ ବୟସର ସମସ୍ତ ଶ୍ରମିକଙ୍କ ପାଇଁ ଏକ ଦେଶବ୍ୟାପୀ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଦେଶର କର୍ମଶକ୍ତି ପାଇଁ ବୃତ୍ତିଗତ ସ୍ୱାସ୍ଥ୍ୟସେବା ଏବଂ ସାମାଜିକ ସୁରକ୍ଷା କଭରେଜକୁ ସୁଦୃଢ଼ କରିବା ଦିଗରେ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି କୁହାଯାଉଛି। ଏହି ଅବସରରେ ସମାବେଶକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ଚାରୋଟି ଶ୍ରମ ସଂହିତା ଲାଗୁ ହେବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦେଶବ୍ୟାପୀ ଶ୍ରମିକଙ୍କ ପାଇଁ ମର୍ଯ୍ୟାଦା, କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବାର ଗ୍ୟାରେଣ୍ଟିକୁ ପ୍ରତିଫଳିତ କରେ। ଏହି ଅବସରକୁ ଦେଶର 'ଶ୍ରମଶକ୍ତି' ସମ୍ମାନ ପାଇଁ ଉତ୍ସର୍ଗୀକୃତ ଦିନ ଭାବରେ ବର୍ଣ୍ଣନା କରି, ସେ କହିଥିଲେ ଯେ ସରକାର ସମସ୍ତ ଶ୍ରମିକଙ୍କ ପାଇଁ ସାମାଜିକ ସୁରକ୍ଷା କଭରେଜକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ। କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱାଧୀନ ସରକାର ଗତ ୧୨ ବର୍ଷ ଧରି ନିଯୁକ୍ତି ସୃଷ୍ଟି ଏବଂ କଲ୍ୟାଣକାରୀ ପଦକ୍ଷେପ ମାଧ୍ୟମରେ 'ଶ୍ରମଶକ୍ତି' ଏବଂ 'ଯୁବଶକ୍ତି'କୁ ସଶକ୍ତ କରିବା ଦିଗରେ କାର୍ଯ୍ୟ କରିଚାଲିଛନ୍ତି। ସେ ଏହା ମଧ୍ୟ କହିଥିଲେ ଯେ ଦେଶରେ ସାମାଜିକ ସୁରକ୍ଷା କଭରେଜ ଏକ ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖିଛି। ଏକ ଦଶନ୍ଧି ପୂର୍ବେ ପ୍ରାୟ ୩୦ କୋଟି ଲୋକ ଏଥିରେ ଅନ୍ତର୍ଭୁକ୍ତ ଥିବାବେଳେ ଆଜି ତାହା ପ୍ରାୟ ୯୪ କୋଟି ହିତାଧିକାରୀଙ୍କ ନିକଟରେ ପହଞ୍ଚିଛି।

## ପଶ୍ଚିମବଙ୍ଗରେ ଗୁଳି ପରେ ବୋମା ମାଡ଼

ନୂଆଦିଲ୍ଲୀ,୭।୫: ପଶ୍ଚିମବଙ୍ଗରେ ନିର୍ବାଚନ ଫଳାଫଳ ଘୋଷଣା ହେବା ପରଠାରୁ ଗୋଟିଏ ପରେ ଗୋଟିଏ ହିଂସା ଖବର ସାମ୍ନାକୁ ଆସିବାରେ ଲାଗିଛି । ବୁଧବାର ମଧ୍ୟମଗ୍ରାମରେ ଶୁଭେନ୍ଦୁ ଅଧିକାରୀଙ୍କ ପିଏଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା । ଯାହାକୁ ନେଇ ଉଷ୍ମତା କମିନଥିବାବେଳେ ଏବେ ପୁଣି ବମ୍ବିଂ ହୋଇଥିବାର ଖବର ସାମ୍ନାକୁ ଆସିଛି । ହାୱଡାରେ ଟିଏମସି ଏବଂ ବିଜେପି କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିବା ସୂଚନା ମିଳିଛି । ଯେଉଁଥିରେ ଅଭିଯୋଗ ହୋଇଛି କି, ଟିଏମସି କର୍ମୀଙ୍କ ଦ୍ୱାରା ଦୁଇଜଣ ବିଜେପି କର୍ମୀ ଆହତ ହୋଇଛନ୍ତି । ସେମାନେ ମେଡିକାଲରେ ଭର୍ତ୍ତି ହୋଇଥିବାବେଳେ ଘଟଣାସ୍ଥଳରେ ଉତ୍ତେଜନା ବୃଦ୍ଧି ପାଇଛି । ସେପଟେ ପୁଲିସ ସ୍ଥାନୀୟ ଅଞ୍ଚଳରେ ମୁତୟନ ହୋଇଛନ୍ତି। ହାୱଡାର ଶିବପୁରର ଚୌରାବସ୍ତି ଅଞ୍ଚଳରେ ବିଜେପି ଏବଂ ଟିଏମସି କର୍ମୀଙ୍କ ମଧ୍ୟରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ଯେଉଁଠାରେ ବମ୍ବିଂ କରାଯାଇଥିବାର ଖବର ସାମ୍ନାକୁ ଆସିଛି । ସେପଟେହାଓଡ଼ା ସିଟି ପୋଲିସ କମିଶନର ଅଖିଳେଶ ଚତୁର୍ବେଦୀ କହିଛନ୍ତି ଯେ ଏହି ଘଟଣା ଏକ ରାଜନୈତିକ ସଂଘର୍ଷ ଯେଉଁଥିରେ ଜଣେ ଆହତ ହୋଇଛନ୍ତି । ସେ କହିଛନ୍ତି, 'ଶିବପୁରର ଚୌରାବସ୍ତି ଅଞ୍ଚଳରେ ଏକ ରାଜନୈତିକ ସଂଘର୍ଷ ଘଟିଛି, ଯେଉଁଥିରେ ଜଣେ ଆହତ ହୋଇଛନ୍ତି । ସୂଚନା ପାଇବା ମାତ୍ରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଛି। ଏହି ଘଟଣାରେ ସମ୍ପୃକ୍ତ ସମସ୍ତଙ୍କୁ ଯଥାଶୀଘ୍ର ଗିରଫ କରାଯିବ।'

### ନୀତି ଆୟୋଗ ରିପୋର୍ଟ ବଢାଇଲା ଚିନ୍ତା

# ସରକାରୀ ସ୍କୁଲରେ ହ୍ରାସ ହେଉଛି ଛାତ୍ରଛାତ୍ରୀଙ୍କ ସଂଖ୍ୟା

ନୂଆଦିଲ୍ଲୀ,୭।୫: ପିଲାଙ୍କ ଭବିଷ୍ୟତ ଚିନ୍ତାରେ ମାତାପିତା ଏବେ ସରକାରୀ ସ୍କୁଲ ବଦଳେ ପ୍ରାଇଭେଟ ସ୍କୁଲକୁ ଗୁରୁତ୍ୱ ଦେଉଛନ୍ତି। ନିକଟରେ ନୀତି ଆୟୋଗ ଦେଶର ବିଦ୍ୟାଳୟ ଶିକ୍ଷା ନେଇ ଦେଇଥିବା ରିପୋର୍ଟରୁ ଏପରି କଥା ସବୁ ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ ଗତ ଦୁଇ ଦଶନ୍ଧୀରେ ସରକାରୀ ସ୍କୁଲ ଆଡମିସନରେ ପାଖାପାଖି ୨୨% ହ୍ରାସ ରେକର୍ଡ ହୋଇଛି। ୨୦୦୫ ମସିହା ବେଳେ ଦେଶର ସରକାରୀ ସ୍କୁଲମାନଙ୍କରେ ଆଡମିସନ ହାର ୭୧% ଥିଲା। ତେବେ ୨୦୨୪-୨୫ରେ ଏହି ହାର ହ୍ରାସ ହୋଇ ୪୯.୨୪%ରେ ସୀମିତ ହୋଇଯାଇଛି। ଅନ୍ୟପଟେ ସବୁ ମାଧ୍ୟମିକ ସଂସ୍ଥାନରେ ପ୍ରାଇଭେଟ ସ୍କୁଲର ଭାଗିଦାରୀ ୪୪.୦୧%କୁ ପହଞ୍ଚିଛି। ଏହା ଘରୋଇ ଶିକ୍ଷା ପ୍ରତି ଅଭିଭାବକଙ୍କ ଆଗ୍ରହକୁ ଦର୍ଶାଉଛି। ରିପୋର୍ଟ ଅନୁସାରେ ଏହି ପରିବର୍ତ୍ତନ ସେହି ଧାରଣା ଦ୍ୱାରା ପ୍ରେରିତ ଯେଉଁଥିରେ ଘରୋଇ ସ୍କୁଲମାନଙ୍କରେ ଉନ୍ନତ ଇଂରାଜୀ ମାଧ୍ୟମ ଶିକ୍ଷା, କଡ଼ା ଅନୁଶାସନ ଓ ଭବିଷ୍ୟତରେ ରୋଜଗାରର ସୁ ଅବସର ମିଳୁଛି। ରିପୋର୍ଟରେ ଏ ନେଇ ମଧ୍ୟ ସତର୍କ କରାଯାଇଛି ଯେ ଏପରି ଆଶା ସର୍ବଦା ବାସ୍ତବତା ସହ ମେଳ ଖାଏନି। ନୀତି ଆୟୋଗ ରିପୋର୍ଟରେ କହିଛନ୍ତି ଯେ ଭାରତର ସ୍କୁଲ ଶିକ୍ଷା ପ୍ରଣାଳୀରେ ଖାସ କରି ମାଧ୍ୟମିକ ସ୍ତରରେ ପ୍ରାଇଭେଟ ସ୍କୁଲ ମାନଙ୍କରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଏହି ପରିବର୍ତ୍ତନ ଭଲ ଫଳାଫଳ ପାଇଁ ଅଭିଭାବକଙ୍କ ଆକାଂକ୍ଷାକୁ ଦର୍ଶାଉଛି। ହେଲେ ଶିକ୍ଷା କ୍ଷେତ୍ରରେ ଘରୋଇ କ୍ଷେତ୍ରର ଏପରି ଅଭିବୃଦ୍ଧି ଶିକ୍ଷାର ମାନ, ସମାନତା ଓ ନିୟମକୁ ନେଇ ଗୁରୁତର ଚିନ୍ତାର କାରଣ ପାଲଟିଛି।ରିପୋର୍ଟ



ଅନୁସାରେ ଦେଶରେ ସ୍ୱଳ୍ପ ଶୁଳ୍କରେ ପାଠ ପଢାଉଥିବା ପ୍ରାଇଭେଟ୍ ସ୍କୁଲ (ଏଲଏଫପି)ଙ୍କ ଅବସ୍ଥା ଚିନ୍ତାଜନକ। ଏପରି ସ୍କୁଲ ଶିକ୍ଷା ଅଧିକାର (ଆରଟିଇ) ଅଧିନିୟମର ମୌଳିକ ମାନକ ମଧ୍ୟପୂରଣ କରିବାକୁ ଅସମର୍ଥ। ଏହି ସ୍କୁଲମାନଙ୍କରେ ସ୍ୱଚ୍ଛ ପାନୀୟ ଜଳ, ଶୌଚାଳୟ, ଖେଳ ପଡିଆ ଭଳି ମୌଳିକ ସୁବିଧା ମଧ୍ୟ ନାହିଁ। ଏପରି ସ୍କୁଲମାନଙ୍କରେ ଶିକ୍ଷକଙ୍କ ନିଯୁକ୍ତି ସାଧାରଣତଃ ଅନୌପଚାରିକ ହୋଇଥାଏ। ଏପରି ଶିକ୍ଷକ ସ୍ୱଳ୍ପ ବେତନ ଓ ବିନା ନିଯୁକ୍ତି ସୁରକ୍ଷାରେ ନିୟୋଜିତ ହୋଇଥାନ୍ତି। ଏହାର ପ୍ରଭାବ ପାଠପଢାର କ୍ୱାଲିଟି ଉପରେ ପଡିଥାଏ। ଏହି ରିପୋର୍ଟ ଦେଶରେ ଶିକ୍ଷା କାର୍ଯ୍ୟବଳରେ ବ୍ୟାପକ ଚ୍ୟାଲେଞ୍ଜକୁ ମଧ୍ୟ ଉଜାଗର କରିଛି। ସାରା ଦେଶରେ ଥିବା ପାଖାପାଖି ୧୪ଲକ୍ଷ ସ୍କୁଲରେ ୧.୦୧କୋଟି ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ଛାତ୍ର-ଶିକ୍ଷକ ଅନୁପାତ ସୁଧାର ସତ୍ତ୍ୱେ ଅନେକ ଗ୍ରାମୀଣ ଓ ପଛୁଆ ଅଞ୍ଚଳରେ ଶିକ୍ଷକଙ୍କ ଅଭାବ ରହିଛି। ଦେଶରେ ୧ ଲକ୍ଷରୁ ଅଧିକ ଏପରି ସ୍କୁଲ ଅଛନ୍ତି ଯେଉଁ ସବୁ ସ୍କୁଲ କେବଳ ଜଣେ ଲେଖାଏଁ ଶିକ୍ଷକଙ୍କ ଭରସାରେ ଚାଲୁଛି।

## ସମ୍ରାଟଙ୍କ କ୍ୟାବିନେଟରେ ସାମିଲ ହେଲେ ୩୨ ମନ୍ତ୍ରୀ




ନୂଆଦିଲ୍ଲୀ,୭।୫ : ବିହାରରେ ବିଜେପିର ପ୍ରଥମ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧାରୀଙ୍କ ମନ୍ତ୍ରିମଣ୍ଡଳରେ ଗୁରୁବାର ସମ୍ପ୍ରସାରଣ କରାଯିବା ପରେ ୩୨ ଜଣ ନୂଆ ମନ୍ତ୍ରୀ ସାମିଲ ହୋଇଛନ୍ତି। ପାଟନାର ଗାନ୍ଧୀ ମୈଦାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ବିଜେପି ସଭାପତି ନିତିନ ନବୀନଙ୍କ ଉପସ୍ଥିତିରେ ଜେଡିୟୁ, ବିଜେପି, ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ), ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା ଓ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚାର ବିଧାୟକମାନେ ମନ୍ତ୍ରୀ ପଦ ଓ ଗୋପନୀୟତାର ଶପଥ ନେଇଥିଲେ। ଚୌଧାରୀଙ୍କ ବ୍ୟତୀତ ଦୁଇ ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ଚୌଧାରୀ, ବିଜେନ୍ଦ୍ର ପ୍ରସାଦ ଯାଦବଙ୍କୁ ମିଶାଇଲେ ୩୫ ଜଣ ମନ୍ତ୍ରୀ ହୋଇଛନ୍ତି। ନୀତୀଶ କୁମାରଙ୍କ ପୁଅ ନିଶାନ୍ତ କୁମାର ମଧ୍ୟ ମନ୍ତ୍ରୀ ପଦରେ ଶପଥ ଗ୍ରହଣ କରିଛନ୍ତି। ବିଜେପି ନିଜ କୋଟାର ସମସ୍ତ ୧୬ ମନ୍ତ୍ରୀ ପଦ ପୂରଣ କରିଛି, ଜେଡିୟୁ ୧୫ଟି ମନ୍ତ୍ରିପଦ ପୂରଣ କରି ଗୋଟିଏ ଖାଲି ରଖିଛି। ୩୨ ନୂଆ ମନ୍ତ୍ରୀଙ୍କ ମଧ୍ୟରେ ନୀତୀଶଙ୍କ ମନ୍ତ୍ରିମଣ୍ଡଳରେ ୧୯ ଜଣ ସାମିଲ ଥିଲେ। ବିଜେପି ଦଳର ବଡ଼ ନେତା ମଙ୍ଗଳ ପାଣ୍ଡେ, ସୁରେନ୍ଦ୍ର ମେହେଟା ଓ ନାରାୟଣ ପ୍ରସାଦଙ୍କୁ ମନ୍ତ୍ରିପଦ ମିଳିନାହିଁ। ସମ୍ରାଟଙ୍କ କ୍ୟାବିନେଟରେ ଓବିସି, ଇବିସି, ସବର୍ଣ୍ଣ, ଦଳିତ ଓ ମହାଦଳିତଙ୍କ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରାଯାଇଛି। ରାଜପୁତ ଜାତିରୁ ସର୍ବାଧିକ ୪ ଜଣ ମନ୍ତ୍ରୀ ହୋଇଛନ୍ତି। ନୀତୀଶଙ୍କ ମନ୍ତ୍ରିମଣ୍ଡଳରେ ମଧ୍ୟ ୪ ଜଣ ରାଜପୁତ ମନ୍ତ୍ରୀ ଥିଲେ। କୋଇରି ଓ ଭୂମିହାର ଜାତିରୁ ୩ ଜଣ ଲେଖାଏଁ ମନ୍ତ୍ରୀ ହୋଇଛନ୍ତି। ଯାଦବ, ବ୍ରାହ୍ମଣ, ସୁଢ଼ି, କୁର୍ମି, ଧାନୁକ, ନିଷାଦ, ଦୁସାଧ, ମୁସହର ଓ ରବିଦାସ ଜାତିର ଦୁଇଜଣ ଲେଖାଏଁ ମନ୍ତ୍ରିପଦ ପାଇଛନ୍ତି। କାନୁ, କଲବାର, କହାର, ପାସି, ତେଲି, ଗଙ୍ଗୋତା ଓ ମୁସଲମାନ ଜାତିରୁ ଜଣେ ଲେଖାଏଁ ମନ୍ତ୍ରୀ ହୋଇଛନ୍ତି। ଶପଥ ଗ୍ରହଣ ସମାରୋହରେ, ଅନେକ ବରିଷ୍ଠ ନେତା ଏବଂ ନୂତନ ମୁହଁ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିଲେ। ଶ୍ରବଣ କୁମାର, ବିଜୟ କୁମାର ସିହ୍ନା, ଦିଲୀପ ଜୟସ୍ୱାଲ, ନିଶାନ୍ତ କୁମାର ଏବଂ ଲେଶି ସିଂହ ଏକାଠି ଶପଥ ଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡାକ ବଙ୍ଗଳା ଛକ ଦେଇ ଯିବା ପରେ ଗାନ୍ଧୀ ମୈଦାନରେ ପହଞ୍ଚିଥିଲେ।

## ଶୁଭେନ୍ଦୁଙ୍କ ପିଏଙ୍କ ହତ୍ୟା ମାମଲା: ବାଂଲାଦେଶୀ ଲିଙ୍କରେ ୩ ଅଟକ

ନୂଆଦିଲ୍ଲୀ,୭।୫: ପଶ୍ଚିମବଙ୍ଗ ରାଜନୀତିରେ ବଡ଼ ଧରଣର ହଟଚମଟ। ଶୁଭେନ୍ଦୁ ଅଧିକାରୀଙ୍କ ଅତି ନିକଟତମ ସହଯୋଗୀ ଚନ୍ଦ୍ରନାଥ ରଥଙ୍କୁ ନିର୍ମମ ଭାବେ ଗୁଳି କରି ହତ୍ୟା କରାଯାଇଛି। ବୁଧବାର ବିଳମ୍ବିତ ରାତିରେ ଚନ୍ଦ୍ରନାଥ ନିଜ ଘରକୁ ଫେରୁଥିବା ସମୟରେ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଅତର୍କିତ ଗୁଳିଚାଳନା କରିଥିଲେ। ଆଉ ଏହି ହତ୍ୟାକାଣ୍ଡରେ ବାଂଲାଦେଶୀ ଲିଙ୍କ ସାମ୍ନାକୁ ଆସୁଛି। ଚନ୍ଦ୍ରନାଥ ରଥ କେବଳ ଜଣେ ରାଜନୈତିକ କର୍ମୀ ନ ଥିଲେ, ସେ ଭାରତୀୟ ବାୟୁସେନାରେ ଦୀର୍ଘ



୨୦ ବର୍ଷ ଧରି ଦେଶସେବା କରିଥିଲେ। ଅବସର ଗ୍ରହଣ କରିବା ପରେ ୨୦୧୮ ମସିହାରୁ ସେ ଶୁଭେନ୍ଦୁ ଅଧିକାରୀଙ୍କ ବ୍ୟକ୍ତିଗତ ସହକାରୀ ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ରାତିରେ ଅତର୍କିତ ଭାବେ ତାଙ୍କ ଉପରକୁ ଗୁଳି ଚଳାଯାଇଥିଲା, ଯାହାଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଚନ୍ଦ୍ରନାଥ ରଥଙ୍କ ମୃତ୍ୟୁ ଘଟଣା ଏବେ ଏକ ନୂଆ ମୋଡ଼ ନେଇଛି। ହତ୍ୟାକଣ୍ଡରେ ବାହାରିଲା ବାଂଲାଦେଶ ଲିଙ୍କ। ଘଟଣା ସମୟରେ ବ୍ୟବହୃତ ହୋଇଥିବା ଗାଡ଼ି ଏବଂ ଅପରାଧୀମାନେ ପଶ୍ଚିମ ବଙ୍ଗ ଓ ବାଂଲାଦେଶ ସୀମା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ଆସିଥିବା ନେଇ ସୂଚନା ପୋଲିସକୁ ହସ୍ତଗତ ହୋଇଛି ।

### ନେଦରଲ୍ୟାଣ୍ଡର ରାଷ୍ଟ୍ରଦୂତଙ୍କୁ ଭେଟିଲେ ଧର୍ମେନ୍ଦ୍ର ପ୍ରଧାନ

## ଶିକ୍ଷା ସହ ଗବେଷଣା କ୍ଷେତ୍ରରେ ଭାଗିଦାରୀ ବଢ଼ିବ

ନୂଆଦିଲ୍ଲୀ,୭।୫(ପିଆଇବି): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତରେ ଅବସ୍ଥାପିତ ନେଦରଲ୍ୟାଣ୍ଡର ରାଷ୍ଟ୍ରଦୂତ ମାରିସା ଗେରାର୍ଡସଙ୍କୁ ଭେଟି ଉଭୟ ଦେଶ ମଧ୍ୟରେ ଉଚ୍ଚ ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ସହଯୋଗର ନୂତନ ଦିଗ ଉପରେ ଆଲୋଚନା କରିଛନ୍ତି । ଏହି ବୈଠକରେ ଉଭୟ ଦେଶ ମଧ୍ୟରେ ଶିକ୍ଷାଗତ ସହଯୋଗକୁ ଅଧିକ ସୁଦୃଢ଼ କରିବା ପାଇଁ ଚର୍ଚ୍ଚା କରାଯାଇଛି। ଏହି ଆଲୋଚନା ଅନୁଯାୟୀ, ଭାରତ ଏବଂ ନେଦରଲ୍ୟାଣ୍ଡ ଆସନ୍ତା ଶିକ୍ଷା ବର୍ଷରୁ ହାଇଡ୍ରୋଜେନ, ସେମିକଣ୍ଡକ୍ଟର, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ସହରୀ ବିକାଶ ଏବଂ କୃଷି ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଗୁଡ଼ିକରେ ସଂଗଠିତ ଭାବେ କାର୍ଯ୍ୟ କରିବେ । ଏହି ଭାଗିଦାରୀ ମାଧ୍ୟମରେ ନୂତନତା, ଗବେଷଣା ଏବଂ ଜ୍ଞାନର ଆଦାନପ୍ରଦାନ ପାଇଁ ନୂତନ ମାର୍ଗ ପ୍ରଶସ୍ତ ହେବ, ଯାହା ଶିକ୍ଷା କ୍ଷେତ୍ରରେ ଏକ ଉତ୍ତମ ପରିବେଶ ସୃଷ୍ଟି କରିବ। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହି ମିଳିତ ପ୍ରୟାସ ଦୁଇ ଦେଶର ଶିକ୍ଷା ବ୍ୟବସ୍ଥାକୁ ଆନ୍ତର୍ଜାତୀୟ ସ୍ତରରେ ଯୋଡ଼ିବା ସହ ଏକ ଭବିଷ୍ୟତ ଗଠନ କରିବା



ଦିଗରେ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଉଚ୍ଚଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଭାରତ ଓ ନେଦରଲ୍ୟାଣ୍ଡ ମଧ୍ୟରେ ସହଯୋଗର ଏକ ନୂତନ ଅଧ୍ୟାୟ ଆରମ୍ଭ କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି ।

## ଅପରେସନ ସିନ୍ଦୂରକୁ ବର୍ଷେ

### ସେନାର ଅତୁଳନୀୟ ସାହସକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା




ନୂଆଦିଲ୍ଲୀ,୭।୫: 'ଅପରେସନ ସିନ୍ଦୂର'କୁ ବର୍ଷେ ପୂରଣ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ତାଙ୍କ ଆକାଉଣ୍ଟର ଡିସପ୍ଲେ ଫଟୋରେ ଏହାର ଏକ ଫଟୋକୁ ସ୍ଥାନିତ କରିଛନ୍ତି। ଏହାସହିତ ଜାତୀୟ ପତାକା ମଧ୍ୟ ରଖିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି 'ଏକ୍ସ'ରେ ତାଙ୍କ ବାର୍ତ୍ତାରେ ଭାରତୀୟ ସେନାବାହିନୀକୁ ଏହାର ଅତୁଳନୀୟ ସାହସ ପାଇଁ ପ୍ରଶଂସା କରିଛନ୍ତି। ପହଲଗାମରେ ନିରୀହ ଭାରତୀୟଙ୍କ ଉପରେ ହୋଇଥିବା ବର୍ବରତାର ଉଚିତ ଜବାବ ଦେଇଛନ୍ତି। ପୂରା ଦେଶ ଆମ ସୈନ୍ୟଙ୍କ ଅଦମ୍ୟ ସାହସକୁ ପ୍ରଶଂସା କରୁଛି ବୋଲି କହିଛନ୍ତି। ଅପରେସନ ସିନ୍ଦୂର ଆତଙ୍କବାଦ ବିରୋଧରେ ଭାରତର ଦୃଢ଼ ଜବାବ ଓ ଜାତୀୟ ସୁରକ୍ଷା ରକ୍ଷା କରିବାକୁ ଅଟଳ ପ୍ରତିବଦ୍ଧତାକୁ ସୂଚାଉଛି। ଆତଙ୍କବାଦକୁ ପରାସ୍ତ କରିବା ଓ ଏହାର ସମସ୍ତ ନେଟୱର୍କୁ ନଷ୍ଟ କରିବାକୁ ଆମେ ଦୃଢ ପ୍ରତିଶ୍ରୁତିବଦ୍ଧ ଅଛୁ ବୋଲି ବାର୍ତ୍ତା ଦେଇଛନ୍ତି। ଭାରତୀୟ ବାୟୁସେନା ମଧ୍ୟ ଗତବର୍ଷ ପାକିସ୍ତାନରେ କିପରି ଆତଙ୍କବାଦୀ ଭିତ୍ତିଭୂମି ଧ୍ୱଂସ କରିଥିଲା ତାହାର ଏକ ଭିଡିଓ କ୍ଲିପ୍ ମଧ୍ୟ ସେୟାର କରିଛି। ୨୦୨୫ ଏପ୍ରିଲ ୨୨ ତାରିଖରେ ପହଲଗାମରେ ୨୬ ପର୍ଯ୍ୟଟକଙ୍କୁ ଆତଙ୍କବାଦୀ ଧର୍ମ ପଚାରି ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଏହାର ଜବାବରେ ଭାରତ ପକ୍ଷରୁ ସେହିବର୍ଷ ମେ ମାସ ୭ ତାରିଖ ଅପରେସନ ସିନ୍ଦୂର ଆରମ୍ଭ କରାଯାଇଥିଲା। ଭାରତୀୟ ବାୟୁସେନା ପାକିସ୍ତାନ ଓ ପାକ୍ ଅଧିକୃତ କାଶ୍ମୀରରେ ୯ଟି ଆତଙ୍କବାଦୀ ଶିବିର ଉପରେ ଆକ୍ରମଣ କରି ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀଙ୍କୁ ନିପାତ କରିଥିଲେ।

## ସରିନି 'ଅପରେସନ ସିନ୍ଦୂର': ରାଜୀବ ଘାଇ

ନୂଆଦିଲ୍ଲୀ,୭।୫: ଅପରେସନ ସିନ୍ଦୂର ବର୍ଷ ପୂର୍ତ୍ତି ଅବସରରେ ସଫଳତାର କାହାଣୀ । ସଫଳତାର ସ୍ମୃତି ମନେ ପକାଇଲେ ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ। ପାକିସ୍ତାନ ବିପକ୍ଷରେ ସେନା ହାସଲ କରିଥିବା ସଫଳତା କହିଲେ। ୩ ବାହିନୀ ମଧ୍ୟରେ ସମନ୍ୱୟରୁ ବଡ ସଫଳତା ମିଳିଲା। ଅପରେସନ ସିନ୍ଦୂର ଏବେ ବି ସରି ନାହିଁ କହିଛନ୍ତି, ରାଜୀବ ଘାଇ । ଆତଙ୍କବାଦ ବିରୋଧରେ ଲଢେଇ ଶେଷ ହୋଇ ନାହିଁ । ପହଲଗାମ ଆତଙ୍କୀ ଆକ୍ରମଣର ସଠିକ ଜବାବ ଦିଆଯାଇଥିଲା । ଯେଉଁମାନେ ଆକ୍ରମଣ କରିଥିଲେ, କେବଳ ସେମାନଙ୍କୁ ଟାର୍ଗେଟ କରିଥିଲୁ। ସଫଳତାର ସହ ଶତ୍ରୁ ଦେଶର ଟାର୍ଗେଟ ହିଟ କରିପାରିଥିଲୁ ।

## ଔଷଧ ପାଇଁ ପାକିସ୍ତାନରେ ହାହାକାର

ନୂଆଦିଲ୍ଲୀ, ୭।୫: କାଙ୍ଗାଳ ପାକିସ୍ତାନର ସ୍ଥିତି ଏବେ ଦିନକୁ ଦିନ ଅଧିକ ସଂଗୀନ ହେବାରେ ଲାଗିଛି । ପୂର୍ବରୁ ଆର୍ଥିକ ସଙ୍କଟ ଓ ଋଣ ଭାରରେ ବୁଡ଼ି ରହିଥିବା ପାକିସ୍ତାନରେ ଏବେ ଖାଦ୍ୟାଭାବ ପରେ ଔଷଧର ଭୟଙ୍କର ଅଭାବ ଦେଖାଦେଇଛି । ପରିସ୍ଥିତି ଏପରି ହୋଇଛି ଯେ, ହସ୍ପିଟାଲରେ ରୋଗୀଙ୍କୁ ଚିକିତ୍ସା ମିଳିବା କଷ୍ଟକର ହୋଇପଡ଼ିଛି । ମଧ୍ୟ-ପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଏବଂ ଆମେରିକା-ଇରାନ ମଧ୍ୟରେ ଉତ୍ତେଜନା ପାକିସ୍ତାନ ଅର୍ଥନୀତିର ଅଣ୍ଟା ଭାଙ୍ଗି ଦେଇଛି । ମଧ୍ୟ-ପ୍ରାଚ୍ୟ ଯୁଦ୍ଧ ଯୋଗୁଁ ବିଶ୍ୱସ୍ତରୀୟ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହୋଇଛି । ଫଳରେ ପାକିସ୍ତାନରେ ଔଷଧ ସଙ୍କଟ ଉତ୍କଟ ରୂପ ଧାରଣ କରିଛି । ଲାହୋର, କରାଚି ଏବଂ ପେଶାୱାର ଭଳି ବଡ଼ ବଡ଼ ସହରର ସରକାରୀ ହସ୍ପିଟାଲ ଗୁଡ଼ିକରେ ଜୀବନ ରକ୍ଷାକାରୀ ଔଷଧର ଘୋର ଅଭାବ ଦେଖାଦେଇଛି । ଔଷଧ ପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଦ୍ୱାର ଦ୍ୱାର ବୁଲୁଥିଲେ ମଧ୍ୟ ସେମାନଙ୍କୁ ନିରାଶ ହେବାକୁ ପଡୁଛି । ୨୦୨୪ରେ ଜରୁରୀ ଔଷଧର ମୂଲ୍ୟରେ ୫୦% ବୃଦ୍ଧି ହୋଇଥିବା ବେଳେ ୨୦୨୫ରେ ପୁଣି ୩୦-୪୦% ମୂଲ୍ୟ ବୃଦ୍ଧି ହୋଇଛି। ସେହିପରି ୨୦୨୬ରେ ମଧ୍ୟ-ପ୍ରାଚ୍ୟ ସଙ୍କଟ ଯୋଗୁଁ ଦରଦାମ ଆକାଶଛୁଆଁ ହୋଇଛି।

# ଲଣ୍ଡନ ଓ ନ୍ୟୁୟର୍କ ଠୁ ଭଲ ଦିଲ୍ଲୀ ଟ୍ରାଫିକ



ନୂଆଦିଲ୍ଲୀ,୭।୫: ଲଣ୍ଡନ ଓ ନ୍ୟୁୟର୍କ ଠୁ ବି ଦ୍ରୁତ ଟ୍ରାଫିକ ନୂଆଦିଲ୍ଲୀର। ହୁଏତ ଏହା ଶୁଣିବାକୁ ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗିପାରେ ହେଲେ ଏକ ଅଧ୍ୟୟନ ଏହା ସ୍ପଷ୍ଟ କରିଦେଇଛି। ହୁଏତ ଦିଲ୍ଲୀ ସଡକରେ ଚାଲୁଥିବା ଲୋକଙ୍କୁ ଏହା ଲାଗିପାରେ ଯେ ସେମାନଙ୍କ ଜୀବନର ଅନେକ ଘଣ୍ଟା ଟ୍ରାଫିକ ଜାମରେ କଟି ଯାଉଛି, ହେଲେ ଅଧ୍ୟୟନରୁ ଦିଲ୍ଲୀ ଟ୍ରାଫିକ ପରିସ୍ଥିତି ଆମେରିକା ଓ ବ୍ରିଟେନର ବଡ଼ ସହରାଞ୍ଚଳ ତୁଳନାରେ ବେଶ୍ ଭଲ। କେବଳ ଆମେରିକା କି ବ୍ରିଟେନ ନୁହେଁ ଆମ ଦେଶର ବଡ଼ ସହରାଞ୍ଚଳର ଟ୍ରାଫିକ ଠାରୁ ମଧ୍ୟ ଦିଲ୍ଲୀ ଟ୍ରାଫିକ୍ ବେଶ୍ ଭଲ ବୋଲି ଏହି ଅଧ୍ୟୟନରୁ ସ୍ପଷ୍ଟ ହୋଇଛି। ଅଧ୍ୟୟନ କୁହେ ଲଣ୍ଡନ ସଡ଼କରେ ଚାଲୁଥିବା ବାହନଙ୍କ ଏଭରେଜ ସ୍ପିଡ୍ ଘଣ୍ଟା ପ୍ରତି ୧୬.୫ କିଲୋମିଟର। ନ୍ୟୁୟର୍କରେ ଏହି ବେଗ ପ୍ରତି ଘଣ୍ଟା ୧୯ କିଲୋମିଟର। ଏହି ଦୁଇ ସହରଙ୍କ ସହ ଯଦି ଦିଲ୍ଲୀକୁ ତୁଳନା କରାଯାଏ ତେବେ ଏଠାରେ ବାହନଙ୍କ ଘଣ୍ଟାପ୍ରତି ବେଗ ୨୫ କିଲୋମିଟର । ଏଥିରେ ଯଦି ବିଶ୍ୱର ବଡ଼ ଦେଶଙ୍କ କଥା କୁହାଯାଏ ଆମ ରାଜଧାନୀ ଦିଲ୍ଲୀ ଦ୍ୱିତୀୟ ସ୍ଥାନରେ ଆସୁଛି। କାରଣ ଅଷ୍ଟ୍ରେଲିଆର ମେଲବର୍ଣ୍ଣ ସହରର ଟ୍ରାଫିକ ପ୍ରଥମ ସ୍ଥାନରେ ରହିଛି। ଏଠାରେ ବାହନଙ୍କ ଘଣ୍ଟାପ୍ରତି ବେଗ ୨୬ କିଲୋମିଟର। ଯଦି ଆମେ ଭାବୁଥାଏ ଆମ ଜୀବନର ଅଧିକାଂଶ ସମୟ ଟ୍ରାଫିକ ଜାମରେ ବିତି ଯାଉଛି ତେବେ ଏଥିରେ କୌଣସି ଭୁଲ ନାହିଁ। କାରଣ ପୂରା ବର୍ଷର କଥା କହିଲେ ଦିଲ୍ଲୀବାସୀଙ୍କର ୧୦୪ ଘଣ୍ଟା ଟ୍ରାଫିକରେ ନଷ୍ଟ ହେଉଛି। ଯଦି ଏହି ଘଣ୍ଟାକୁ ଦିନରେ ବଦଳାଇ ଦିଆଯାଏ ତେବେ ପ୍ରତି ବ୍ୟକ୍ତି ବାର୍ଷିକ ୪ ଦିନ ରେଡ ସିଗ୍ନାଲ ଓ ଟ୍ରାଫିକରେ ଗାଡ଼ି ଗଡ଼େଇ ଗଡ଼େଇ କଟେଇ ଦେଉଛନ୍ତି। ହେଲେ ଲଣ୍ଡନ ଓ ନ୍ୟୁୟର୍କ ସହରଠାରୁ ଏହା ନିଶ୍ଚିତ ଭଲ। ନ୍ୟୁୟର୍କରେ ଲୋକେ ଟ୍ରାଫିକରେ ଫଶିବା ଯୋଗୁ ବାର୍ଷିକ ୧୨୫ ଘଣ୍ଟା ନଷ୍ଟ କରୁଥିବା ବେଳେ ଲଣ୍ଡନରେ ଏହା ୧୬୫ ଘଣ୍ଟା। ତେବେ କେବଳ ଲଣ୍ଡନ କି ଦିଲ୍ଲୀ ନୁହେଁ ଭାରତର ଅନ୍ୟ ବଡ଼ ସହରାଞ୍ଚଳ ଟ୍ରାଫିକ ତୁଳନାରେ ଦିଲ୍ଲୀ ଟ୍ରାଫିକ ଅନେକ ଗୁଣାରେ ଭଲ। ଭାରତରେ ଦିଲ୍ଲୀ ବ୍ୟତୀତ ମୁମ୍ବାଇ, ବେଙ୍ଗାଲୁରୁ ଓ ହାଇଦ୍ରାବାଦରେ ମଧ୍ୟ ଲୋକେ ଟ୍ରାଫିକ୍ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମୁମ୍ବାଇ ସହରର ସଡକମାନଙ୍କରେ ଚାଲୁଥିବା ବାହନଙ୍କ ଏଭରେଜ ବେଗ ଘଣ୍ଟାପ୍ରତି ୨୦.୮ କିଲୋମିଟର ରହୁଥିବା ବେଳେ ବେଙ୍ଗାଲୁରୁ ସଡ଼କରେ ଗାଡ଼ିମାନଙ୍କ ବେଗ ୧୬.୬ କିଲୋମିଟର, ଯାହା ଲଣ୍ଡନ ଓ ନ୍ୟୁୟର୍କ ସଡକ ସହ ସମାନ। ଏଣୁ ଭାରତୀୟ ସଡକ ଓ ଟ୍ରାଫିକ ବ୍ୟବସ୍ଥା ଅନୁସାରେ ଦେଖିଲେ ଦିଲ୍ଲୀ ଟ୍ରାଫିକ ମୁମ୍ବାଇ, ବେଙ୍ଗାଲୁରୁ ଓ ହାଇଦ୍ରାବାଦଠୁ ବି ଭଲ।

### ବ୍ୟାଙ୍କରୁ କୋଟି କୋଟି ଟଙ୍କା ଠକେଇ

# ଠକ ଦମ୍ପତିଙ୍କୁ ବାନ୍ଧିଲା ଭିଜିଲାନ୍ସ



ଭୁବନେଶ୍ୱର(ନିପ୍ର): ବ୍ୟାଙ୍କରୁ ଠକେଇ କରିଥିଲେ କୋଟି କୋଟି ଟଙ୍କା ଦମ୍ପତି । ଆଉ ଦୁହେଁ, ସ୍ୱାମୀ ସ୍ତ୍ରୀ ନୁହଁନ୍ତି, ହେଲେ ସ୍ୱାମୀ ସ୍ତ୍ରୀର ପରିଚୟ ଦେଇ ଲିଭଇନରେ ରହୁଥିଲେ । ଆଉ ବଡ ବଡ ଲୋକଙ୍କୁ ଟଙ୍କା ଲୋଭ ଦେଖାଇ କୋଟି କୋଟି ଟଙ୍କା ଠକି ନେଉଥିଲେ । ଆଉ ବଡ ଠକେଇ କରିବା ପାଇଁ ଜଣେ ବ୍ୟାଙ୍କ୍ ମ୍ୟାନେଜରଙ୍କ ସହ ମିଶି କରିଲେ ବ୍ଲୁପ୍ରିଣ୍ଟ । ପରେ ଯୋଜନା କରି ଚାଷୀଙ୍କ ଜମା ଟଙ୍କା କରିଥିଲେ ହଡପ । ଠକେଇ ନେଇ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ଲିଭ-ଇନ୍ ଦମ୍ପତିଙ୍କୁ ଗୁରୁବାର ଦିନ କାବୁ କରିଛି ଭୁବନେଶ୍ୱର ଭିଜିଲାନ୍ସ ଟିମ୍ । ମାଲକାନଗିରି ସେଣ୍ଟ୍ରାଲ କୋଓପରେଟିଭ ବ୍ୟାଙ୍କ ଠକେଇ ଘଟଣାରେ ଭୁବନେଶ୍ୱରରୁ ଦୁଇଜଣଙ୍କୁ ଗିରଫ କରିଛି ଭିଜିଲାନ୍ସ । ଗିରଫ ହୋଇଥିବା ଠକ ନକଲି ଦମ୍ପତି ହେଉଛନ୍ତି ନିବେଦିତା ତରାଇ ଏବଂ ତାଙ୍କ ବୟଫ୍ରେଣ୍ଡ ନୃସିଂହ ଖମାରୀ । ଦୁହିଁଙ୍କଠାରୁ ଭିଜିଲାନ୍ସ ଟିମ୍ ୩୦ଲକ୍ଷ ଟଙ୍କାର ସୁନାଗହଣା, ଟଙ୍କା ସହ ବହୁ ମୂଲ୍ୟବାନ ଜିନିଷପତ୍ର ଜବତ କରିଛି । ସୂଚନାଯୋଗ୍ୟ ଯେ, ନିବେଦିତା ତରାଇ ଏବଂ ତାଙ୍କ ବୟଫ୍ରେଣ୍ଡ ନୃସିଂହ ହେଉଛନ୍ତି ପେଶାଦାର ଠକ । ସେମାନେ ପୂର୍ବରୁ ଅନେକ ଠକେଇର ଜଡିତ ଅଛନ୍ତି। ଏହି ଠକେଇ କ୍ରମେ ନିବେଦିତା ଏକ ଫେକ୍ ଫେସବୁକ୍ ଆଇଡି ଖୋଲି ମାଲକାନଗିରି କୋ- ଅପରେଟିଭ ବ୍ୟାଙ୍କ ମ୍ୟାନେଜର ସୁଧାଶୁ ଖରାଙ୍କ ସହ ଯୋଗାଯୋଗରେ ଆସିଥିଲେ । ଏହାପରେ ତିନି ଜଣ ଯାକ କେସିସି ବ୍ୟାଙ୍କରୁ ଡିପୋଜିଟ ପାଇଁ ଆସିଥିବା ପ୍ରାୟ ୧.୮ କୋଟି ଟଙ୍କା ଚଲୁ କରିଥିଲେ । ଠକେଇ ସମ୍ପର୍କରେ ଜାଣିପାରି ଭିଜିଲାନ୍ସରେ ଅଭିଯୋଗ କରାଯାଇଥିଲା । ତଦନ୍ତ କ୍ରମେ ମ୍ୟାନେଜର ସୁଧାଂଶୁ ଖରାଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ଏହି ଠକ ଯୋଡିଙ୍କ ବିଷୟରେ ଜାଣିବାକୁ ପାଇଥିଲା ଭିଜିଲାନ୍ସ । ଶେଷରେ ଭିଜିଲାନ୍ସ ବିଭାଗ ତଦନ୍ତ କରି ନିବେଦିତା ତରାଇ ଓ ତା'ର ବୟଫ୍ରେଣ୍ଡ ନୃସିଂହ ଖମାରୀଙ୍କୁ ଗିରଫ କରିଛି । ଏମାନଙ୍କ ଘରୁ ୩୩ଟି ମୋବାଇଲ ଜବତ କରାଯାଇଛି। ଯେଉଁଥିରୁ ୨୩ ଗୋଟି ମୋବାଇଲକୁ ଭଙ୍ଗିଦିଆଯାଇଛି । ସେହିଭଳି ଡ୍ରେନ, ଏସଏଲଆର କ୍ୟାମେରା, ଆଠୋଟି ଦାମୀ ଘଣ୍ଟା ସହ ତିନୋଟି କାର, ଦୁଇଟି ସ୍ପିଡ ବାଇକ ଓ ଦୁଇଟି ସ୍କୁଟି ଜବତ କରିଛି ଭିଜିଲାନ୍ସ । ସୁଶ୍ରୀ ଓ ନୃସିଂହ ନାଁରେ ବିଭିନ୍ନ ବ୍ୟାଙ୍କରେ ରହିଥିବା ୨୫ ଆକାଉଣ୍ଟକୁ ଠାବ କରିଛି ଭିଜିଲାନ୍ସ । ଏମାନଙ୍କ ଆକାଉଣ୍ଟକୁ କେସିସି ବ୍ୟାଙ୍କ ମ୍ୟାନେଜର ୧ କୋଟି ୮ ଲକ୍ଷ ଟଙ୍କା ପଠାଇଥିବା ପ୍ରମାଣ ପାଇଛି ଭିଜିଲାନ୍ସ । ଯେଉଁଥିରୁ ସୁଶ୍ରୀ ଆକାଉଣ୍ଟକୁ ୬୩ ଲକ୍ଷ ଟଙ୍କା ଆସିଥିଲା । ତେବେ କେବଳ କେସିସି ନୁହେଁ ଏହି ଦୁଇ ଅଭିଯୁକ୍ତ ବାଙ୍ଗାଲୋରରେ ମଧ୍ୟ ୧୪ ଲକ୍ଷ ଟଙ୍କା ଠକେଇ କରିଥିବା କଥା ସାମ୍ନାକୁ ଆସିଛି । ସେହିଭଳି ଜଗତସିଂପୁର ଅଞ୍ଚଳରୁ ୩୦ ଲକ୍ଷ ଟଙ୍କା ଠକେଇ କରି ଫେରାର ଥିଲେ ଦୁଇ ଅଭିଯୁକ୍ତ।

## ମହାବୀର ଗାଲାକ୍ସିରେ ଚାଲିଥିଲା ଜୁଆଆଡ୍ଡା: ୧୯ ଲକ୍ଷ ଟଙ୍କା ଜବତ ୧୩ ଗିରଫ



କଟକ(ନିପ୍ର): କଟକ ଦୋଳମୁଣ୍ଡାଇ ବଜ୍ରକବାଟି ରୋଡ୍‌ସ୍ଥିତ ହୋଟେଲ ମହାବୀର ଗାଲାକ୍ସିରେ ବଡ଼ ଧରଣର ଜୁଆ ଆଡ୍ଡା ଚାଲିଥିବା ନେଇ ପୋଲିସକୁ ଖବର ମିଳିଥିଲା । ଏଥିପାଇଁ ଏସିପି ଅନନ୍ୟା ଆଶ୍ୱସ୍ତି, ଅରୁଣ କୁମାର ସ୍ୱାଇଁ, ଇନସ୍ପେକଟର ଉମାକାନ୍ତ ସାହୁ ଓ ଜଗନ୍ନାଥ ସାହୁଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇଥିଲା । ବୁଧବାର ବିଳମ୍ବିତ ରାତିରେ କମିଶନରେଟ୍ ପୁଲିସ୍‌ର ଏକ ଟିମ୍ ଏହି ହୋଟେଲରେ ଚଢାଉ କରି ଜୁଆ ଆଡ୍ଡା ମାଲିକ କ୍ରିଷ୍ଣା ରାଓ ସମେତ ୧୩ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ପ୍ରାୟ ୧୯ଲକ୍ଷ ଟଙ୍କା, ୧୪ଟି ମୋବାଇଲ୍ ଫୋନ୍, ୧୦ଟି ଗାଡ଼ି ଚାବି, ୮ଟି ଗାଡି, ୬୦ଟି ଟୋକନ, ୪ଟି ଗାଡି ଆଦି ଜବତ କରିଛି । ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ କଟକ ମଙ୍ଗଳବାଗ ମାଛୁଆ ବଜାରର ହେମନ୍ତ କାହାଳୀ (୪୪) ଓ ଚିଣ୍ଟୁ ଦଳେଇ (୩୦), ରାଣୀହାଟ ତେଲିସାହିର ତପନ ସେଠୀ (୪୬), କଟକ କଲେଜ ଛକ ଦାସସାହିର ଅଜିତ ଓଝା (୩୫), ବ୍ରହ୍ମପୁର କାଳୁପାତ୍ର ସାହିର ଶ୍ୟାମ ସୁନ୍ଦର ସାହୁ (୩୯), କଟକ କଲେଜ ଛକ କେନାଲ ରୋଡ଼ର କିଷ୍ଟା ରାଓ (୪୮), ବ୍ରହ୍ମପୁର ବଡ଼ବଜାରର ଏ ସନ୍ତୋଷ କୁମାର (୩୨), ଭଦ୍ରକ ପୁରୁଣାବଜାରର ରାମଚନ୍ଦ୍ର ବେହେରା, ଭଦ୍ରକ ମାଧବନଗରର ମନୋଜ କୁମାର ମହାନ୍ତି (୩୫), କଟକ ଚାଉଳିଆଗଞ୍ଜ ରଥ ଲେନ୍‌ର ରଘୁନାଥ ସାହୁ (୬୧), ଖୋର୍ଦ୍ଧା ଜଟଣୀ ଦେଉଳବସ୍ତର ମହେଶ୍ୱର ସାନ୍ତା (୪୦), କଟକ ଶିଖରପୁର ଉପରସାହିର ଯୋଗେଶ୍ୱର ରାଓ (୪୯), ପୁରୀ ଦୋଳଗୋବିନ୍ଦପୁରର ଜଗବନ୍ଧୁ ବେହେରା ଓରଫ ଟୁଲୁ (୩୬) । ଅଭିଯୁକ୍ତମାନଙ୍କୁ ଗିରଫକରି କୋର୍ଟ ଚାଲାଣ କରିବା ସହ ପୁଲିସ୍ ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି ।

## ନିଟ୍ ପରୀକ୍ଷା ଦେଇ ଆତ୍ମହତ୍ୟା କଲେ ଛାତ୍ର

ଭଦ୍ରକ(ନିପ୍ର): ନିଟ ପରୀକ୍ଷାରେ ଖରାପ ରେଜଲ୍ଟ ହେବା ନେଇ ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଲେ ଯୁବକ ଜ୍ୟୋତି ପ୍ରକାଶ ବାରିକ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ତିହିଡି ନୁନ୍ଦର ଗାଁରେ । ସୂଚନା ଅନୁଯାୟୀ ଧୁଷୁରୀ ଥାନା ଅଧିନସ୍ଥ ନୁନ୍ଦର ଗ୍ରାମର ଘଟିଛି ଘଟଣା । ବାପ ଚା' ଦୋକାନକୁ ମାଆ ଯାଇଥିବା ବେଳେ ଘରେ କେହି ନ ଥିବାର ସୁଯୋଗ ନେଇ ଏହି ଆତ୍ମହତ୍ୟା କରିଛନ୍ତି ଯୁବକ ଜଣକ । ସୂଚନା ଅନୁଯାୟୀ ଭଦ୍ରକ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଚା' ଦୋକାନ କରିଥିବା ଗିରିଧାରୀ ବାରିକଙ୍କ ପୁଅ ଜ୍ୟୋତି ପ୍ରକାଶକୁ ମଣିଷ କରିବାକୁ ଆଶା ରଖିଥିବା ପୁଅ ଆଜି ଆତ୍ମହତ୍ୟା କରିଛି । ପୂର୍ବରୁ ଜ୍ୟୋତି ଥରେ ନିଟ ପରୀକ୍ଷା ଦେଇଥିବା ବେଳେ ରେଜେଲ୍ଟ ଖରାପ ହେବା ପରେ ପୁଣି ଦେଇଥିଲେ ନିଟ ପରୀକ୍ଷା । ହେଲେ ନିଜ ମୋବାଇଲରେ ଖରାପ ମାର୍କ ରହିବ ବୋଲି ଜାଣିବା ପରେ ଆଜି ଘରେ କେହି ନଥିବା ବେଳେ ଫ୍ୟାନରେ ରସି ଦେଇ ଆତ୍ମହତ୍ୟା କରିଛନ୍ତି ।

## ପତ୍ନୀଙ୍କୁ କାଠଫାଳିଆରେ ପିଟି ହତ୍ୟା

ଓଡ଼ଗାଁ: ଦିନରେ ହୋଇଥିଲା ଚିକେନ୍ ତରକାରି । ରାତିରେ ଆଣିଥିଲେ କଇଁଛ । ତାକୁ କାଟି ମାଂସ ରାନ୍ଧିବାକୁ ରାଜି ହେଲେନି ବୋଲି ପତ୍ନୀଙ୍କୁ କାଠ ଫାଳିଆରେ ପିଟି ହତ୍ୟା କରିଛି ନିଶାସକ୍ତ ସ୍ୱାମୀ। ଏପରି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ କୋମଣ୍ଡ ହରିଜନସାହିରେ। ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି ପୁଲିସ। ପୁଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଜଲୁ ନାୟକ (୩୦) ନିଶାସକ୍ତ ଅବସ୍ଥାରେ ଏକ କଇଁଛ ଧରି ଘରକୁ ଆସିଥିଲା। ତାକୁ କାଟି ରୋଷେଇ କରିବାକୁ ସ୍ତ୍ରୀ ମାମା ନାୟକଙ୍କୁ କହିଥିଲା। ଦିନ ବେଳା ଘରେ ଚିକେନ୍ ହୋଇଥିବାରୁ ରାତିରେ ଆଉ ଆମିଷ ରୋଷେଇ କରିବେ ନାହିଁ ବୋଲି ମାମା ମନା କରିଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଜଲୁ ଏକ କାଠଫାଳିଆରେ ମାମାଙ୍କ ମୁଣ୍ଡକୁ ଶକ୍ତ ପାହାର ପକାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ଘଟଣାସ୍ଥଳରେ ପଡ଼ି ଯାଇଥିଲେ। ରାତିରେ ବର୍ଷା ହେଉଥିବାରୁ ଘଟଣା ସଂପର୍କରେ କେହି କିଛି ଜାଣିପାରି ନଥିଲେ। ଜଲୁଙ୍କ ବାପା, ମା' ଏ ସଂପର୍କରେ ଜାଣିବା ପରେ ମାମାଙ୍କୁ ଓଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ଖବରପାଇ ମାମାଙ୍କ ବାପା ସିଙ୍ଗାରପଲ୍ଲୀ ପଞ୍ଚାୟତ ବନ୍ତଳା ଗ୍ରାମର ବିପିନ ନାୟକ ଓଡ଼ଗାଁ ଥାନାରେ ପହଞ୍ଚି ଝିଅ ମାମାକୁ ତା' ସ୍ୱାମୀ ମାରି ଦେଇଥିବା ଲିଖିତ ଅଭିଯୋଗ କରିଥିଲେ।

## ମଇ ୯ ତାରିଖରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ : କଟକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ୍ ଆଇନ ସେବା କମିଟି ପରିସରରେ ଆସନ୍ତା ୯ ତାରିଖ ଶନିବାର ପୂର୍ବାହ୍ନ ୧୦ଘଟିକା ସମୟରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରଧୀନ ମକଦ୍ଦମା ଯଥା ସମାଧାନଯୋଗ୍ୟ ଟ୍ରାଫିକ୍ ଚାଲାଣ, ଦୋଷ ସ୍ୱୀକାର ବୁଝାମଣା, ମୋଟରଯାନ ଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ, ଚେକ୍ ବାଉନ୍ସ, ଦେୱାନୀ ଓ ଫୌଜଦାରୀ ଆଦି ମାମଲାର ଆପୋଷ ସହମତିରେ ସମାଧାନ କରାଯାଇପାରିବ । ଲୋକ ଅଦାଲତରେ ମକଦ୍ଦମା/ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୂଡାନ୍ତ ଏବଂ ଅମଳଯୋଗ୍ୟ।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଟାଙ୍ଗୋଳ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ସର୍ପାଘାତରେ ଜଣେ ୨୯ ବର୍ଷୀୟା ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ଉକ୍ତ ଗ୍ରାମର ମାନଗୋବିନ୍ଦ ପରମାଣିକଙ୍କ ପତ୍ନୀ ପୂଜାସଜଫୁଲ ପରମାଣିକ। ସୂଚନା ଅନୁଯାୟୀ, ଗତକାଲି ସକାଳ ସମୟରେ ପୂଜାସଜଫୁଲ ଚା' କରିବା ପାଇଁ ରୋଷେଇ ଘରକୁ ଯାଇଥିଲେ। ସେଠାରେ ଚୁଲି ଜାଳେଣି ପାଇଁ ରଖାଯାଇଥିବା କାଠ ନିକଟରେ ପୂର୍ବରୁ ଲୁଚି ରହିଥିବା ଏକ ବିଷଧର ସାପ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଗୁରୁତର ଅବସ୍ଥାରେ ପ୍ରଥମେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ପୋଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମୃତ ମହିଳାଙ୍କର ଏକ ଶିଶୁ ପୁତ୍ର ଓ କନ୍ୟା ସନ୍ତାନ ଥିବା ଜଣାପଡ଼ିଛି। ଜଣେ କର୍ମଠ ମହିଳାଙ୍କ ଏଭଳି ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଗର୍ଭବତୀ ଭାଉଜଙ୍କୁ ନିର୍ମମ ହତ୍ୟା ଘଟଣା: ଦିଅର ଓ ସହଯୋଗୀ ଗିରଫ

ହିଞ୍ଜିଳିକାଟୁ(ନିପ୍ର): ହିଞ୍ଜିଳି ଥାନା ଖରିଡା ଗ୍ରାମରେ ସ୍ୱାମୀ ଘର ବାରଣ୍ଡାରେ ସ୍ତ୍ରୀର ଅଧିକାର ଓ ନ୍ୟାୟ ଦାବିରେ ଧାରଣା ଦେଇଥିବା ଜଣେ ଗର୍ଭବତୀ ମହିଳାଙ୍କୁ ତାଙ୍କ ନାବାଳକ ଦିଅର ଓ ଜଣେ ସହଯୋଗୀ ମିଶି ଅତି ନିର୍ଦ୍ଦୟ ଭାବେ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଏହି ନିର୍ମମ ହତ୍ୟାର ଶୀକାର ହୋଇଥିବା ମହିଳା ଜଣଙ୍କ ହେଲେ ଗଞ୍ଜାମ ଥାନା ଅଗସ୍ତି ନୂଆଗାଁର ପୂଜା ସ୍ୱାଇଁ (୨୧) । ସଂପୃକ୍ତ ହତ୍ୟା ଘଟଣାରେ ହିଞ୍ଜିଳି ପୁଲିସ କେସ ନଂ -୨୯୭/୨୬ ରେ ଏକ ମାମଲା ରୁଜୁ କରି ହତ୍ୟାକାରୀ ନାବାଳକ ଦିଅର ଓ ଜଣେ ସହଯୋଗୀ ନାବାଳକଙ୍କୁ ଗିରଫ କରିଛି। ଗିରଫ ପରେ ବୁଧବାର ଉଭୟଙ୍କୁ ବ୍ରହ୍ମପୁର ବାଳ ସୁଧାର ଗୃହକୁ ପଠାଯାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି। ଏହି ସ୍ପର୍ଶକାତର ଘଟଣାରେ ଗଭୀର ଦୁଃଖ ଓ ଉଦବେଗ ପ୍ରକାଶ କରି ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିରୋଧୀ ଦଳ ନେତା ତଥା ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକ ପତ୍ର ଲେଖି ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ନିଷ୍ପାପ ଶିଶୁକନ୍ୟାର ପୁନର୍ବାସ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ହିଞ୍ଜିଳି ପୁଲିସର ପ୍ରତିରୋଧ ମୂଳକ ପଦକ୍ଷେପ ଗ୍ରହଣ କରିବାରେ କୋହଳ ନୀତି ଓ ଏଥିପାଇଁ ଏକ ବେସାହାରା ଗର୍ଭବତୀ ମହିଳାଙ୍କ ଅକାଳରେ ଜୀବନ ଚାଲିଯିବା ଓ ତିନି ବର୍ଷର ନିଷ୍ପାପ ଶିଶୁକନ୍ୟାର ଭବିଷ୍ୟତକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପୁଲିସର ଭୂମିକାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ମଧ୍ୟ ନକାରାତ୍ମକ ପ୍ରତିକ୍ରିୟା ଓ ଅସନ୍ତୋଷ ସୃଷ୍ଟି ହୋଇଛି। ପ୍ରକାଶ ଯେ, ଗତ ଅଢ଼େଇ ବର୍ଷ ପୂର୍ବେ ହିଞ୍ଜିଳି ଥାନା ଖରିଡା ଗ୍ରାମର ଚିଣ୍ଟୁ ଗୌଡ (୨୪) ଅଗସ୍ତି ନୂଆଗାଁର ପୂଜା ସହ ସାମାଜିକ ଗଣମାଧ୍ୟମରେ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ସମ୍ପର୍କ ନିବିଡ ହେବା ପରେ ଚିଣ୍ଟୁ ପୂଜାଙ୍କୁ ନେଇ ସୁରଟ ଚାଲି ଯାଇଥିଲା। ପରବର୍ତ୍ତୀ ସମୟରେ ପୁରୀ ଜିଲ୍ଲା ଡେଲାଙ୍ଗର ଏକ ଶିବ ମନ୍ଦିରରେ ବିବାହ କରିଥିଲେ। ଗତ ୧୮ ତାରିଖରେ ଚିଣ୍ଟୁ ଗ୍ରାମକୁ ଯିବାକୁ କହି ବ୍ରହ୍ମପୁରରେ ପହଞ୍ଚିବା ପରେ ରେଳଷ୍ଟେସନରେ ପୂଜାଙ୍କୁ ଛାଡି କେଉଁଆଡେ ଫେରାର ହୋଇଯାଇଥିଲେ। ଘଟଣା ନେଇ ପୂଜା ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନଂ -୨୪୧/୨୬ ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରିବା ସହ ପୂଜାଙ୍କ ଶାଶୁ, ଶଶୁର ଓ ନଣନ୍ଦଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ପରେ ୪୧ ନୋଟିସ ଆଧାରରେ ସମସ୍ତଙ୍କୁ ଥାନାରୁ ଛାଡି ଦେଇଥିଲା। ପୂଜା ନିରୁପାୟ ହୋଇ ୩ ତାରିଖରେ ଘଟଣା ନେଇ ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ସୋମବାର ସନ୍ଧ୍ୟାରେ ଖରିଡା ଗ୍ରାମର କିଛି ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ପୂଜା ଚିଣ୍ଟୁଙ୍କ ଘର ବାରଣ୍ଡାରେ ସ୍ତ୍ରୀର ଅଧିକାର ଦାବିରେ ଧାରଣା ଦେଇଥିଲେ। ମଙ୍ଗଳବାର ବ୍ରହ୍ମପୁର ମହିଳା ଥାନା ପୁଲିସ ଓ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପୂଜାଙ୍କୁ ବୁଝାସୁଝା କରିଥିଲେ। ପୁଲିସ କର୍ମଚାରୀ ପୂଜାଙ୍କୁ ବୁଝାମଣା କରି ଫେରିବାର କିଛି ସମୟ ପରେ ଚିଣ୍ଟୁଙ୍କ ସାନଭାଇ ଲିଟୁ ଏକ ଧାରୁଆ ଟାଙ୍ଗିଆରେ ପୂଜାଙ୍କ ହାତ, ବେକ, ମୁଣ୍ଡ, ପେଟକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ପୂଜାଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଖବର ପାଇ ଆସିକା ଏସଡିପିଓ, ହିଞ୍ଜିଳି ଥାନା ଆଇଆଇସି ଓ ପୁଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଚଳାଇଥିଲା। ମା'ର ମୃତଦେହ ନିକଟରେ କାନ୍ଦୁଥିବା ପୂଜାଙ୍କ ତିନି ବର୍ଷର ଝିଅକୁ ଉଦ୍ଧାର କରି ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଥିଲା। ଘଟଣା ସ୍ଥଳରୁ ହତ୍ୟାକାରୀ ନାବାଳକ ଦିଅର ଓ ଶଶୁରଙ୍କୁ ପୁଲିସ କାବୁକରି ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ବୁଧବାର ହତ୍ୟାକାରୀ ନାବାଳକଙ୍କ ସହଯୋଗୀ ଅନ୍ୟ ଜଣେ ନାବାଳକଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡ ଘଟଣାରେ ଅନ୍ୟ କାହାର ସଂପୃକ୍ତି ଅଛି କି ନାହିଁ ସେ ନେଇ ପୁଲିସ ତଦନ୍ତ ଜାରି ରଖିଛି। ବର୍ତ୍ତମାନ ସୁଦ୍ଧା ପ୍ରେମିକ ଚିଣ୍ଟୁଙ୍କୁ ପୁଲିସ ଠାବ କରିବାରେ ସକ୍ଷମ ହୋଇପାରି ନାହିଁ।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଚାରିଛକ(ନିପ୍ର): ଚାରିଛକ ଥାନା ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପୋଖରୀରେ ଗାଧୋଇବା ସମୟରେ ପାଣିରେ ବୁଡ଼ି ଜଣେ ଯୁବକଙ୍କର ପ୍ରାଣହାନି ଘଟିଛି। ମୃତ ଯୁବକଜଣକ ହେଉଛନ୍ତି ଆଇଶିମୂଳ ଗ୍ରାମର ପଦ୍ମନାଭ କାଣ୍ଡିଙ୍କ ପୁତ୍ର ଭରତ କାଣ୍ଡି (୨୪) । ସୂଚନା ଅନୁଯାୟୀ, ଭରତ ଆଜି ଦୈନନ୍ଦିନ ପରି ଛଣିଜଙ୍ଗ ପଞ୍ଚାୟତ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ମାତ୍ର ଗାଧୋଇବା ସମୟରେ ଅସାବଧାନତାବଶତଃ ତାଙ୍କ ଗୋଡ଼ ଖସିଯାଇଥିଲା । ଫଳରେ ସେ ପୋଖରୀର ଗଭୀର ଜଳରାଶି ମଧ୍ୟକୁ ଚାଲିଯାଇଥିଲେ। ପହଁରି ନପାରିବାରୁ କିମ୍ବା ଅତ୍ୟଧିକ ଗଭୀରତା ଯୋଗୁଁ ସେ ଆଉ କୂଳକୁ ଫେରିପାରିନଥିଲେ। ସ୍ଥାନୀୟ ଲୋକମାନେ ଏହା ଦେଖିବା ପରେ ତୁରନ୍ତ ନିମାପଡ଼ା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପୋଖରୀ ମଧ୍ୟରୁ ବହୁ ଖୋଜାଖୋଜି କରି ଭରତଙ୍କୁ ଉଦ୍ଧାର କରିଥିଲେ। ଏହାପରେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ନିକଟସ୍ଥ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ପରୀକ୍ଷା କରିବା ପରେ ମୃତ ଘୋଷଣା କରିଥିଲେ ।ଏହି ଦୁଃଖଦ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଏବଂ ଆଇଶିମୂଳ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ପୋଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଗଜପତିରୁ ୨୧ ମେଟ୍ରିକ ଟନ୍ ଗଞ୍ଜେଇ ଜବତ



କଟକ: ଓଡ଼ିଶା ପୁଲିସର ଚାଲିଥିବା 'ନିଶା ମୁକ୍ତ ଓଡ଼ିଶା' ଅଭିଯାନରେ ବିଭିନ୍ନ ଜିଲ୍ଲାରେ ଚାଲିଥିବା ଗୁଇନ୍ଦା ଭିତ୍ତିକ ସ୍ୱତନ୍ତ୍ର ଚଢ଼ାଉରେ ବିପୁଳ ପରିମାଣର ଗଞ୍ଜେଇ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ଜବତ କରାଯାଇଛି। ବିଶେଷକରି ଗଜପତିରୁ ୨୧ ମେଟ୍ରିକ୍ ଟନ୍, ବରଗଡ଼ରେ ୧୯୧୪ କେଜି ଓ ସୁବର୍ଣ୍ଣପୁରରେ ୧ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ ହୋଇଛି। ଗଜପତି ଜିଲ୍ଲାର ଆର. ଉଦୟଗିରି ଓ ଅଡବା ଥାନା ପୋଲିସ ପକ୍ଷରୁ ବିଗତ କିଛି ଦିନ ମଧ୍ୟରେ କିରାମା, ସମ୍ବଲପୁର, କେଶରୀଗୁଡା ଓ ରାଇପଙ୍କା ଗ୍ରାମପଞ୍ଚାୟତ ଅଞ୍ଚଳରେ ମୋଟ ୨୧ ଟି ଚଢ଼ାଉ କରାଯାଇ ପ୍ରାୟ ୨୧ ମେଟ୍ରିକ ଟନ ଗଞ୍ଜେଇ ଜବତ କରାଯାଇଛି । ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୧ କୋଟି ଟଙ୍କା ହେବ । ଏହି ଘଟଣାରେ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ୧୦ରୁ ୧୨ ଜଣ ଅଭିଯୁକ୍ତ ଏବେ ମଧ୍ୟ ଫେରାର ଅଛନ୍ତି। ସେଥିସହ ଅପରାଧରେ ବ୍ୟବହୃତ ୩ଟି ଯାନବାହନ ମଧ୍ୟ ଜବତ କରାଯାଇଛି। ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ଥାନା ଅଞ୍ଚଳରେ ଚାଲିଥିବା ନିଶାଦ୍ରବ୍ୟ ଓ ଅବୈଧ ମଦ ବିରୋଧୀ ଅଭିଯାନରେ ମଧ୍ୟ ବଡ଼ ସଫଳତା ମିଳିଛି। ଗୁଜା ଗ୍ରାମରେ ବେଆଇନ ଗଞ୍ଜେଇ ଓ ଦେଶୀ ମହୁଲି ମଦ କାରବାର ସମ୍ପର୍କରେ ସୂଚନା ପାଇ ପୁଲିସ ଚଢ଼ାଉ କରିଥିଲା। ଅଭିଯାନ ସମୟରେ ମୋଟ ୧ କ୍ୱିଣ୍ଟାଲ ୫୮ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ସରକାରୀ ମୂଲ୍ୟାଙ୍କନ ଅନୁଯାୟୀ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧୫ ଲକ୍ଷ ୮୫ ହଜାର ଟଙ୍କା। ଏହାସହ ୨୦୦ ଲିଟର ଦେଶୀ ରନ୍ଧା ମହୁଲି ମଦ ଜବତ କରାଯାଇଥିବା ବେଳେ ପ୍ରାୟ ୫୦୦୦ ଲିଟର ମହୁଲି ପୋଚ ନଷ୍ଟ କରାଯାଇଛି। ବରଗଡ଼ ଜିଲ୍ଲାର ଝାରବନ୍ଧ ଥାନା ପୁଲିସ ମଧ୍ୟ ଗଞ୍ଜେଇ ଚୋରା ଚାଲାଣ ବିରୋଧରେ ବଡ଼ ସଫଳତା ହାସଲ କରିଛି। ଗତ ୫ ତାରିଖ ରାତିରେ ପାଇକମାଲ ଥାନା କର୍ମଚାରୀମାନେ ନିୟମିତ ପାଟ୍ରୋଲିଂ କରୁଥିବା ସମୟରେ ଝାରବନ୍ଧ ଅଞ୍ଚଳରେ ଏକ ଟ୍ରକ ତଲାସି କରି ୧୯୧୪ କେଜି ଗଞ୍ଜେଇ ଜବତ କରିଥିଲେ। ଏହି ଘଟଣାରେ ପୋଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଅଧିକ ତଦନ୍ତ ଜାରି ରହିଛି। ସେଥିସହ ଅପରାଧରେ ବ୍ୟବହୃତ ୩ଟି ଯାନବାହନ ମଧ୍ୟ ଜବତ କରାଯାଇଛି।

## ଶ୍ରୀ ମା'ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ଜିଲ୍ଲା-ପୁରୀ, ୧୦୬୩ ପି.

### ଟେଣ୍ଡର ନୋଟିସ୍

ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସନ ୨୦୨୬-୨୭ ମସିହା (ତା. ୦୧.୦୬.୨୦୨୬ ଠାରୁ ତା. ୩୧.୦୫.୨୦୨୭) ନିମନ୍ତେ ମା' ମଙ୍ଗଳା ଠାକୁରାଣୀ, କାକଟପୁରଙ୍କର ଦୀପ ଦୋକାନ ପାଇଁ ଟେଣ୍ଡର, ଆସନ୍ତା ତା. ୨୦.୦୫.୨୦୨୬ ରିଖ ଦିନ ମାନ୍ୟବର ଦେବୋତ୍ତର କମିଶନର, ଓଡ଼ିଶା, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟଠାରେ ନିଲାମ କରାଯିବ । ନିଲାମ ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ପର୍କୀୟ ନିୟମାବଳୀ ମନ୍ଦିର କାର୍ଯ୍ୟାଳୟରୁ ଟ. ୧୦୦୦.୦୦ (ଏକ ହଜାର ଟଙ୍କା) ମୂଲ୍ୟରେ ତା. ୦୮.୦୫.୨୦୨୬ ରିଖଠାରୁ ତା. ୧୫.୦୫.୨୦୨୬ ରିଖ ପର୍ଯ୍ୟନ୍ତ ଦିବା ୧୦ ଘଟିକାଠାରୁ ଅପରାହ୍ନ ୪ ଘଟିକା ମଧ୍ୟରେ ମନ୍ଦିର କାର୍ଯ୍ୟାଳୟରେ ପାଇପାରିବେ। ନେଇଥିବା ଟେଣ୍ଡର ଫର୍ମ ବିକ୍ରୟ ଦିନଠାରୁ ତା. ୧୮.୦୫.୨୦୨୬ରିଖ ଅପରାହ୍ନ ୫ ଘଟିକା ସମୟ ମଧ୍ୟରେ ନେଇଥିବା ଟେଣ୍ଡର ଫର୍ମ ପୂରଣ କରି ଦେବୋତ୍ତର କମିଶନର, ଓଡ଼ିଶା, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଥିବା ଜଉମୁଦ ଟେଣ୍ଡର ବାକ୍ସରେ ପକାଇବେ। ନିର୍ଦ୍ଧାରିତ ସମୟ ଗତେ କୌଣସି ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଅନ୍ୟଥା ସେହି ଟେଣ୍ଡର ଗ୍ରହଣ ଯୋଗ୍ୟ ହେବନାହିଁ । ତା. ୨୦.୦୫.୨୦୨୬ ରିଖ ଦିବା ୧୨ (ବାର) ଘଟିକା ସମୟରେ ଚେୟାରମ୍ୟାନ ଟେଣ୍ଡର କମିଟିଙ୍କ (ଦେବୋତ୍ତର କମିଶନର କାର୍ଯ୍ୟାଳୟ, ଓଡ଼ିଶା ଭୁବନେଶ୍ୱର) ଉପସ୍ଥିତିରେ ଟେଣ୍ଡର ଖୋଲାଯିବ ।

ସବିଶେଷ ବିବରଣୀ ପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବା ଲାଗି ଅନୁରୋଧ ।

**ତଫସିଲ ନଂ-୧**

**ନିଲାମ ପାଇଁ ଥିବା ଦୋକାନର ବିବରଣୀ**

| କ୍ର.ସଂ. | ଦୋକାନର ନାମ | ୨୦୨୬-୨୭ ପାଇଁ ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ | ନିଲାମରେ ଭାଗ ନେବା ପାଇଁ ଅମାନତ ଟଙ୍କାର ପରିମାଣ |
|---|---|---|---|
| ୧. | ଘିଅ ଦୀପ ଦୋକାନ | ଟ.୧,୧୦,୦୦,୦୦୦/- | ଟ.୧୧,୦୦,୦୦୦/- |

**କାର୍ଯ୍ୟାଳୟ ତରଫରୁ ସ୍ଥିରିକୃତ ଦର / ମୂଲ୍ୟ**

୧. ଘିଅ ଦୀପ ଦୋକାନ ପାଇଁ ଦୀପର ସର୍ବନିମ୍ନ ମୂଲ୍ୟ ଟ.୧୦/- (ଦଶ ଟଙ୍କା ମାତ୍ର) ରଖିବାକୁ ହେବ । ବି.ଦ୍ର.: ଦୀପରେ ବ୍ୟବହୃତ ଘିଅ କେବଳ ଅମୁଲ / ଓମ୍‌ଫେଡ ବ୍ରାଣ୍ଡ ଘିଅରେ ପ୍ରସ୍ତୁତ ହୋଇଥିବା ଆବଶ୍ୟକ ।

ସ୍ୱାକ୍ଷର - କୈଳାସ ଚନ୍ଦ୍ର ଦାଶ
କାର୍ଯ୍ୟନିର୍ବାହୀ ଅଧିକାରୀ

# ଟିପିଏସ୍ଓଡିଏଲ୍ ଉପଭୋକ୍ତାଙ୍କ ପାଇଁ ଲୋକ ଅଦାଲତ

ବ୍ରହ୍ମପୁର, ୭/୫(ନିପ୍ର): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିଏସ୍ଓଡିଏଲ୍) ପକ୍ଷରୁ ଆସନ୍ତା ୯ରେ ଦ୍ୱିତୀୟ ଜାତୀୟ ଲୋକ ଅଦାଲତ ଓ ପ୍ରବର୍ତ୍ତନ ସମାଧାନ ଶିବିର ଅନୁଷ୍ଠିତ ହେବ । ଉପଭୋକ୍ତାଙ୍କ ଦ୍ୱାରା ଅନଧିକୃତ ବିଦ୍ୟୁତ ବ୍ୟବହାର ତଥା ବିଦ୍ୟୁତ ଚୋରି ସମ୍ବନ୍ଧୀୟ ମାମଲାର ସମାଧାନ ନିମନ୍ତେ ଏହି ଶିବିରର ଆୟୋଜନ କରାଯାଉଛି । ଏଠାରେ ଦୀର୍ଘ ଦିନ ଧରି ବିଚାରାଧୀନ ଥିବା ମାମଲାଗୁଡ଼ିକର ଏକକାଳୀନ ସମାଧାନ କରାଯିବ । ଏହି ଲୋକ ଅଦାଲତ ଏବଂ ସମାଧାନ ଶିବିର ଏକକାଳୀନ ଗଜପତି, କନ୍ଧମାଳ, ବୌଦ୍ଧ, କୋରାପୁଟ, ରାୟଗଡ଼ା, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲା ସହିତ ଟିପିଏସ୍ଓଡିଏଲର ଡିଭିଜନ, ସବ୍ ଡିଭିଜନ୍, ସେକ୍ସନ ଅଫିସ୍, ପ୍ରବର୍ତ୍ତନ କାର୍ଯ୍ୟାଳୟ ଏବଂ ନିର୍ଦ୍ଦିଷ୍ଟ କୋର୍ଟ ପରିସରରେ ଅନୁଷ୍ଠିତ ହେବ। ସେହିଭଳି ଗ୍ରାହକମାନେ ବିଚାରାଧୀନ ପ୍ରବର୍ତ୍ତନ ମାମଲାକୁ ସୁବିଧାଜନକ ଏବଂ ସ୍ୱଚ୍ଛ ଭାବରେ ସମାଧାନ କରିବା ପାଇଁ ଗଞ୍ଜାମ ଜିଲ୍ଲାରେ ଉକ୍ତ ଦିନ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର ପ୍ରବର୍ତ୍ତନ ଏବଂ ସମାଧାନ ଶିବିରରେ ସମାଧାନ କରିପାରିବେ। ଏହି ଶିବିରଗୁଡ଼ିକ ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲା ରହିବ। ଉପଭୋକ୍ତାମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ପହଞ୍ଚି ମାର୍ଗଦର୍ଶନ ଓ ସହାୟତା ପାଇପାରିବେ । ଟିପିଏସ୍ଓଡିଏଲର ଏଭଳି ପଦକ୍ଷେପ ଦାୟିତ୍ୱପୂର୍ଣ୍ଣ ବିଜୁଳି ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହ କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନକୁ ଶୃଙ୍ଖଳିତ କରିବାରେ ସହାୟକ ହେବ । ବିଜୁଳି ବ୍ୟବହାରରେ ସ୍ୱଚ୍ଛତା ଓ ନିୟମିତତା ରକ୍ଷା ହେବା



ସହ ଉପଭୋକ୍ତା ଅନୁକୂଳ ବ୍ୟବସ୍ଥା ସ୍ଥାପିତ ହୋଇପାରିବ । ପ୍ରବର୍ତ୍ତନ ଅଧିକାରୀ, ଆଇନ ବିଶେଷଜ୍ଞ ଓ ଉପଭୋକ୍ତା ସହାୟତା କର୍ମଚାରୀ ମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଦଳ ଲୋକ ଅଦାଲତରେ ଉପସ୍ଥିତ ରହି ଉପଭୋକ୍ତାମାନଙ୍କୁ ଆନୁଷଙ୍ଗିକ ସହାୟତା ପ୍ରଦାନ କରିବେ । ଲୋକ ଅଦାଲତ ସମ୍ପର୍କିତ ସବିଶେଷ ସୂଚନା, ଯେପରି, ଜିଲାୱାରୀ ବ୍ୟବସ୍ଥା, ଯୋଗ୍ୟ ମାମଲାର ବର୍ଗୀକରଣ, ପର୍ଯ୍ୟାୟ କ୍ରମେ ମାର୍ଗଦର୍ଶନ ଇତ୍ୟାଦି ଟିପିଏସ୍ଓଡିଏଲର କାର୍ଯ୍ୟାଳୟରେ ମିଳିବ । ଗ୍ରାହକମାନେ ଅତିରିକ୍ତ ସୁବିଧା ନିମନ୍ତେ କମ୍ପାନୀର ଗ୍ରାହକ ସମ୍ପର୍କ କେନ୍ଦ୍ର (ସିଆରସି) ସହ ଯୋଗାଯୋଗ କରିପାରିବେ ।

# ଯାତ୍ରୀ ସଂରକ୍ଷଣ ବ୍ୟବସ୍ଥାକୁ ଟ୍ରେନ୍‌ଗୁଡ଼ିକର ସ୍ଥାନାନ୍ତର



**ନୂଆଦିଲ୍ଲୀ, ୭/୫(ପିଆଇବି):** ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ରେଳ ଭବନରେ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଛନ୍ତି ଏବଂ ୪୦ ବର୍ଷ ପୁରୁଣା ସଂରକ୍ଷଣ ବ୍ୟବସ୍ଥାରୁ ଉନ୍ନତ ବ୍ୟବସ୍ଥାକୁ ଟ୍ରେନ୍ ସ୍ଥାନାନ୍ତର ସମୟରେ ଯାତ୍ରୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ତାହା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା ଏବଂ ରବନୀତ ସିଂ ବିଟ୍ଟୁ ମଧ୍ୟ ଉପସ୍ଥିତ ଥିଲେ। ୧୯୮୬ ରେ ଆରମ୍ଭ ହୋଇଥିବା ଏହି ବ୍ୟବସ୍ଥାରେ ଗତ ୪୦ ବର୍ଷ ମଧ୍ୟରେ ଅନେକ ଛୋଟ ମୋଟ ପରିବର୍ତ୍ତନ ହୋଇଛି। ତଥାପି, ବର୍ତ୍ତମାନ ଏହାର ସମ୍ପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି, ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଏହାର କ୍ଷମତାକୁ ଉଲ୍ଲେଖନୀୟ ଭାବରେ ବିସ୍ତାର କରାଯାଇଛି। ରେଳ ସଂରକ୍ଷଣ ବ୍ୟବସ୍ଥା ଅନେକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ୨୦୦୨ ରେ, ଭାରତୀୟ ରେଳବାଇ ଇଣ୍ଟରନେଟ୍-ଆଧାରିତ ଟିକେଟ୍ ପ୍ରଚଳନ କରିଥିଲା । ଆଜି, ଏହି ବ୍ୟବସ୍ଥା ଏତେ ଲୋକପ୍ରିୟ ହୋଇଯାଇଛି ଯେ ଅଧିକାଂଶ ଲୋକ ଆଉ ଟିକେଟ୍ କାଉଣ୍ଟରକୁ ଯାଉ ନାହାଁନ୍ତି । ବର୍ତ୍ତମାନ ଦେଶରେ ମୋଟ ଟିକେଟ ଚାହିଦାର ପ୍ରାୟ ୮୮% ଅନଲାଇନ ଜରିଆରେ ପୂରଣ କରାଯାଉଛି। ରେଲୱାନ୍ ମୋବାଇଲ୍ ଆପ୍ ଯାତ୍ରୀମାନଙ୍କ ମଧ୍ୟରେ ଦ୍ରୁତ ଗତିରେ ଲୋକପ୍ରିୟତା ହାସଲ କରୁଛି। ଏହାକୁ ଗତ ବର୍ଷ ଜୁଲାଇରେ ଆରମ୍ଭ କରାଯାଇଥିଲା। ଗୋଟିଏ ବର୍ଷରୁ କମ୍ ସମୟ ମଧ୍ୟରେ, ଏହା ସାରା ଦେଶରେ ୩.୫ କୋଟିରୁ ଅଧିକ ଡାଉନଲୋଡ୍ ରେକର୍ଡ ହୋଇଛି । ଏହାର ଲୋକପ୍ରିୟତାର ସବୁଠାରୁ ବଡ଼ କାରଣ ହେଉଛି ଏହି ଆପ୍ କେବଳ ସାଧାରଣ ଲୋକଙ୍କୁ ରେଳ ସମ୍ବନ୍ଧୀୟ ସମସ୍ତ ସୂଚନା ପ୍ରଦାନ କରେ ନାହିଁ ବରଂ ଟିକେଟ୍ ଏବଂ ଅନ୍ୟାନ୍ୟ ସେବା ସମ୍ବନ୍ଧୀୟ ଅଭିଯୋଗ ଗୁଡ଼ିକର ସମାଧାନ ମଧ୍ୟ କରିଥାଏ। ଯେତେବେଳେ ଆପଣ ଆଜି ଏକ ଟିକେଟ୍ ବୁକ୍ କରନ୍ତି, ରେଲୱାନ୍ ଆପ୍ ଆପଣଙ୍କୁ ସୂଚନା ଦିଏ ଯେ ଏକ ପ୍ରତୀକ୍ଷା ତାଲିକାଭୁକ୍ତ ଟିକେଟ୍ ନିଶ୍ଚିତ ହେବାର ସମ୍ଭାବନା ଅଛି କି ନାହିଁ । ଏହି ଆପ୍ ବର୍ତ୍ତମାନ ନିଶ୍ଚିତକରଣ ସମ୍ଭାବନାର ଏଆଇ ଆଧାରିତ ପୂର୍ବାନୁମାନ ମଧ୍ୟ ପ୍ରଦାନ କରିଥାଏ। ଏହି ବୈଶିଷ୍ଟ୍ୟ ଚଳିତ ବର୍ଷ ପ୍ରାରମ୍ଭରେ ପ୍ରବର୍ତ୍ତନ କରାଯାଇଥିଲା ଏବଂ ବ୍ୟବହାରକାରୀଙ୍କ ଦ୍ୱାରା ବ୍ୟାପକ ପ୍ରଶଂସା କରାଯାଇଛି । ପ୍ରତୀକ୍ଷା ତାଲିକା ନିଶ୍ଚିତକରଣ ପୂର୍ବାନୁମାନର ସଠିକତା ପୂର୍ବରୁ ୫୩% ରୁ ବର୍ତ୍ତମାନ ୯୪% କୁ ବୃଦ୍ଧି ପାଇଛି।

## ରାଜ୍ୟ ସରକାର ଓ ଟାଟା ଷ୍ଟିଲ ଫାଉଣ୍ଡେସନ ମିଳିତ ଉଦ୍ୟମରେ ୮ମ ସଂସ୍କରଣ ଆୟୋଜିତ



ଅନୁଗୁଳ, ୭/୫(ନିପ୍ର): ମାତୃ ଏବଂ ଶିଶୁ ପୁଷ୍ଟିହୀନତା ଦୂର କରିବା ଉଦ୍ଦେଶ୍ୟରେ ଢେଙ୍କାନାଳ ଜିଲ୍ଲାରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ ଏବଂ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ସହଯୋଗରେ ୮ମ 'ପୋଷଣ ପକ୍ଷୱାଡା' ପାଳିତ ହୋଇଯାଇଛି। ଏପ୍ରିଲ ୯ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ମେରାମଣ୍ଡଳୀ ସମେତ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିହୀନତା କ୍ଷେତ୍ରରେ ଉନ୍ନତି ଆଣିବା ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶେଷ କରି ଶିଶୁ ଜନ୍ମର ପ୍ରଥମ ୧,୦୦୦ ଦିନ, ଯାହା ଶିଶୁର ଶାରୀରିକ ଏବଂ ମାନସିକ ବିକାଶ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ, ସେହି ସମୟରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ଯତ୍ନ ନେବା ଏବଂ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟସେବା ଏବଂ ପୁଷ୍ଟିସାର ସୁନିଶ୍ଚିତ କରିବା ପାଇଁ ଏହି କାର୍ଯ୍ୟକ୍ରମରେ ସୁଷମ ଖାଦ୍ୟର ଗୁରୁତ୍ୱ, ଗର୍ଭବତୀ ମହିଳାଙ୍କ ପାଇଁ ଆବଶ୍ୟକୀୟ ପୋଷଣ, ସ୍ତନ୍ୟପାନ ଏବଂ ଠିକ୍ ସମୟରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଗ୍ରହଣ କରିବା ଭଳି ଦିଗଗୁଡ଼ିକ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। ମୁଖ୍ୟତଃ ଗର୍ଭବତୀ ମହିଳା, ପ୍ରସୂତି ଏବଂ ପାଞ୍ଚ ବର୍ଷରୁ କମ୍ ଶିଶୁଙ୍କ ଯତ୍ନ ନେଉଥିବା ମାଆମାନଙ୍କୁ ପୁଷ୍ଟିହୀନତା ଏବଂ ରକ୍ତହୀନତା ଭଳି ଗୁରୁତର ସମସ୍ୟାର ପ୍ରତିକାର କରିବା ପାଇଁ ବ୍ୟବହାରିକ ଜ୍ଞାନ ପ୍ରଦାନ କରାଯାଇଥିଲା।

## ଶ୍ରୀଜଗନ୍ନାଥଙ୍କ ନାମରେ ହେବ ଟିଭି ଚ୍ୟାନେଲ



ଭୁବନେଶ୍ୱର, ୭।୫ : ସବୁ ଓଡ଼ିଆଙ୍କ ଆରାଧ୍ୟ ଦେବତା ତଥା ବିଶ୍ୱବାସୀଙ୍କ ହୃଦୟରେ ବିରାଜମାନ କରୁଥିବା ଜଗତର ନାଥ ଜଗନ୍ନାଥଙ୍କ ନାମରେ ଏକ ସ୍ୱତନ୍ତ୍ର ଟିଭି ଚ୍ୟାନେଲ ହେବ। ଏ ନେଇ ଏକ ବୈଠକ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ପ୍ରସ୍ତାବିତ ନୂତନ ଚ୍ୟାନେଲର ରୂପରେଖ, ଦୈନିକ କାର୍ଯ୍ୟକ୍ରମ, ଜଗନ୍ନାଥ ସଂସ୍କୃତିର ପରିବ୍ୟାପ୍ତି, ଭକ୍ତଙ୍କ ମନରେ ଜଗନ୍ନାଥଙ୍କୁ ନେଇ ଥିବା ଭାବନାର ପରିପ୍ରକାଶ ନେଇ ଆସିଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ଚ୍ୟାନେଲ ପ୍ରତିଷ୍ଠା ନେଇ ପ୍ରାଥମିକ ପର୍ଯ୍ୟାୟରେ ଥିବା ଏହି ଆଲୋଚନା ବେଶ୍ ସକାରାତ୍ମକ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ଜଗନ୍ନାଥ ସଂସ୍କୃତିକୁ ନେଇ ସାରା ବିଶ୍ୱବାସୀଙ୍କୁ ଅବଗତ କରାଇବା ଏବଂ ଜଗନ୍ନାଥ ସଂସ୍କୃତି ଉପରେ ଅଧିକ ଗବେଷଣା ଓ ଆଲୋଚନା ସହ ଜଗନ୍ନାଥଙ୍କ ମହିମା ଓ ଭାବାବେଗ ନେଇ ଭକ୍ତଙ୍କ ଅନୁଭୂତିକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ନେଇ ଆସିଥିବା ପ୍ରସ୍ତାବ ଉପରେ ରାଜ୍ୟ ସରକାର ଅତି ସକାରାତ୍ମକ ଭାବେ ଚିନ୍ତା କରୁଛନ୍ତି । ପରବର୍ତ୍ତୀ ସମୟରେ ଏହା ଉପରେ ଅଧିକ ଆଲୋଚନା କରାଯିବା ସହ ସମ୍ପୂର୍ଣ୍ଣ ରୂପରେଖ ପ୍ରସ୍ତୁତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ । ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ସମେତ ଆଇନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଏମ୍‌ସିଏଲର ମୁଖ୍ୟ ସତର୍କତା ଅଧିକାରୀ ଭାବେ କାର୍ଯ୍ୟଭାର ଗ୍ରହଣ କଲେ ସମ୍ୱିତ ସୌରଭ ନାୟକ



ସମ୍ବଲପୁର, ୭/୫(ନିପ୍ର): ସମ୍ୱିତ ସୌରଭ ନାୟକ ଗତ ଗୁରୁବାର ମହାନଦୀ କୋଲଫିଲ୍ଡସ୍ ଲିମିଟେଡର ମୁଖ୍ୟ ସତର୍କତା ଅଧିକାରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶ୍ରୀ ନାୟକ ୨୦୧୨ ବ୍ୟାଚ୍‌ର ଭାରତୀୟ ରେଳ ଯାତାୟାତ ସେବା ଅଧିକାରୀ ଏବଂ ସେ ପୂର୍ବତଟ ରେଳପଥର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷମ, ବାଣିଜ୍ୟିକ ଏବଂ ସୁରକ୍ଷା ବିଭାଗରେ ଦାୟିତ୍ୱ ତୁଲାଇଛନ୍ତି। ସେ ଖୋର୍ଦ୍ଧା ରୋଡ଼ର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ସମ୍ବଲପୁରର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଏବଂ ସମ୍ବଲପୁରର ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ସମ୍ବଲପୁର ମଣ୍ଡଳରେ ଗ୍ରୀନଫିଲ୍ଡ ଏବଂ ବ୍ରାଉନଫିଲ୍ଡ ଭିତିଭୂମି ପ୍ରକଳ୍ପ ସମେତ ପବ୍ଲିକ୍-ପ୍ରାଇଭେଟ୍ ପାର୍ଟନରସିପ୍ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା କ୍ଷେତ୍ରରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ସତର୍କତା ପ୍ରଶାସନ, ସ୍ୱଚ୍ଛତା ଏବଂ ନୈତିକ ଶାସନକୁ ଅଧିକ ସୁଦୃଢ଼ କରିବା ପାଇଁ ତାଙ୍କର ବିଭିନ୍ନ କ୍ଷେତ୍ରର ଅଭିଜ୍ଞତା, ନେତୃତ୍ୱ ଏବଂ ପ୍ରଶାସନିକ ଦକ୍ଷତା, ଦେଶର ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ କମ୍ପାନୀର ସହାୟକ ସାଜିବ।

# ଆସିକା ବେଆଇନ ପାର୍କିଙ୍ଗ ବଢ଼ାଉଛି ଟ୍ରାଫିକ ସମସ୍ୟା

ଆସିକା, ୭/୫(ନିପ୍ର): ଆସିକାରେ ବେଆଇନ ପାର୍କିଙ୍ଗ ବଢ଼ାଉଛି ଟ୍ରାଫିକ ସମସ୍ୟା। ଜିଲ୍ଲାର ଏକ ମୁଖ୍ୟ ବ୍ୟବସାୟିକ ମୁଖ୍ୟ କେନ୍ଦ୍ର ଓ ପେଣ୍ଠସ୍ଥଳୀ ହେଉଛି ଆସିକା ସହର । ଏହି ସହର ଦେଇ ଦୁଇଟି ଜାତୀୟ ରାଜପଥ ଓ ଗୋଟିଏ ରାଜ୍ୟ ରାଜପଥ ଯାଇଛି। ଏହା ଦ୍ୱାରା ଦୈନିକ ହଜାର ହଜାର ଜନସାଧାରଣ ଶହଶହ ଯାନବାହାନ ଯାତାୟାତ ସାଙ୍ଗକୁ ଅବାଧରେ ଜାତୀୟ ରାଜପଥ କଡରେ ହେଉ କିମ୍ବା ସହର ମଧ୍ୟରେ ବେଆଇନ ପାର୍କିଙ୍ଗ ଆହୁରି ଟ୍ରାଫିକ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ଆସିକା ଜିଲ୍ଲାର ସର୍ବପୁରାତନ ସହର ହୋଇଥିବା ଯୋଗୁଁ ଏହାର ନକ୍ସା ଅନ୍ୟ ସମସ୍ତ ସହରଠାରୁ ସମ୍ପୂର୍ଣ୍ଣ ଭିନ୍ନ ଅଟେ ଆସିକା ବିଜୁପଟ୍ଟନାୟକ ଛକଠାରୁ ଲକ୍ଷ୍ମୀ ବଜାର ଛକ ମଧ୍ୟରେ ବେଆଇନ ପାର୍କିଙ୍ଗ ଯୋଗୁଁ ଟ୍ରାଫିକ ସମସ୍ୟା ଦିନକୁ ଦିନ ଉତ୍କଟ ସମସ୍ୟା ହେବାକୁ ଲାଗିଲାଣି। ଆସିକା ସହର ମଧ୍ୟରେ ମୁଖ୍ୟତଃ ସୁନାମ୍ବ ସାହି ଛକଠାରୁ ମହାତ୍ମାଗାନ୍ଧୀ ରୋଡ଼, ହାଟପଦାଠାରୁ ଓ ଅଶୋକ ସିନେମାହଲ ରାସ୍ତା, କୁମ୍ଭାର ସାହି ଓ ଖମ୍ବେଶ୍ୱରୀ ପାଟଣା ଦେଇ ଲକ୍ଷ୍ମୀ ବଜାର ଏବଂ ବସଷ୍ଟାଣ୍ଡ ଯିବାକୁ ଏକ ବିକଳ୍ପ ରାସ୍ତା। ଏହି ରାସ୍ତା ଗୁଡିକ ବହୁତ ସଂକୀର୍ଣ୍ଣ ଓ ଅଙ୍କା ବଙ୍କା ହେବା ସାଙ୍ଗକୁ ରାସ୍ତା ଉପରେ ବେଆଇନ ଗାଡି ପାର୍କିଙ୍ଗ ଯୋଗୁଁ ପ୍ରତିଦିନ ଟ୍ରାଫିକ ଜାମରେ ସ୍କୁଲ, କଲେଜ ଯାଉଥିବା ଛାତ୍ରଛାତ୍ରୀ ଓ ବିଭିନ୍ନ କାର୍ଯ୍ୟାଳୟକୁ ଯାଉଥିବା ଜନସାଧାରଣ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସକାଳ ସମୟରେ ସୋନା ମିଞ୍ଜିନ ଟାଉନହଲ ଓ ବିନାୟକ ବଜ଼ାରରେ ପରିବା ହାଟ ବସୁଥିବା ଯୋଗୁଁ ଟ୍ରାଫିକ ସମସ୍ୟା ଲାଗିରହୁଛି। ଏହି ଦୁଇ ପ୍ରମୁଖ ରାସ୍ତାରେ ଥିବା ଉଭୟ ପାର୍ଶ୍ୱରେ ଦୁଇ ଚକିଆ ଓ ଚାରି ଚକିଆଯାନ ରହିବା ସାଙ୍ଗକୁ ଏହି ସବୁ ସାହିର ରାସ୍ତା ସଂକୀର୍ଣ୍ଣ ସାଙ୍ଗକୁ ଗୃହକର୍ତ୍ତାଙ୍କ ଜବରଦଖଲ ଯୋଗୁଁ ଅସମ୍ଭାଳ ଟ୍ରାଫିକ ସମସ୍ୟାରେ ଅଞ୍ଚଳବାସୀ ନୟାନ୍ତ ହୋଇ ସାରଲେଣି। ଗତ ୨୦୧୯ ମସିହାରେ ତତ୍କାଳୀନ ପ୍ରଶାସନିକ ଅଧିକାରୀ ଜବରଦଖଲ ଉଚ୍ଛେଦ କରିଥିଲେ। କିନ୍ତୁ ତାହା ଆସି ଅଧାରେ ଅଟକି ଯାଇଥିଲା।

## ୟୁଏନ ହାବିଟାଟର ୟଙ୍ଗ ଗେମ ଚେଞ୍ଜର ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଜଟଣୀ, ୭/୫(ନିପ୍ର): ଜଟଣୀ ପୌର ପରିଷଦ ପକ୍ଷରୁ ୟୁଏନ ହାବିଟାଟର ୟଙ୍ଗ ଗେମ ଚେଞ୍ଜର ଇନିସିଏଟିଭ କାର୍ଯ୍ୟକ୍ରମ ଅନ୍ତର୍ଗତ ଆରମ୍ଭ ହେବାକୁ ଥିବା ୱାର୍ଡ ସଂଖ୍ୟା ୦୭ ଅଧୀନ ମୁଣ୍ଡିଆ ସାହି ପାର୍କ ଏବଂ ଖେଳପଡିଆ ଉନ୍ନତିକରଣ ପ୍ରକଳ୍ପ ଏବଂ ୱାର୍ଡ ସଂଖ୍ୟା ୧୧ ଅଧୀନ ମା ଉତ୍ତରାୟଣୀ ଯୁବକ ସଙ୍ଘ ଖେଳ ପଡିଆ ଉନ୍ନତିକରଣ ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ସ୍ଥାନୀୟ ମୁଣ୍ଡିଆ ସାହି ଖେଳ ପଡିଆରେ ଭୁବନେଶ୍ୱରର ଲୋକସଭା ସାଂସଦ ଅପରାଜିତା ଷଡଙ୍ଗୀ ଏବଂ ଜଟଣୀର ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଜଟଣୀ ପୌର ପରିଷଦର ଅଧ୍ୟକ୍ଷ ଅନନ୍ତ ବେହେରା, ଉପାଧ୍ୟକ୍ଷା ଆରତୀ ରାଉତ, ନିର୍ବାହୀ ଅଧିକାରୀ ଆକ୍ରିତି ଗୋଏଙ୍କା, ୟୁଏନ ହାବିଟାଟର କଣ୍ଟ୍ରି ପ୍ରୋଗ୍ରାମ ମ୍ୟାନେଜର ନୀଲେଶ ପ୍ରକାଶ ରାଜଧକ, ସମାଜସେବୀ ବିଶ୍ୱରଂଜନ ବଡ଼ଜେନା, ପୂର୍ବତନ ଯୋଗାଣ ନିଗମ ଅଧ୍ୟକ୍ଷ ସୁଦୀପ୍ତ ରାୟ, ପାରିଷଦ ବୃନ୍ଦ, ୟୁଏନ ହାବିଟଟର ଅନ୍ୟ ଅଧିକାରୀ ଯଥା ସନ୍ଦୀପନ ଷଡ଼ଙ୍ଗୀ, ରିଙ୍କି ହଲଦାର, ସ୍ମିତି ପଡେଲେଙ୍କ ସହ ସହ ଶହଶହ ସାଧାରଣ ଲୋକେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ମୁଣ୍ଡିଆ ସାହି ଖେଳ ପଡିଆ ଉନ୍ନତିକରଣ ପାଇଁ ୬୩. ୨୯ ଲକ୍ଷ୍ ଟଙ୍କା ଅନୁମୋଦିତ ହୋଇଥିବା ବେଳେ ମା ଉତ୍ତରାୟଣୀ ଖେଳ ପଡିଆ ଉନ୍ନତିକରଣ ପାଇଁ ୧୬. ୨୨ ଲକ୍ଷ ଟଙ୍କା ଅନୁମୋଦିତ ହୋଇଅଛି ଯାହାକି ଉକ୍ତ ପ୍ରକଳ୍ପ ପାଣ୍ଠିରୁ ଖର୍ଚ୍ଚ କରାଯାଇ ବସ୍ତି ଅଞ୍ଚଳରେ ବସବାସ କରୁଥିବା ଯୁବ ପିଢ଼ିଙ୍କ ନିମନ୍ତେ ବ୍ୟବହୃତ ହେବ।

## କୂଅରେ ପଡ଼ି ଶିଶୁ ମୃତ୍ୟୁ

**ଭାପୁର, ୭/୫(ନିପ୍ର):** ଫତେଗଡ଼ ଥାନା ଅଧିନ ତଥା ଖଣ୍ଡପଡ଼ା ବ୍ଲକ ରାଣିଛେଲି ପଞ୍ଚାୟତ ଅନ୍ତର୍ଗତ ମର୍ଦ୍ଦରାଜପ୍ରସାଦ ଗ୍ରାମରେ ଗୁରୁବାର ସକାଳୁ କୂଅରେ ପଡ଼ି ଏକ ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ମର୍ଦ୍ଦରାଜପ୍ରସାଦ ଗ୍ରାମର ବିଶ୍ୱମ୍ଭର ସ୍ୱାଇଁଙ୍କ ପତ୍ନୀ ସକାଳ ସମୟରେ ଘରେ ରୋଷେଇ କାର୍ଯ୍ୟରେ ବ୍ୟସ୍ତ ରହିଥିବା ସମୟରେ ତାଙ୍କ ଶିଶୁପୁତ୍ର ସୂର୍ଯ୍ୟକାନ୍ତ ସ୍ୱାଇଁ (୧୩ ମାସ) ଖେଳୁଥିବା ସମୟରେ ଘର ସମ୍ମୁଖରେ ଥିବା କୂଅରେ ଖସିପଡ଼ିଥିଲେ। କିଛି ସମୟ ପରେ ଘରଲୋକେ ଶିଶୁପୁତ୍ରକୁ ଖୋଜାଖୋଜି କରିବା ପରେ କୂଅରେ ଖସି ପଡ଼ିଥିବା ସନ୍ଦେହ କରି କୂଅ ଭିତରକୁ ଯାଇ ଖୋଜିବା ପରେ ତାକୁ ଅଚେତ ଅବସ୍ଥାରେ ପାଇଥିଲେ। ତେବେ କାଳବିଳମ୍ବେ ଡେରି ନକରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିବା ପରେ ସେଠାରେ ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ଶିଶୁଟିର ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ।

## କାନାଡ଼ା ହାଇକମିଶନରଙ୍କ ସହ ଉପମୁଖ୍ୟମନ୍ତ୍ରୀଙ୍କ ଆଲୋଚନା



ଭୁବନେଶ୍ୱର, ୭।୫(ନିପ୍ର): ଲୋକସେବା ଭବନଠାରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଭାରତରେ ଅବସ୍ଥାପିତ କାନାଡାର ହାଇକମିଶନର କ୍ରିଷ୍ଟୋଫର କୁଟର ନିଜ ପତ୍ନୀଙ୍କ ସହ ସାକ୍ଷାତ କରିଛନ୍ତି। ଏହି ଆଲୋଚନାରେ ଭାରତ ଓ କାନାଡା ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଇଥିଲା, ଯେଉଁଥିରେ ଓଡ଼ିଶା ପ୍ରତି ସ୍ୱତନ୍ତ୍ର ଧ୍ୟାନ ରହିଥିଲା। ଏହି ପ୍ରମୁଖ କ୍ଷେତ୍ରଗୁଡ଼ିକ ମଧ୍ୟରେ କୃଷି-ରପ୍ତାନି, ବୈଷୟିକ ସହଯୋଗ ଏବଂ ଦ୍ୱିପାକ୍ଷିକ ବାଣିଜ୍ୟ ଅନ୍ତର୍ଭୁକ୍ତ। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଖଣିଜ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ଅଗ୍ରଣୀ ଭୂମିକା ଉପରେ ଆଲୋକପାତ କରି କହିଥିଲେ ଯେ, ଦେଶର ମୋଟ କ୍ରୋମାଇଟ୍ ଭଣ୍ଡାରର ୯୨% ଓଡ଼ିଶାରେ ରହିଛି ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରଚୁର ପରିମାଣରେ 'ରେୟାର ଆର୍ଥ' ଖଣିଜ ସମ୍ପଦ ରହିଛି। ବିଶେଷ କରି ଖଣି ଏବଂ ମୂଲ୍ୟଯୁକ୍ତ ଶିଳ୍ପରେ ବୈଦେଶିକ ପ୍ରତ୍ୟକ୍ଷ ପୁଞ୍ଜିନିବେଶର ସମ୍ଭାବନା ଉପରେ ବିସ୍ତୃତ ଭାବେ ଆଲୋଚନା ମଧ୍ୟ କରାଯାଇଥିଲା। କାନାଡା ପ୍ରତିନିଧି ଦଳ ଓଡ଼ିଶାର ଅଟୋମୋବାଇଲ୍ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଉଭୟ ପକ୍ଷ ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ଏବଂ ସ୍ଥାୟୀ ଶିଳ୍ପ ଅଭିବୃଦ୍ଧି ପାଇଁ ବୈଷୟିକ ଭାଗିଦାରୀର ସୁଯୋଗ ନେବା ସମ୍ପର୍କରେ ଆଲୋଚନା କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରତିନିଧି ଦଳକୁ ଓଡ଼ିଶାର ଇତିହାସ, ଏହାର ସମୃଦ୍ଧ ଐତିହ୍ୟ ଏବଂ ସାମ୍ପ୍ରତିକ କୃଷି ସ୍ଥିତି ସମ୍ପର୍କରେ ଅବଗତ କରାଇବା ସହ ପରମ୍ପରା ଏବଂ ଆଧୁନିକ ବିକାଶ ମଧ୍ୟରେ ରାଜ୍ୟର ସନ୍ତୁଳିତ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ।

**AFFIDAVIT**

By virtue of an affidavit sworn before Executive Magistrate, Nayagarh affidavit no.912 dtd.07.05.2026, I Ranjan Kumar Dash S/o-Raj Kishore Dash, At-Itamati Bus-Stand Po/Ps-Itamati Dist-Nayagarh, Pin-752068 Odisha do hereby declare that I have changed my minor sons name from Ayush Dash to Ayush Rudra Dash. Henceforth he will be known as Ayush Rudra Dash for all purposes.

# ବିଜେପିରେ ସାମିଲ ହେଲେ ବହୁ ନେତା ଓ କର୍ମୀ



ଭୁବନେଶ୍ୱର, ୭/୫(ନିପ୍ର): ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ଏବଂ ରାଜ୍ୟରେ ଡବଲଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଗୁରୁବାର ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ, ରାୟଗଡା ଜିଲ୍ଲା ଓ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ନିର୍ବାଚନମଣ୍ଡଳୀର ବହୁ ସରପଂଚ, ନାଏବ ସରପଂଚ, ପଂଚାୟତ ସମିତି ସଭ୍ୟ, ୱାର୍ଡସଭ୍ୟ, ବରିଷ୍ଠ ଓ ଯୁବନେତା ବିଜେଡି ଓ କଂଗ୍ରେସ ଛାଡି ଆନୁଷ୍ଠାନିକଭାବେ ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ କହିଛନ୍ତି ଯେ, ଦେଶର ୨୨ ରାଜ୍ୟରେ ବିଜେପି ଏବଂ ଏନ୍‌ଡିଏ ସରକାର ଅଛି। ସାଂସଦ, ବିଧାୟକଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରତିନିଧି ପର୍ଯ୍ୟନ୍ତ ସବୁଠି ବିଜେପି ଏକ ତରଫା ଭାବେ ଭାରତବର୍ଷରେ ଆଦୃତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ବିଶ୍ୱର ସବୁଠାରୁ ବଡ ରାଜନୈତିକ ଦଳ ହୋଇପାରିଛି। ସଂକଳ୍ପରୁ ସିଦ୍ଧି କାରଣରୁ ସମସ୍ତେ ଆଜି ବିଜେପିରେ ଯୋଗ ଦେଉଛନ୍ତି। ଓଡ଼ିଶାରେ ଅନେକ ସମ୍ଭାବନା ରହିଛି। ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶାକୁ ୧ନମ୍ବର ରାଜ୍ୟ କରିବା ପାଇଁ ସ୍ୱପ୍ନ ଦେଖୁଛନ୍ତି। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ସେ ଯେଉଁ ପ୍ରୟାସ ଜାରି ରଖିଛନ୍ତି, ସେଥିରେ ଓଡ଼ିଶାର ସର୍ବାଧିକ ଭାଗିଦାରୀ ରହିବ। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଢ଼ିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏଥିରେ ଆମ ସମସ୍ତଙ୍କୁ ସହଯୋଗ କରିବାକୁ ପଡ଼ିବ। ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରି ରାଜ୍ୟ ଓ ଦେଶକୁ ବିକଶିତ କରିବା ଅଭିମୁଖେ ଆଗେଇ ନେବାକୁ ଆମକୁ ସଂକଳ୍ପ ନେବାକୁ ହେବ ବୋଲି ଶ୍ରୀ ସାମଲ କହିଛନ୍ତି। ଏହି ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଂଚାୟତର ସାମାଜିକ କର୍ମୀ ପ୍ରତାପଚନ୍ଦ୍ର ପରିଡ଼ା, ସରପଂଚ ଦୀପକ ପରିଡ଼ା, ପୂର୍ବତନ ସରପଂଚ ରମାରଞ୍ଜନ ମହାନ୍ତି, ପଂଚାୟତ ସମିତି ସଭ୍ୟ ଅମିୟ ରଞ୍ଜନ ସେଠୀ, ପୂର୍ବତନ ସରପଂଚ ପ୍ରଫୁଲ୍ଲ କୁମାର ସେନାପତି, ଯୁବ ବିଜେଡି ସଭାପତି ରଘୁନାଥ ନାୟକ, ନାଏବ ସରପଂଚ ପ୍ରଭିଷାଣୀ ନାୟକ, ୱାର୍ଡ ମେମ୍ବର ପ୍ରଭାତ କୁମାର ନାୟକ, ଦେବାଶିଷ ମହାନ୍ତି, ବାପିନା ମହାନ୍ତି, କୈଳାସ ବିଶ୍ୱାଳ, କାକଟପୁର ବ୍ଲକ ପାଟସୁନ୍ଦରପୁର ପଂଚାୟତ ସମିତି ସଭ୍ୟ ମନୋଜ କୁମାର ନାୟକ, ପୂର୍ବତନ ସରପଂଚ ପ୍ରଦୀପ୍ତ କୁମାର ଦଳେଇ, ପ୍ରହଲ୍ଲାଦ ସାହୁ, କାକଟପୁର ବ୍ଲକ ଅବଦାନ ପଂଚାୟତର ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା, ଲତାହରଣ ପଂଚାୟତ ପୂର୍ବତନ ବିଜେଡି ସଭାପତି ଗଙ୍ଗାଧର ନାୟକ, ନୟାହାଟ ଇଶାଣପୁର ସରପଂଚ ବିନୋଦିନୀ ପାଲ, ନାଏବ ସରପଂଚ ମିଲି ଜେନା, ବିଜେଡି ନେତା ବସନ୍ତ ପାଳ, ମଂଟୁ ଦଳେଇ ସମେତ ଅନ୍ୟାନ୍ୟ ଜନପ୍ରତିନିଧି ଏବଂ ୱାର୍ଡ ମେମ୍ବରମାନେ ନିଜନିଜ ଶତାଧିକ ସମର୍ଥକଙ୍କ ସହ ବିଜେପିରେ ଯୋଗ ଦେଇଛନ୍ତି।

## ଲାଞ୍ଜିଗଡ଼ ବ୍ଲକ ଗସ୍ତରେ ସ୍ୱାସ୍ଥ୍ୟମନ୍ତ୍ରୀ ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି

ଲାଞ୍ଜିଗଡ଼, ୭/୫(ନିପ୍ର): ଦିନିକିଆ କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସି ଲାଞ୍ଜିଗଡ଼ ବ୍ଲକ ପରିଦର୍ଶନ କରିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ପ୍ରଥମେ ମନ୍ତ୍ରୀ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସରକାର ଓ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଚାଲିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ। ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଡା. ଭବାନୀଶଙ୍କର ଲେଙ୍କାଙ୍କ ସହିତ ରୋଗୀ କଲ୍ୟାଣ ସମିତିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ମନ୍ତ୍ରୀ ଚନ୍ଦନପୁର ଗାଁ ଯିବା ସହିତ ନିର୍ମାଣାଧୀନ ପିଏମ ଜନମନ ଘର ଦେଖି ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ଲାଞ୍ଜିଗଡ଼ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ଦର୍ଶନ କରିବା ପରେ ବିଜେପି ଦ୍ୱାରା ଆୟୋଜିତ ଦଳୀୟ କର୍ମୀ ସମ୍ମିଳନୀରେ ଉଦ୍‌ବୋଧନ ଦେଇଥିଲେ। ବିଜେପି ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଗାଁ ଗାଁରେ ବାର୍ତ୍ତା ପହଞ୍ଚାଇବାକୁ ସେ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.: CAOCRSPBBS-15-2026

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅନ୍ତର୍ଗତ ହାଓଡ଼ା-ବିଶାଖାପାଟଣା ମେନ୍ ଲାଇନ୍‌ରେ ମଣ୍ଡଶା-ସୁମାଦେବୀ ଷ୍ଟେସନ ମଧ୍ୟରେ କି.ମି. 666/5-7 ଠାରେ ଏଲ୍‌ସି ସଂ. 361 ପରିବର୍ତ୍ତେ ରେଲୱେ ଅଂଶ ପାଇଁ 1x36.0m କମ୍ପୋଜିଟ୍ ଗର୍ଡର + 3x24.0m କମ୍ପୋଜିଟ୍ ଗର୍ଡର ଏବଂ 2x10.37m କଠିନ ସ୍ଲାବ୍ + 1x14.0m ଗର୍ଡର ସ୍ପାନ୍ ବିଶିଷ୍ଟ ରୋଡ଼ ଓଭର ବ୍ରିଜ୍ (ROB) ର ନିର୍ମାଣ ।

ବିଜ୍ଞାପିତ ମୂଲ୍ୟ (₹) : 59,47,89,139.81, EMD (₹) : 1,18,95,800.00, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.20.05.2026 ରିଖ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.06.2026 ରିଖ 1200 ଘଟିକାରେ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/RSP, ଭୁବନେଶ୍ୱର

PR-40/CJ/26-27

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ